visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.270, Bhubaneswar Monday, December 09, 2019 ୨୨ତମ ବର୍ଷ ସଂଖ୍ୟା–୨୭୦ ଭୁବନେଶ୍ୱର , ସୋମବାର, ଡିସେମ୍ବର ୦୯, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ପାଇକ ବିଦ୍ରୋହ ସ୍ମାରକ ଶିଳାନ୍ୟାସ ଓ ଭୂମି ପୂଜନ କଲେ ରାଷ୍ଟ୍ରପତି

ଆଗାମୀ ଦିନରେ ତୀର୍ଥ ସ୍ଥଳର ମାନ୍ୟତା ପାଇବ ପାଇକ ବିଦ୍ରୋହ ସ୍ମାରକୀ

Laying of Foundation Stone for
orial for Paika Rebellion
iant uprising of Paikas against the British rule
by
Shri Ram Nath Kovind
Hon'ble President of India
ବ୍ରିଟିଶ ଶାସନ ବିରୋଧରେ ପାଇକମାନଙ୍କର ଏକ ଆପତ୍ତିକ ବିଦ୍ରୋହ

ଭୁବନେଶ୍ୱର, (ପିଏନ)– ଖୋର୍ଦ୍ଧାର ବରୁଣେଇ ଠାରେ ହେବାକୁ ଥିବା ପାଇକ ବିଦ୍ରୋହ ସ୍ମାରକୀ ପରିସର ଆମର ଇତିହାସର ଗୌରବଶାଳୀ ଅଧ୍ୟାୟକୁ ଦେଶବାସୀଙ୍କୁ ପରିଚିତ କରାଇବା ସହ ଦେଶର ଯୁବପୀଢୀଙ୍କୁ ନିଜର ପୂର୍ବପୁରୁଷ ମାନଙ୍କର ବଳିଦାନର ମହତ୍ୱକୁ ବୁଝାଇବ । ଆଗାମୀ ଦିନରେ ଏହି ପରିସର ଏକ ତୀର୍ଥସ୍ଥଳରେ ପରିଣତ ହେବ ବୋଲି କହିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ । ବରୁଣେଇ ଠାରେ ପାଇକ ବିଦ୍ରୋହ ସ୍ମାରକ ସ୍ଥଳୀର ଶିଳାନ୍ୟାସ ଓ ଭୂମିପୂଜନ ଅବସରରେ ରାଷ୍ଟ୍ରପତି ଶ୍ରୀ କୋବିନ୍ଦ ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହଲାଦ ସିଂହ ପଟେଲ, କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ରାଜ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

ରାଷ୍ଟ୍ରପତି ତାଙ୍କର ଅଭିଭାଷଣରେ କହିଥିଲେ ଯେ ଖୋରଧାର ଏହି ପବିତ୍ର ଭୂମିରୁ ପାଇକ ବିଦ୍ରୋହର ବୀର ବଳିଦାନୀ ମାନଙ୍କୁ ସେ ପ୍ରଣାମ କରୁଛନ୍ତି । ଭଗବାନ ଜଗନ୍ନାଥଙ୍କ ଏହି କ୍ଷେତ୍ର ଭକ୍ତି ଓ କ୍ରାନ୍ତିର ଏକ ଅପୂର୍ବ ସଂଗମ ପ୍ରସ୍ତୁତ କରିଛି । ପାଇକ ଆନ୍ଦୋଳନର ବିଦ୍ରୋହୀ ମାନେ ଯେତେବେଳେ ଶସ୍ତ୍ର ଉଠାଇଥିଲେ ସେମାନଙ୍କର ସେତେବେଳେ ଯୁଦ୍ଧଘୋଷ ଥିଲା ଜୟ ଜଗନ୍ନାଥ । ଏହି ବିଦ୍ରୋହ କାରଣରୁ ଇଂରେଜ ମାନେ ପ୍ରଥମେ ଜୟୀ ରାଜଗୁରୁଙ୍କୁ ଫାସି ଦେଇ ଥିଲେ । ସେମାନେ ଭାବିଥିଲେ ଯେ ଏହା ଦ୍ୱାରା ସେମାନେ ଏହି ଆନ୍ଦୋଳନକୁ ଦବାଇ ଦେବେ । ହେଲେ ଏପରି ହୋଇ ନଥିଲା । ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ନେତୃତ୍ୱରେ ପାଇକ ମାନେ ଇଂରେଜ ମାନଙ୍କ ବିରୁଦ୍ଧରେ ଲଢେଇ ଲଢିଥିଲେ । ସମାଜର ସମସ୍ତ ବର୍ଗର ଲୋକ ମାନେ ଇଂରେଜ ମାନଙ୍କ ବିରୁଦ୍ଧରେ ଏହି ଲଢେଇରେ ସାମିଲ ହୋଇଥିଲେ । ସେ କହିଛନ୍ତି ଯେ ଏହି ଆନ୍ଦୋଳନର ଦୁଇ ଶହ ବର୍ଷ ପୂର୍ତି ଅବସରରେ ଭାରତ ସରକାର ଏହାକୁ ବଡ ଆକାରରେ ଆୟୋଜନ କରିଥିଲେ । ଏ ସଂକ୍ରାନ୍ତରେ ଅଧ୍ୟୟନ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଚେୟାର ମଧ୍ୟ ସ୍ଥାପନା କରା ଯାଇଛି ।

ରାଷ୍ଟ୍ରପତି କହିଥିଲେ ଯେ ଏହି ଉତ୍କଳର ପବିତ୍ର ଭୂମିରେ ସେହି ଶକ୍ତି ରହିଛି ଯାହା ଚଣ୍ଡାଶୋକକୁ ଧର୍ମାଶୋକରେ ପରିଣତ କରାଇ ଦେଇଥିଲା । ଓଡିଶା ପ୍ରାଚୀନ କାଳରୁ କଳା ଓ ସଂସ୍କୃତି କ୍ଷେତ୍ରରେ ଉତ୍କର୍ଷ ହାସଲ କରି ପାରିଛି । ରାଷ୍ଟ୍ରପତି ତାଙ୍କର ଅଭିଭାଷଣରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଠାରୁ ଆରମ୍ଭ କରି ବିଜୁ ପଟ୍ଟନାୟକଙ୍କୁ ମନେ ପକାଇଥିଲେ ।

ସେ କହିଛନ୍ତି ଯେ ଆମ ସମସ୍ତଙ୍କୁ ମନେ ରଖିବା ଉଚିତ ଯେ ଭାରତର ଗୌରବ ଓ ସ୍ୱାଧୀନତା ପାଇଁ ଅସଂଖ୍ୟ ଲୋକ ମାନେ ବଳିଦାନ ଦେଇଛନ୍ତି ।

ତାଳଚେର ବିଧାୟକଙ୍କ ଗାଡି ପୋଡିଲେ ଦୁର୍ବୃତ

ଭୁବନେଶ୍ୱର,(ପିଏନ)– ତାଳଚେରର ବିଜେଡି ବିଧାୟକ ବ୍ରଜ କିଶୋର ପ୍ରଧାନ ନିଜର କ୍ୟାମ୍ପ ଅଫିସରେ ଶୋଇଥିବା ବେଳେ ତାଙ୍କୁ ତାଲା ପକାଇ ଦୁର୍ବୃତ ମାନେ ତାଙ୍କର ଗାଡିକୁ ପୋଡି ଦେଇଛନ୍ତି । ଏହି ମାମଲାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାରେ ତଦନ୍ତ ଆରମ୍ଭ କରିଛି । ଏହା ପୂର୍ବରୁ ସଂପୃକ୍ତ ବିଧାୟକଙ୍କ ଘରେ ନିଆଁ ଲଗାଇ ଦିଆ ଯାଇଥିବା ବୋଲି ଘଟଣା ମାନ ହୋଇ ସାରିଛି ।ମିଳିଥିବା ସୂଚନା ଅନୁସାରେ ତାଳଚେରର ବିଜେଡି ବିଧାୟକ ବ୍ରଜକିଶୋର ପ୍ରଧାନ ଶନିବାର ଦିନ ଅନୁଗୁଳ ଜିଲ୍ଲା ବିକ୍ରମପୁର ଥାନା ଅନ୍ତର୍ଗତ ନନ୍ଦିରା ଗାଁ ସ୍ଥିତ କ୍ୟାମ୍ପ ଅଫିସରେ ଶୋଇଥିଲେ । ତେବେ ବିଳମ୍ବିତ ରାତ୍ରୀରେ କିଛି ଦୁର୍ବୃତ ବିଧାୟକଙ୍କ କ୍ୟାମ୍ପ୍ ଅଫିସକୁ ଆସି ଥିଲେ ।

ରାଷ୍ଟ୍ରପତିଙ୍କ ଦିଲ୍ଲୀ ପ୍ରତ୍ୟାବର୍ତନ

ଭୁବନେଶ୍ୱର,(ପିଏନ)-- ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଭାରତର ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ଆଜି ଅପରାହ୍ନରେ ବାୟୁସେନାର ସ୍ୱତନ୍ତ୍ର ବିମାନଯୋଗେ ଦିଲ୍ଲୀ ପ୍ରତ୍ୟାବର୍ତନ କରିଛନ୍ତି । ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀକ ବିମାନଘାଟୀ ଠାରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶ୍ରୀ ପ୍ରତାପ ଷଡ଼ଙ୍ଗୀ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ଡି.ଜି. ସତ୍ୟଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଦାୟ ଦେଇଥିଲେ ।

ଗରିବ ଓଡିଆ ପିଲାର ବୁଦ୍ଧିର ପ୍ରୟୋଗଶାଳା ହେଉ ଉତ୍କଳ ବିଶ୍ୱବିଦ୍ୟାଳୟ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, (ପିଏନ)– ଦାରିଦ୍ର୍ୟରୁ ସମ୍ପନ୍ନତାକୁ ଯିବାର ଚାବିକାଠି ଶିକ୍ଷାରେ ଅଛି । ତେଣୁ ଆଜିର ଦିନରେ ଉତ୍କଳ ବିଶ୍ୱବିଦ୍ୟାଳୟ ଗରିବ ଘରର ପିଲାକୁ ଉଚ୍ଚଶିକ୍ଷିତ କରିବାରେ ଏକ ପ୍ରୟୋଗଶାଳା ହେଉ ବୋଲି ରବିବାର ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ଲାଟିନମ୍ ଜୁବୁଲି ଉଦଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଆଗାମୀ ଶତାବ୍ଦୀର ଯାତ୍ରାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଉପଲବ୍ଧି କେବଳ ଓଡିଶା କିମ୍ବା ଦେଶକୁ ନୁହେଁ ବିଶ୍ୱ ସାମ୍ନାରେ ଥିବା ଜଟିଳ ସମସ୍ୟାକୁ ସମାଧାନ କରିବାରେ ବଡ ଭୂମିକା ନେବ ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ୭୫ ବର୍ଷର ଲମ୍ବା ଯାତ୍ରାରେ ଓଡିଶାର ସମାଜ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅନ୍ତରାଷ୍ଟ୍ରୀୟ ସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଅନେକ ବ୍ୟକ୍ତିତ୍ୱଙ୍କର ଲମ୍ବା ତାଲିକାର ଆଦିଭୂମି ହେଉଛି ଏହି ବିଶ୍ୱବିଦ୍ୟାଳୟ । ପ୍ରଶାସନ, ସାହିତ୍ୟ, କଳା, ସମାଜ ସେବା, ରାଜନୀତି ସବୁ କ୍ଷେତ୍ରରେ ରାଜ୍ୟର ଅନେକ ପ୍ରମୁଖ ବ୍ୟକ୍ତିତ୍ୱଙ୍କର ଲମ୍ବା ସଫଳତାର ଯାତ୍ରାର ଆଦିଭୂମି ହେଉଛି ଏହି କ୍ୟାମ୍ପସ । ସେହିପରି ଓଡିଆ ଜାତି, ପ୍ରାଚୀନ ସଂସ୍କୃତି ଓ ପରମ୍ପରା ବିଶ୍ୱର ଅନ୍ୟ ଜାତିରୁ ଅନ୍ୟତମ । ଏହିଭଳି ଅନେକ ସଂସ୍କାର, ପରମ୍ପରା, ଜୀବନଶୈଳି ବିଶ୍ୱବିଦ୍ୟାଳୟ ୭୫ ବର୍ଷରେ ଦେଇଛି ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେଉଁମାନେ ଓଡିଶାର ସ୍ୱତନ୍ତ୍ରତାର ସ୍ୱପ୍ନ ଦେଖିଥିଲେ, ଓଡିଶା ପାଇଁ ନୂଆ କଳ୍ପନା କରିଥିଲେ, ଓଡିଶାକୁ ଜାତୀୟ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ ସେହିଭଳି ମହାନୁଭବଙ୍କ ନେତୃତ୍ୱରେ ଉତ୍କଳ ବିଶ୍ୱବିଦ୍ୟାଳୟର ମଞ୍ଜି ବୁଣାଯାଇଥିଲା ଏବଂ ଆଜି ସେହି ମଞ୍ଜି ବିଶାଳ ବଟ ବୃକ୍ଷର ରୂପ ନେଇଛି । ତେଣୁ ଆଗାମୀ ଦିନରେ ସମସ୍ତଙ୍କ ସହଯୋଗରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଅଗ୍ରଣୀ ବିଶ୍ୱବିଦ୍ୟାଳୟ କରିବାର ଆବଶ୍ୟକତା ରହିଛି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଏଠାରେ ଅଶୋକ ଯୁଦ୍ଧରେ ଲକ୍ଷ ଲକ୍ଷ ଓଡିଆ ଲୋକଙ୍କୁ ମାରିବା ପରେ ଚଣ୍ଡାଶୋକରୁ ଧର୍ମାଶୋକକୁ ପରିବର୍ତିତ ହୋଇଥିଲେ । ଓଡିଆ ଲୋକଙ୍କୁ ଅଶୋକ ହରେଇନଥିଲେ ବରଂ ଅଶୋକାଙ୍କର ଅହଁଙ୍କାରକୁ ଓଡିଆ ଲୋକମାନେ ହରାଇଥିଲେ । ଅପରପକ୍ଷରେ ଗୋଟିଏ ସମୟରେ ଇସ୍ରାଏଲ ପୃଥିବୀର ନକ୍ସାରୁ ବିଲୁପ୍ତ ହୋଇଯାଇଥିଲା । ମାତ୍ର ଆଜି ଏକବିଂଶ ଶତାବ୍ଦୀରେ ଇସ୍ରାଏଲକୁ ଜ୍ଞାନ କୌଶଳର ଏକ ଶକ୍ତିଶାଳୀ ଦେଶ ଭାବେ ତିଆରି କରବାରେ ଇସ୍ରାଏଲର ବୁଦ୍ଧୀଜୀବୀ ମାନଙ୍କର ତଥା ଇସ୍ରାଏଲର ବୁଦ୍ଧୀଜୀବୀ ମାନଙ୍କ ଦ୍ୱାରା ପରିକଳ୍ପିତ ବିଶ୍ୱବିଦ୍ୟାଳୟର ପାଠ୍ୟପୁସ୍ତକର ବଡ ଅବଦାନ ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ କାହିଁକି ବିଶ୍ୱବିଦ୍ୟାଳୟ ଇତିହାସର ପୁନଃରଚନା କଥା ନଭାବିବ । ଯାହାର ଶକ୍ତି ଅଛି ତାକୁ ସମାଜକୁ ଦିଗବିଜୟ ହେବାର ଶ୍ରେୟ ମିଳିଛି । ଓଡିଆ ଲୋକ ଚାହିଁଲେ ଉତ୍କଳ ବିଶ୍ୱବିଦ୍ୟାଳୟ ବିଶ୍ୱସ୍ତରର ହୋଇପାରିବ ବୋଲି ସେ କହିଛନ୍ତି । ସେହିଭଳି ଏକବିଂଶ ଶତାବ୍ଦୀ ଏକ ଜ୍ଞାନର ଶତାବ୍ଦୀ । ଆଗାମୀ ୨୫ ବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ପୃଥିବୀର ଏକ ଜ୍ଞାନ କେନ୍ଦ୍ର ଭାବେ ଗଢି ଉଠୁ । ଏଥିପାଇଁ ସମସ୍ତଙ୍କୁ ସଂକଳ୍ପ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

ବରିଷ୍ଠ ରାଜନେତା ଭାଗବତ ପ୍ରସାଦ ମହାନ୍ତିଙ୍କ ବିୟୋଗରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୦୮ ଡିସେମ୍ବର – କେନ୍ଦ୍ରାପଡ଼ା ଜିଲ୍ଲାର ଲୋକପ୍ରିୟ ରାଜନେତା, ପୂର୍ବତନ ମନ୍ତ୍ରୀ ଶ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ପରଲୋକରେ ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତାରେ ମନ୍ତ୍ରୀ ଶ୍ରୀ ଆରୁଖ କହିଛନ୍ତି ଯେ ବର୍ଷୀୟାନ ରାଜନେତା ଶ୍ରୀ ମହାନ୍ତି ଜଣେ ଦରଦୀ, ସମ୍ବେଦନଶୀଳ ଏବଂ ଉତ୍ସର୍ଗୀକୃତ ଜନପ୍ରତିନିଧି ଭାବେ କେବଳ କେନ୍ଦ୍ରାପଡ଼ା ନୁହେଁ ବରଂ ସାରା ରାଜ୍ୟରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ଦଳିତ, ଅବହେଳିତ ଜନସାଧାରଣଙ୍କ ନିରନ୍ତର ସେବା କରି ସେ ଓଡ଼ିଶାର ସାଧାରଣ ଜୀବନକୁ ମଧ ଯଥେଷ୍ଟ ପ୍ରଭାବିତ କରିପାରିଥିଲେ । ଜଣେ ଦକ୍ଷ ଏବଂ କ୍ରିୟାଶୀଳ ମନ୍ତ୍ରୀ ଭାବେ ମଧ ସେ ନିଜର ଅସାଧାରଣ ପାରଦର୍ଶୀତା ପ୍ରତିପାଦନ କରିଛନ୍ତି । ତାଙ୍କ ଭଳି ଜଣେ ଅଭିଜ୍ଞ ଜନନେତାଙ୍କ ପରଲୋକରେ ଓଡ଼ିଶାର ଜନଜୀବନରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ମନ୍ତ୍ରୀ ଶ୍ରୀ ଆରୁଖ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

ବିଶ୍ୱବିଦ୍ୟାଳୟ ବିଚାରର ବଡ କେନ୍ଦ୍ର ହେଲେ ଏକାଙ୍ଗୀ ନୁହେଁ, ଏହା ସମାଜର ଅଂଶବିଶେଷ : ରାଷ୍ଟ୍ରପତି

Utkal University
1943 to 2018 beyond...
Closing Ceremony of
Platinum Jubilee Celebration

ଭୁବନେଶ୍ୱର, (ପିଏନ)– ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ଗୁଡିକ ହେଉଛି ବିଚାରର ବଡ କେନ୍ଦ୍ର ହେଲେ ଏକାଙ୍ଗୀ ନୁହେଁ । ଏହା ସମାଜର ଅଂଶବିଶେଷ ତଥା ଏହା ସମାଜର ପରିବର୍ତନ ସହ ଜଡିତ । ବିଶ୍ୱବିଦ୍ୟାଳୟ କେବଳ ନୂଆ ଜ୍ଞାନର ଆଧାର ପାଇଁ ଅନୁସନ୍ଧାନ କରିବା ଉଚିତ ନୁହେଁ ବରଂ ମାନବ ସମାଜକୁ ଧାରଣ କରୁଥିବା ଜ୍ଞାନ ପାଇଁ ମଧ୍ୟ ଅନୁସନ୍ଧାନ କରିବା ଉଚିତ । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ ଜୁବୁଲି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଷ୍ଟ୍ରପତି କୋବିନ୍ଦ ଏହା କହିଛନ୍ତି । ସେ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟର ଛାତ୍ର ଓ ଶିକ୍ଷକ ମାନେ ବଂଚିତ ଲୋକ ମାନଙ୍କର ସଶକ୍ତିକରଣର ଥିମକୁ ନେଇ ସମ୍ବେଦନଶୀଳ ହେବା ଆବଶ୍ୟକ । ପରିବେଶ, ଶିକ୍ଷା ଓ ସ୍ୱାସ୍ଥ୍ୟ ଯେଉଳି ବିଷୟ ଉପରେ ଧ୍ୟାନ ଦେବା ଆବଶ୍ୟକ । ଉତ୍କଳ ବିଶ୍ୱବିଦ୍ୟାଳୟ ପରି ବିଶ୍ୱବିଦ୍ୟାଳୟ ନିକଟରେ ମଲଟି ଡିସିପ୍ଲିନାରୀ ଫକଲଟି ହେବା କାରଣରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଏହି କାମ ଭଲ ଭାବରେ କରି ପାରିବ ବୋଲି ସେ କହିଥିଲେ । କୌଣସି ସଂସ୍ଥାନର ପ୍ଲାଟିନମ ଜୁବୁଲି ଭଳି ଅବସର ମାଇଲ ଖୁଂଟ ଭଳି ହୋଇଥାଏ । ଏକ ଲମ୍ବା ଯାତ୍ରା ପରେ ଆମେ ଅଟକି ଦେଖିବା ଆବଶ୍ୟକ ଯେ ଆମେ କଣ କରିଛେ ଓ ଆମକୁ ପୁଣି ଆଗକୁ ବଢିବାର ଅଛି । ବିଭିନ୍ନ କ୍ଷେତ୍ରରେ ଉପଲବ୍ଧି ମାନ ଦେଖି ଏଥିରେ କଣ ସୁଧାର କରା ଯାଇ ପାରିବା ତାହା ଦେଖିବା ହେଉଛି ସମୟର ଆବଶ୍ୟକତା । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ,ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରୀୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓ ବିଶ୍ୱବିଦ୍ୟାଳୟର କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦାବି

ଭୁବନେଶ୍ୱର,(ପିଏନ)– ଉତ୍କଳ ସମ୍ମିଳନୀ, ମଂଚେଶ୍ୱର ଶିକ୍ଷାଂଚଳ ଶାଖାର କାର୍ଯ୍ୟନିର୍ବାହୀ ସମିତି ବୈଠକ ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି କହିଥିଲେ ଯେ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ସାରା ରାଜ୍ୟବାସୀ ୨୫ ବର୍ଷ ହେଲା ରାଜ୍ୟ ସଙ୍ଗୀତ ଭାବେ ଦାବି କରୁଥିଲେ ମଧ ତାହା ଆଜିପର୍ଯ୍ୟନ୍ତ ହୋଇପାରୁ ନାହିଁ । ଆଜି ତାଙ୍କ ଜୟନ୍ତୀରେ ରାଜ୍ୟ ସଙ୍ଗୀତ ପାଇଁ ରାଜ୍ୟ ସରକାର ଯତ୍ନବାନ ହେବାବୋଲି ଉତ୍କଳ ସମ୍ମିଳନୀ ଦାବି କରୁଛି । ମଂଚେଶ୍ୱର ଶିକ୍ଷାଂଚଳ ଶାଖାର ନିର୍ବାଚନ ଆସନ୍ତା ଜାନୁଆରୀ ୧୨ ତାରିଖ ଦିନ ହେବ ବୋଲି ବୈଠକରେ ନିଷ୍ପତି ନିଆଗଲା । ବୈଠକରେ ବରିଷ୍ଠ ସଦସ୍ୟ ଡଃ ଦ୍ୱାରିକାନାଥ ମହାନ୍ତି, ଉପ-ସଭାପତି ପ୍ରତାପ ଚନ୍ଦ୍ର ସ୍ୱାଇଁ ଓ ଶୀତଳ ଚନ୍ଦ୍ର ମହାନ୍ତିଙ୍କ ସମେତ ଯୁଗ୍ମ-ସମ୍ପାଦକ ଅଶୋକ କୁମାର ପାଲଟାସିଂହ, ପ୍ରସନ୍ନ ରଥ, ମହେଶ୍ୱର ବିଶ୍ୱାଳ, ଇଂ. ନଳିନୀ ମହାନ୍ତି, ଗୋପୀମୋହନ ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ ଓ କ୍ଷେତ୍ର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ଶେଷରେ ପ୍ରତାପ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ ।

ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର, (ପିଏନ)– ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭାଗବତ ପ୍ରସାଦ ମହାନ୍ତିଙ୍କର ପରଲୋକ ଘଟିଛି । ଭୁବନେଶ୍ୱର ସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା । ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି ।

ଉଲ୍ଲେଖନୀୟ ଯେ ଭାଗବତ ମହାନ୍ତି କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୩ ଥର ବିଜୟୀ ହୋଇଥିଲେ । ସେ ରାଜ୍ୟ ସରକାରରେ ରାଜସ୍ୱ ଓ ଶିକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରି ସୁଚାରୂ ରୁପେ୍ ନିଜର ଦାୟିତ୍ୱ ସମ୍ପାଦନ କରିଥିଲେ ।

ସେ ପଂଚମ ବିଧାନସଭାକୁ ସେ ପ୍ରଥମେ ପ୍ରଜା ସୋସିଆଲିଷ୍ଟ୍ ପାର୍ଟି ଟିକେଟେରେ ବିଜୟୀ ହୋଇଥିଲେ । ଏହା ପରେ କଂଗ୍ରେସ ଟିକେଟ୍ରେ ନବମ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ତା'ପରେ ଏକାଦଶ ବିଧାନସଭାକୁ ଭାରତୀୟ ଜାତୀୟ କଂଗ୍ରେସ ଟିକେଟରେ ନିର୍ବାଚିତ ହୋଇଥିଲେ ।

ଅନଧିକୃତ ଜମାରାଶି ସଂଗ୍ରହ ମହାଠକେଇ ଘଟଣାରେ ଓଡିଶା ସରକାର ଜମାକାରୀଙ୍କୁ ପ୍ରତାରିତ କରିଛନ୍ତି

ଜାନୁଆରୀରେ ରାଜ୍ୟବ୍ୟାପୀ ତହସିଲସ୍ତରୀୟ ଶକ୍ତିଶାଳୀ ଓ ବ୍ୟାପକ ଜମାକାରୀଗଣ ସତ୍ୟାଗ୍ରହ ଅନୁଷ୍ଠିତ ହେବ

ଭୁବନେଶ୍ୱର (ପି.ଏନ): ଓଡିଶା ସରକାର ୨୦୧୪ ମସିହାରୁ କର୍ପସ ପାଣ୍ଠି ଗଠନ କରି ସେଥିରେ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପ୍ରତିଶୃତି ଦେଇ ମଧ୍ୟ ଏ ପର୍ଯ୍ୟନ୍ତ ଫେରସ୍ତନାମ ଧରୁନାହାନ୍ତି । ଗତ ସାଧାରଣ ନିର୍ବାଚନ ପୂର୍ବରୁ ବାଲେଶ୍ୱର ସମେତ କେତେକ ସ୍ଥାନରେ ୯/୧୦ ହଜାର କ୍ଷତିଗ୍ରସ୍ତ ଜମାକାରୀଙ୍କୁ ମୁଣ୍ଡପିଛା ୧୦ ହଜାର ଟଙ୍କା ତଳକୁ ଜମାରାଶି ଫେରାଇ ଅନ୍ୟୁନ ୫୦ ଲକ୍ଷ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ପ୍ରଭାବିତ କରାଇ ଭୋଯ ନେି ପୁଣି କ୍ଷମ୍ତାରେ ବସିଲେ । ମାତ୍ର ଅନଧିକୃତ ଜମାରାଶି ସଂଗ୍ରହ ମହାଠକେଇଉପରେ ନିଯୁକ୍ତ ନ୍ୟାୟମୂର୍ତ୍ତି ମଦନମୋହନ ଦାସ ତଦନ୍ତ କମିଶନ୨୦୧୯ଜୁନ ପ୍ରଥମ ସପ୍ତାହ ୭ ଦଫାରେ ଦାଖଲକରିଥିବା କ୍ଷତିଗ୍ରସତି ଜମାକାରୀ ତାଲିକାରୁ ମାତ୍ର ନିର୍ବାଚନ ପୂର୍ବପ୍ରଥମ ଓ ଦ୍ୱିତୀୟ ଦପା ଜମାକରୀ ତାଲିକା ନେଇ ତହସିଲ ଥାନା ଓ ପ୍ରଶାସନିକ ପ୍ରତିନିଧିଙ୍କ ଦ୍ୱାରା ଯାଂଚ କଲାବେଳେ ଅନେକଙ୍କ ଠାରୁ ଲଣ୍ଡେମନିଟି ବଣ୍ଡ ନେଇମଧ୍ୟ ଟଙ୍କା ଫେରାଇ ନାହାନ୍ତି । ଏବେ ରାଜ୍ୟ ବିଜେଡି ସରକାର କେନ୍ଦ୍ର ଶାସକ ବିଜେପି ସରକାରଙ୍କ ଅସାଧୁ ବନ୍ଧୁତା ସୃଷ୍ଟିକରି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖା ,ଓଡିଶା ପୋଲିସ, ସିବିଆଇ ଏବଂ ଇଡିଙ୍କ ତଦନ୍ତକୁ ମହା ନିଦ୍ରାରେ ଶୁଆଇ ଦେଇଛନ୍ତି ।ଏପରିକି ବାଲେଶ୍ୱର,କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ଓଡିଶା ଜମାକାର ସ୍ୱାର୍ଥ ସୁରକ୍ଷା ଆଇନ ଭିତିରେ ଗଠିତ ୪ଟି ଯାକ ସ୍ୱତନ୍ତ ଅଦାଲତରେ ଖାଲିପଡିଥିବା ବିଚାରପତି ପଦବୀରେ ସରକାର ବିଚାରପତି ନିଯୁକ୍ତି ଦେଉନାହାନ୍ତି ।ମକଦ୍ଦମା ଗୁଡିକର ତଦନତ ଆଗକୁ ନେଉନାହାନ୍ତି । କିମ୍ବା ଟଙ୍କା ଫେରସ୍ତ କରିବାର ନା ଧରୁନାହାନ୍ତି । କମପାନୀମାନଙ୍କ ସମ୍ପତ୍ତି ସମ୍ପର୍କରେ ଜଣାଇଲେ ମଧ୍ୟ ସମସତ ସମ୍ପତ୍ତି ଜବତ କରୁନାହାନ୍ତି । ଯେତିକି ସମ୍ପତ୍ତି ଜବତ କରିଥିଲେ ସେଥିରୁ କେତେକ ସମ୍ପତ୍ତି ଇ ନିଲାମ ନାମରେ ଶାଗ ମାଛ ଦାମରେ ଅଭାବୀ ବିକ୍ରି କରାଇ ଜମାକାରୀଙ୍କ ଟଙ୍କା ଚଳୁ କରୁଛନ୍ତି । ବାହାରିଆ କମ୍ପାନୀ ଯେଉଁମାନଙ୍କର ଓଡିଶାରେ ସମ୍ପତ୍ତି ନାହିଁ ମାତ୍ର ଅନ୍ଯ ରାଜ୍ୟରେ ସମ୍ପତ୍ତି ଅଛି ।

ଟି ଟାଇମ୍

ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ । ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

ନୟାପଲ୍ଲୀର ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପ ପକ୍ଷରୁ ଶ୍ରୀ ଗଣେଷ ମହୋତ୍ସବ ୨୦୧୯ବର୍ଷ ପାଇଁ ସାମ୍ବାଦିକ ସମ୍ମିଳନୀ

ଭୁବନେଶ୍ୱର : ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ନୟାପଲ୍ଲୀର ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ଶ୍ରୀ ଗଣେଷ ମହାପ୍ରଭୁଙ୍କ ପୂଜା ମହାଆଡମ୍ବରରେ ଆୟୋଜନ କରିବାକୁ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପ ପକ୍ଷରୁ ଆଜି ଶ୍ରୀ ଶ୍ରୀ ଆଖଣ୍ଡଳମଣୀ ସେବା ସଂସଦ ପରିସରରେ କମିଟିର ବାର୍ତ୍ତା ସମ୍ପାଦକ ଶ୍ରୀ ଦେବବ୍ରତ ମହାନ୍ତିଙ୍କ ସଂଯୋଜନାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀକୁ ବିଶିଷ୍ଟ ସମାଜସେବୀ ତଥା କମିଟିର ସମ୍ପାଦକ ଶ୍ରୀ ସାଗର ବଳବନ୍ତରାୟ ସଭାପତିତ୍ୱ କରି କହିଛନ୍ତି ଯେ, ଚଳିତବର୍ଷ ଶ୍ରୀ ଗଣେଷ ପୂଜାକୁ ଅନ୍ୟମାନଙ୍କ ଠାରୁ ଟିକେ ଭିନ୍ନ କରିବା ପାଇଁ ଉଭୟ ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପର ସଦସ୍ୟମାନେ ଯୋଜନା କରିଛନ୍ତି ଓ ତଦନୁସାରେ କାର୍ଯ୍ୟ ଆଗେଇ ଚାଲିଛି । ଏଥିପାଇଁ ନୟାପଲ୍ଲୀର ନୂଆସାହିରେ ତିଆରି ଚାଲିଛି ୩୫ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀ ଗଣେଷଙ୍କ ପ୍ରତିମା । କଲିକତାର କାରିଗରମାନେ ଦୀର୍ଘ ଏକମାସ ଧରି ଶ୍ରୀଗଣେଷଙ୍କ ପ୍ରତିମା ପ୍ରସ୍ତୁତିରେ ଲାଗିଛନ୍ତି ଏବଂ ପ୍ରତିମାରେ କୌଣସି ରାସାୟନିକ ପଦାର୍ଥ ବ୍ୟବହାର କରାଯିବ ନାହିଁ ବୋଲି ସ୍ଥିର କରାଯାଇଛି । ଏବର୍ଷ ପୂଜାରେ ଶ୍ରୀ ଗଣେଷଙ୍କୁ ୩୫କିଲୋଗ୍ରାମ୍ ଓଜନ ବିଶିଷ୍ଟ ଲଡୁ ଭୋଗ ଅର୍ପଣ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଦର୍ଶକମାନଙ୍କ ମନ ମୋହିବ ବୋଲି ଆଶା କରାଯାଉଛି । ଆସନ୍ତାମାସ ୭ତାରିଖ ଶନିବାର ଦିନ ପୂଜାର ପୂର୍ଣ୍ଣାହୂତି ଅନୁଷ୍ଠିତ ହେବା ସହ ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ଭକ୍ତମାନଙ୍କ ପାଇଁ ପ୍ରସମାଦସେବନର ସୁବ୍ୟବସ୍ଥା କରାଯାଇଛି । ଏତଦ୍ ଭିନ୍ନ ପୂଜାରେ ପରିବେଶକୁ ସୁରକ୍ଷା ଦେବାପାଇଁ ବୃକ୍ଷରୋପଣର କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନିଆଯାଇଛି । ତା ୦୮.୦୯.୨୦୧୯ ରବିବାର ଦିନ ଶ୍ରୀଗଣେଷ ମହାପ୍ରଭୁଙ୍କ ବିସର୍ଜନ ପର୍ବ ମହାଆଡମ୍ବରରେ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ସୁମନ୍ତ ସାମନ୍ତରାୟ, ରାକେଶ ମହାନ୍ତି, ସୁଜିତ୍ ରାୟ,ସନ୍ତୋଷ କୁମାର ସାହୁ, ବିଦ୍ୟାଧର ବେହେରା, ସିତୁ ବଳବ'ରାୟ, ବିଶ୍ୱଜିତ୍ ବଳବ'ରାୟ ପ୍ରମୁଖ ଉପସ୍ଥିତ ଥିଲେ ବୋଲି କମିଟିର ସହ ବାର୍ତ୍ତା ସମ୍ପାଦକ ବାଦଲ ପରିଡା ସୂଚନା ଦେଇଛନ୍ତି ।

ପୁରାଣ କାହାଣୀ

ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର

ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଜିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିଆର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିଆର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିଆର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିଆରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

ଆଜିର ଭାଗ୍ୟ

ମେଷ କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

କ୍ଳୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାର୍‌ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଳୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଳୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଳୋରିନ୍ କିମ୍ବା କ୍ଳୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଳୋରିନ୍ କିମ୍ବା କ୍ଳୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

ପର୍ଯ୍ୟବେକ୍ଷକ
ମହାନଗର

ବିଳମ୍ବିତ ନ୍ୟାୟ : ପଚିଶ ବର୍ଷ ଭିତରେ ଓଡ଼ିଶାରେ ଫାଶୀ ହୋଇନି

ହାଇଦ୍ରାବାଦର ଛାତିଥରା ଘଟଣା ଓ ପରବର୍ତ୍ତୀ ସମୟର ଏନ୍‌କାଉଣ୍ଟର ସାରା ଭାରତବର୍ଷରେ ହଇଚଇ ସୃଷ୍ଟି କରିଛି। ଏହାର ସମର୍ଥନ ଓ ବିରୋଧାଭାଷ ଭିତରେ ଏକପ୍ରକାର ଦୁଇ ଚିନ୍ତକ ଗୋଷ୍ଠୀ ତିଆରି ହୋଇଯାଇଛନ୍ତି। କୁହାଯାଏ ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ। ନିର୍ଭୟା ଦୁଷ୍କର୍ମ ଘଟଣାର ଅଭିଯୁକ୍ତ ଏଯାବତ୍ କାଳକୋଠରୀରେ ଥିବାବେଳେ ହାଇଦ୍ରାବାଦର ଏହି କଥିତ ଏନ୍‌କାଉଣ୍ଟର ବିଳମ୍ବିତ ନ୍ୟାୟର ଏକ ଭିନ୍ନ ଦିଗକୁ ଦର୍ଶାଉଛି। ପ୍ରତିଟି ଭାରତୀୟ ଭାରତର ପ୍ରକୃତ ସମ୍ବିଧାନ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ଏହାକୁ ବିଶ୍ୱାସ କରିବା ଅତ୍ୟନ୍ତ ପ୍ରୟୋଜନୀୟ। ଏବେ ବର୍ଷ ବର୍ଷ ଧରି ନ୍ୟାୟ ପାଉନଥିବାରୁ ବିଡ଼ମ୍ବିତ ନ୍ୟାୟକୁ ନେଇ ସାଧାରଣରେ କ୍ରୋଧ ପ୍ରଦର୍ଶିତ ହୋଇଥାଏ। ବଳତ୍କାରୀ ମାନଙ୍କୁ ଫାଶୀ ଦଣ୍ଡ ପାଇଁ ପୋକ୍‌ସୋ ଆଇନର ବ୍ୟବସ୍ଥା ହୋଇଛି। ନିକଟରେ ମହାମହିମ ରାଷ୍ଟ୍ରପତି ଏହି ପୋକସୋ ଅଧୀନର ଦୋଷୀମାନଙ୍କୁ କ୍ଷମା ଆବେଦନ ଅନିଶ୍ଚିତ କରିବା ପାଇଁ ଏକ ସାଧାରଣରେ ସଭାରେ ମତବ୍ୟକ୍ତ କରିଛନ୍ତି। ଇତିମଧ୍ୟରେ ଭାରତର ମାନ୍ୟବର ସୁପ୍ରିମକୋର୍ଟ ଏହି ଘଟଣାକୁ ଆଦୌ ସହଜରେ ଗ୍ରହଣ କରିନାହିଁ। କିନ୍ତୁ ଏସବୁ ଭିତରେ ଓଡ଼ିଶା କ୍ଷେତ୍ର ଚିନ୍ତା କଲେ ଗତ ୨୫ବର୍ଷ ଭିତରେ କାହାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଯାଇନାହିଁ। ଓଡ଼ିଶାର ବ୍ରହ୍ମପୁର ସର୍କଲ ଜେଲରେ ଫାଶୀଖୁଣ୍ଟ ରହିଛି। ୧୯୯୪ରେ ଶେଷ ଥର ପାଇଁ ଜଣେ ଅପରାଧୀକୁ ଫାଶୀରେ ଝୁଲାଯାଇଥିଲା। ଏଠାରେ ସୁଧୀ ପାଠକ ମାନଙ୍କୁ ସ୍ମରଣ କରୁଛୁ କି ଯେ, ୧୯୪୩ ମସିହାରେ ଏହି ଫାଶୀ ଖୁଣ୍ଟରେ ବ୍ରିଟିଶ ସରକାର ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କୁ ମିଛ ମାମଲାରେ ଫଶାଇ ଫାଶୀ ଦେଇଥିଲା। ତେବେ ପରବର୍ତ୍ତୀ ସମୟରେ ୧୯୯୪ରେ ମୟୂରଭଞ୍ଜର ଜଣେ ଲକ୍ଷ୍ମଣ ନାୟକ ଏଠାରେ ଫାଶୀ ପାଇଥିଲେ। ସେତେବେଳେ ପୋକ୍‌ସୋ ଆଇନ ନଥାଇ ମଧ୍ୟ ଏହି ବ୍ୟକ୍ତି ନଅ ବର୍ଷର ନିଜ ଝିଅାରୀକୁ ବଳାତ୍କାର ପରେ ନିର୍ଦ୍ଦୟ ଭାବେ ହତ୍ୟା କରିଥିଲେ। ସେତେବେଳେ ଫାଶୀ ଦେବା ପାଇଁ ଓଡ଼ିଶାରେ କୌଣସି ଘାତକ ନଥିବାବେଳେ ମହାରାଷ୍ଟ୍ରରୁ ଜଣେ ଘାତକଙ୍କୁ ଅଣାଯାଇଥିଲା। ସେହିପରି ଓଡ଼ିଶାର ବଲାଙ୍ଗୀର ଜେଲରେ ଗୋରା ଶାସନ ସମୟରେ ବୀର ସୁରେନ୍ଦ୍ର ସାଏଙ୍କ ଦେଶପ୍ରେମୀ ଭାଇ ଉଜ୍ଜ୍ୱଳ ସାଏଙ୍କୁ ଫାଶୀ ଦିଆଯାଇଥିଲା। ତେବେ ସ୍ୱାଧୀନତା ପରେ ବଲାଙ୍ଗୀରରେ ଆଉ କାହାଙ୍କୁ ଫାଶୀ ଦିଆଯାଇନାହିଁ। ଇତିମଧ୍ୟରେ ନବରଙ୍ଗପୁର, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୁଳ, ମୟୂରଭଞ୍ଜ ଆଦିର ଦୌରାଜଜ୍‌ମାନେ ନିକଟ ଅତୀତରେ ଅନେକ ଆସାମୀଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। କିଛି ଅଭିଯୁକ୍ତ ଫାଶୀ ପରିବର୍ତ୍ତେ ଆଜୀବନ କାରାଦଣ୍ଡ ପାଇଥିବାବେଳେ ଆଉ କେତେକଙ୍କ କ୍ଷେତ୍ରରେ ଏହି ମାମଲା ଅଦାଲତରେ ବିଚାରଧୀନ ଥିବାରୁ ସେମାନେ ଏବେ ବି ସେମାନଙ୍କ ନ୍ୟାୟ ପ୍ରତୀକ୍ଷାରେ ରହିଛନ୍ତି। ଓଡ଼ିଶାରେ ଗତବର୍ଷ ପ୍ରାୟ ୧୮ ପ୍ରତିଶତ ଦୁଷ୍କର୍ମ ମାମଲାରେ ଦଣ୍ଡାଦେଶ ହୋଇଛି। ମହିଳାମାନଙ୍କ ପ୍ରତି ଘଟୁଥିବା ହିଂସା ମାମଲାରେ ଓଡ଼ିଶାରେ ଦଣ୍ଡ ବିଧାନ ହାର ୭.୪ ଓ ଶିଶୁମାନଙ୍କ ପ୍ରତି ଘଟୁଥିବା ଅପରାଧରେ ଏହି ହାର ୯.୮ ପ୍ରତିଶତ ଥିବାବେଳେ ଆଇପିସିର ବିଭିନ୍ନ ଅପରାଧୀକ ମାମଲାରେ ଆମ ରାଜ୍ୟରେ ଦଣ୍ଡବିଧାନ ହାର ୧୦ ପ୍ରତିଶତରୁ କମ୍ ରହୁଥିବା ନିକଟରେ ଏନ୍‌ସିଆରବି ରିପୋର୍ଟରୁ ଜଣାପଡ଼ିଛି। ସବୁଠାରୁ ଉଦ୍‌ବେଗର ପ୍ରସଙ୍ଗ ହେଉଛି ଏହା ଯେ ମହିଳାମାନଙ୍କ ପ୍ରତି ବିଭିନ୍ନ ଅପରାଧ ଘଟଣାରେ ଯେତେ ମାମଲା ଓଡ଼ିଶାରେ ବିଚାର ପାଇଁ ରହୁଛି ସେଥିରୁ ମାତ୍ର ୫.୩% ବର୍ଷରେ ଫଇସଲା ହେଉଥିବାର ଏହି ରିପୋର୍ଟ କହୁଛି। ଆମ ସମାଜରେ ମହିଳାମାନଙ୍କ ପ୍ରତି ଉଦ୍‌ବେଗଜନକ ଅତ୍ୟାଚାର ନିୟମିତ ଭାବେ ସଂଗଠିତ ହେଉଛି। ବର୍ତ୍ତମାନ ସମୟର ବିଳମ୍ବିତ ନ୍ୟାୟ ବ୍ୟବସ୍ଥାର ଚରମ ବିଫଳତା ପାଇଁ ସାଧାରଣରେ ଏନ୍‌କାଉଣ୍ଟର ପରି ତ୍ୱରିତ ନ୍ୟାୟରେ କେହି କେହି ଖୁସି ହେଉଥିଲେ ମଧ୍ୟ ଏହା କିନ୍ତୁ ଭବିଷ୍ୟତ ପାଇଁ ଭୟାନକ ନିଶ୍ଚୟ। ତ୍ୱରିତ ନ୍ୟାୟ ପାଇଁ ଆମେ ସମ୍ବିଧାନକୁ, ଆଇନର ଶାସନକୁ, ଫୌଜଦାରୀ ଦଣ୍ଡବିଧି ବ୍ୟବସ୍ଥାକୁ, ତଦନ୍ତକୁ ସର୍ବୋପରି ସାକ୍ଷ୍ୟ ପ୍ରମାଣକୁ ଫାଙ୍କି ମାରି ଏଡ଼ାଇ ଦେଇପାରିବା ନାହିଁ। ଦେଶରେ ଅନେକ ଘଟଣାରେ ମିଥ୍ୟା ଏନ୍‌କାଉଣ୍ଟର ପ୍ରମାଣିତ ହୋଇ ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଛି। ଅପରାଧୀଙ୍କୁ ଏନ୍‌କାଉଣ୍ଟର କରି ମାରିଦେଲେ ସମାଜରୁ ଦୁଷ୍କର୍ମ ବା ହତ୍ୟାଭଳି ଅପରାଧ ରାତାରାତି ଲୋପ ପାଇଯିବ ନାହିଁ। ଏହା ପ୍ରତ୍ୟେକ ସଚେତନ ନାଗରିକଙ୍କ ମନରେ ପ୍ରଶ୍ନ ଉଦ୍ରେକ କରେ ଆମ ସମାଜରେ କ’ଣ ନାଗରିକ ଅବା ନାରୀ ସୁରକ୍ଷିତ ନୁହଁନ୍ତି ! ଦିନକୁ ଦିନ ଏଭଳି ଘଟଣା ବଢୁଥିବାବେଳେ ସରକାର, ଆଇନ, ପୋଲିସ ଓ ସମାଜ ସମସ୍ତେ ଉଦ୍‌ବିଗ୍ନ, କିନ୍ତୁ ଉପାୟଶୂନ୍ୟ। ଆମ ସମାଜରେ ମୁଖା ପିନ୍ଧି ଘୁରିବୁଲୁଥିବା ଏପରି ନରରାକ୍ଷସ ମାନଙ୍କୁ ଚିହ୍ନିବା, ସେମାନଙ୍କ ପ୍ରତି ଉପଯୁକ୍ତ ନ୍ୟାୟ ବିଧାନ କରିବା ସମସ୍ତଙ୍କ ଦାୟିତ୍ୱ। ଇତିମଧ୍ୟରେ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଭାରତରେ ଅଧିକ ସଂଖ୍ୟାରେ ଫାଷ୍ଟଟ୍ରାକ୍ ଅଦାଲତ ଗଠନ କରିବାକୁ ଯାଉଛନ୍ତି। ବର୍ତ୍ତମାନର ସମୟରେ ଘରୁ ଝିଅଟିଏ ପଦାକୁ ଗୋଡ଼ କାଢ଼ିଲେ ଅଜଣା ଭୟ ମନ ଓ ହୃଦୟକୁ ଆଚ୍ଛନ୍ନ କରୁଛି। ତେଣୁ ଏପରି ଏକ ସମୟରେ ଗାନ୍ଧିଜୀଙ୍କ ପୂର୍ଣ୍ଣ ସ୍ୱରାଜର ସଂଜ୍ଞା ମନେପଡୁଛି। ଜାତିର ପିତା ବାପୁଜୀ କହିଥିଲେ ଯେ ‘ଭାରତ ପୂର୍ଣ୍ଣ ସ୍ୱରାଜ ସେଇଦିନ ପାଇବ ଯେଉଁ ଦିନ ଜଣେ ମହିଳା ମଧ୍ୟରାତ୍ରରେ ନିରାପଦ ଓ ନିର୍ଭୟରେ ବିଚରଣ କରିପାରିବେ।’ ବର୍ତ୍ତମାନର ସମୟରେ ଏହା ଯଥାର୍ଥ ହୋଇପାରିନାହିଁ। ତେଣୁ ଆମ ଦୃଷ୍ଟିଭଙ୍ଗୀ ଓ ଆଭିମୁଖ୍ୟରେ ପରିବର୍ତ୍ତନ କରି ନାରୀଶିକ୍ଷା ଓ ନାରୀମାନଙ୍କୁ ସୁରକ୍ଷିତ କରିବା ପାଇଁ ସମସ୍ତେ ଜଣେ ଯଥାର୍ଥ ନାଗରିକ ଭାବେ ଦାୟିତ୍ୱ ନେବା ପାଇଁ ଆଗେଇ ଆସିବାର ସମୟ ପହଞ୍ଚିଛି।

ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

ବାଲେଶ୍ୱର-ଚାନ୍ଦିପୁର ରାସ୍ତା ବିପଦସଙ୍କୁଳ

ବାଲେଶ୍ୱର (ପିଏନ୍): ବିଶ୍ୱର ବିରଳ ବାଲୁକା ରାଶି ଓ ସ୍ଥିର ସମୁଦ୍ର ଦେଖିବା ପାଇଁ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକଙ୍କୁ ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିନସ୍ଥ ରାସ୍ତା ହତାସ କରିଛି । ବାଲେଶ୍ୱର ଷ୍ଟେସନ ଛକ ଓଟି ରୋଡରୁ ଚାନ୍ଦିପୁର ବଳରାମଗଡି ଅଭିମୁଖେ ଯାଇଥିବା ରାସ୍ତା ଏବେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ହାତରେ ରହିଛି । ଖୋଦ୍ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପଛପଟ ଦେଇ ଯାଇଥିବା ରାସ୍ତାରେ ଏତେ ଖାଲଖମା ସୃଷ୍ଟି ହୋଇଛି ଯେ ଯାହା ନଦେଖିଲେ ବିଶ୍ୱାସ କରିହେବ ନାହିଁ । ପ୍ରତ୍ୟେହ ବଳରାମଗଡିରୁ ଶହ ଶହ ଲୁଣି ମାଛ ବୁହା ଗାଡି ଯାତାୟାତ କରିବା ଫଳରେ ରାସ୍ତାରେ ଲୁଣି ଜଳ ପଡି ରାସ୍ତାକୁ କ୍ଷତି ଘଟାଉଥିବା ବେଳେ ପ୍ରତିରକ୍ଷା ବିଭାଗର ଆଇଟିଆର ଓ ପ୍ରୁଫ୍ ମଧକୁ ଯାଉଥିବା ଭାରି ଯାନ ମଧ୍ୟ ରାସ୍ତାର କ୍ଷତି ଘଟାଉଥିବାର ଅନ୍ୟତମ କାରଣ । ତାହାଛଡା ଏହି ରାସ୍ତାରେ ପ୍ରତିବର୍ଷ ଯେଉଁ ଠିକାଦାରମାନଙ୍କ ଦ୍ୱାରା କାମ ହେଉଛି ତାହା ଅତି ନିମ୍ନମାନର । ବିଶେଷ କରି ଷ୍ଟେସନ ଛକଠାରୁ ସୁନହଟ୍ ମଧ୍ୟରେ ଥିବା ରାସ୍ତାର କିଛି ଅଂଶ କଙ୍କ୍ରିଟ୍ ଥିବା ବେଳେ କିଛି ଅଂଶ ପିଚୁ ହୋଇଛି । ସେହିପରି ସୁନହଟ୍‌ଠାରୁ ଆଇଟିଆର ଛକ ଓ ବଳରାମଗଡି ରାସ୍ତା ପାଇଁ ପୂର୍ତ୍ତ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ରାସ୍ତାର ବର୍ଷାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହାଛଡା ଆଇଟିଆର ଓ ପ୍ରୁଫ୍ ଛକରୁ ବଳରାମଗଡି ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାର ଦୁଇ ପାର୍ଶ୍ୱରେ ମାଛ ଓ ଚିଙ୍ଗୁଡି ପୋଖରୀ ହେବା ଫଳରେ ଅଧିକାଂଶ ସ୍ଥାନରେ ରାସ୍ତାରେ ଫାଟ ସୃଷ୍ଟି ହୋଇଛି ଓ ରାସ୍ତା ମଧ୍ୟ ଦବି ଯାଇଛି । ଏଭଳି ପରିସ୍ଥିତ ଲାଗି ରହିଲେ ପର୍ଯ୍ୟଟନ କ୍ଷେତ୍ର ଚାନ୍ଦିପୁରକୁ ଆସୁଥିବା ଲୋକେ ନାନା ଦୁର୍ଘଟଣାର ସମ୍ମୁଖୀନ ହେବେ । ମାତ୍ର ୧୫ କିମି ରାସ୍ତା ପାଇଁ କାର୍ ଓ ଟେମ୍ପୁ ଚାଳକ ରାସ୍ତା ଖରାପର ଆଳ ଦେଖାଇ ନିର୍ଦ୍ଧାରିତ ଭଡାଠାରୁ ଦୁଇଗୁଣା ଦାବି କରୁଛନ୍ତି । ଖାଲି ଏତିକି ନୁହେଁ ଚାନ୍ଦିପୁର ପାନ୍ଥନିବାସ ପୂର୍ବରୁ କିଛି ଅସାମାଜିକ ଯୁବକ ଗାଡି ପାର୍କିଂ ନାମରେ ଜିଜିଆ କର ଆଦାୟ କରୁଛନ୍ତି । ଏ ବାବଦରେ ଜିଲ୍ଲା ରାଜସ୍ୱ ଓ ପୁଲିସ ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏଥିନେଇ ସ୍ଥାନୀୟ ଯୁବକ ଓ ପର୍ଯ୍ୟଟକଙ୍କ ମଧ୍ୟରେ ବହୁବାର ଝଗଡା ଲାଗୁଥିବାର ଦେଖିବାକୁ ମିଳୁଛି । ଏହାର ନିରାକରଣ ପାଇଁ ଆଶୁ ବ୍ୟବସ୍ଥା ସହ ରାସ୍ତାର ଉନ୍ନତିକରଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

ଏସେଲସ୍ ପବ୍ଲିକ ସ୍କୁଲରେ ବାର୍ଷିକ ହସ୍ତକଳା ଓ ବିଜ୍ଞାନ ପ୍ରଦର୍ଶନୀ ସମାବେଶ



କଟକ (ପିଏନ୍) : ସିଡିଏ ସେକ୍ଟର-୯ସ୍ଥିତ ଏସେଲସ୍ ପବ୍ଲିକ ସ୍କୁଲରେ ଦିବସବ୍ୟାପୀ ହସ୍ତକଳା ଓ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଶ୍ରୀମତୀ ମାର୍ଟିନା ଦାସ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଡକ୍ଟର ମେଘ୍ନା ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏସେଲସ୍ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସମରେନ୍ଦ୍ର ପରମାଣିକ ଓ ସିମରିଂ ଷ୍ଟାର ପ୍ଲେ ସ୍କୁଲର ଅଧ୍ୟକ୍ଷା ମଞ୍ଜୁଶ୍ରୀ ମିଶ୍ର। ବିଜ୍ଞାନ ଓ ଗଣିତ ବିଶେଷଜ୍ଞ ପ୍ରଦୀପ୍ତ କୁମାର ରାଉତ ଓ ସୁଦତ୍ତା ପ୍ରଧାନ ବିଚାରକ ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ବିଜୟୀ ଘୋଷଣା ପରେ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ବିଭିନ୍ନ ଶ୍ରେଣୀର ପିଲାମାନେ ନିଜ ହସ୍ତ ପ୍ରସ୍ତୁତ ହସ୍ତକଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ।

୮୧ତମ ଜନ୍ମତିଥି ଅବସରରେ...

ଓଡ଼ିଶାର ଯଶସ୍ୱୀ ରଘୁନାଥ

ଓଡ଼ିଶାରେ ନିଜ କୀର୍ତ୍ତି ସ୍ୱୀକୃତିର ପ୍ରଥିତଯଶା ଜଣେ ହେଉଛନ୍ତି କଳା ରଘୁନାଥ ମହାପାତ୍ର ଆଉ ଜଣେ ହେଉଛନ୍ତି ଅନାଲୋଚିତ ପ୍ରତିଭା ତଥା ବିଶିଷ୍ଟ ସାରସ୍ୱତ ରଘୁନାଥ ମହାପାତ୍ରଙ୍କୁ ମୁଁ ସାମ୍ବାଦିକ ବନ୍ଧୁ ହୋଇଛି। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଆଧ୍ୟାତ୍ମିକ ସାହିତ୍ୟ ଓ ନିଜ ଲେଖନୀ ସହିତ ଅନୁବାଦ ସାହିତ୍ୟ, ଆଧ୍ୟାତ୍ମିକ ମହୋଦୟ। ମୁଁ ଲେଖୁଥିବା ରଘୁନାଥ ଭିତରେ ଯେତିକି ଜାଣେ ବଙ୍ଗଳାରୁ ବହୁବିଦ୍ଧ ରଘୁନାଥ ନାମରେ ଦୁଇଜଣ ଭାସ୍କର୍ଯ୍ୟର ବିମଣ୍ଡିତ ପଦ୍ମଶ୍ରୀ ସମ୍ମାନର ଓଡ଼ିଶାର ସାରସ୍ୱତ ଜଗତର ସାଧକ ରଘୁନାଥ ମହାପାତ୍ର। ଲେଖକ ସୁଶାନ୍ତ ବାବୁଙ୍କ ସୌଜନ୍ୟରୁ ପରିଚିତ ସମ୍ମାନ ସହିତ ଓଡ଼ିଶା ଭାଷା ଅନୁବାଦ, ମୁନରେ ଦୁଇଶହରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା ସାହିତ୍ୟକୁ ସମୃଦ୍ଧ କରିଛନ୍ତି ଏହି ମହାପାତ୍ର ମହୋଦୟଙ୍କ ସାରସ୍ୱତ ସାଧନା ଓଡ଼ିଆ, ହିନ୍ଦୀ ଓ ଇଂରାଜୀରୁ ଓଡ଼ିଆ ସାହିତ୍ୟ ସାଧନକୁ ଅନେକ ପୁସ୍ତକ ଅନୁବାଦ ଓ ସାରସ୍ୱତ କାବ୍ୟ ଭିତରେ ସେ ସ୍ଥାନିତ କରିଛନ୍ତି। ଜରେ ସରଳ ଓ ନିଷ୍କପଟ ଜୀବନିକା ଭିତରେ ରଘୁନାଥ ମହାପାତ୍ରଙ୍କ ତମାମ ସାହିତ୍ୟ ସାଧନ କ୍ଷେତ୍ର ପରିପୁଷ୍ଟ ହୋଇଛି। ଆମେ ଆଲୋଚନା କରୁଥିବା ଯଶସ୍ୱୀ ସାହିତ୍ୟ ସାଧକ ରଘୁନାଥ ମହାପାତ୍ରଙ୍କ ଆତ୍ମ ଜୀବନୀ ‘ଜୀବନର ନଈ ଅଙ୍କାବଙ୍କା’ ପୁସ୍ତକ ପଢ଼ିବାର ସୁଯୋଗ ପାଇଥିଲି। ଜଣେ ଗାଉଁଲୀ ଜୀବନ ଭିତରୁ ନିଜ ସାହିତ୍ୟ ସାଧନାକୁ ଆଗେଇ ନେବା ସହ ତତ୍କାଳୀନ ସମୟର ରକ୍ଷଣଶୀଳତାର କୂଳକୁ ଡେଇଁ ଓଡ଼ିଆ ସାହିତ୍ୟ ସାଧନାର ବିଭବକୁ ସେ ପରାଙ୍ଗପୁଷ୍ଟ କରିଛନ୍ତି। ୭୦ବର୍ଷ ପରେ ସରଳ ଜୀବନ ସହିତ ତମାମ କଟକ ସହର ଭିତରେ ପ୍ରତିଦିନ ନିଜ ସାହିତ୍ୟ ସାଧନ, ବନ୍ଧୁବତ୍ସଳତା, ଆଧ୍ୟାତ୍ମିକ ଆଲୋଚନାଚକ୍ର ଏସବୁ ଭିତରେ ୪୦ରୁ ୫୦ କିଲୋମିଟର ଲମ୍ବା ଅବଧି ଭିତରେ ସାଇକେଲ ଚଳାଇ ସବୁ ଆଧ୍ୟାତ୍ମିକ ଓ ସାରସ୍ୱତ କ୍ଷେତ୍ରକୁ ରୁଦ୍ଧିମନ୍ତ କରିଥିବା ଏହି ବ୍ୟକ୍ତିତ୍ୱ ଆମ ସମୟ ପାଇଁ ନିଶ୍ଚିନ୍ତ ଭାବରେ ଜଣେ ଆଲୋକବର୍ତ୍ତିକା ଓ ପଥର କାଳଜୟୀ ଚରିତ୍ର। ନିଜେ ଆମ ସାରସ୍ୱତ ସାଧକ ରଘୁନାଥ ମହାପାତ୍ର ତାଙ୍କ ଆତ୍ମଜୀବନୀ ଭିତରେ ଅନେକ ବାର ନିଜ ସାହିତ୍ୟ ସାଧନର ପ୍ରତିକୂଳତା ଓ ଓଡ଼ିଶା ସାହିତ୍ୟର ଅନେକ ଦିଗବାରାଣୀ ଉପରେ ଆଲୋକପାତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ରାଧାନାଥ କୋ-ଅପରେଟିଭ ଷ୍ଟୋର ସହିତ ଜଡ଼ିତ ହୋଇ ନିଜ ତମାମ ସାହିତ୍ୟ ସାଧନ କ୍ଷେତ୍ରକୁ ରୁଦ୍ଧିମନ୍ତ କରିବା ସହିତ ଓଡ଼ିଶା ଓ ଭାଷା ସାହିତ୍ୟ କ୍ଷେତ୍ରକୁ ସେ ଯେଉଁପରି ଆନନ୍ଦ ଓ ଅବଦାନ ଦେଇଛନ୍ତି ତାହା ନିଶ୍ଚିନ୍ତ ଭାବରେ କାଳ କାଳକୁ ସଦୃଷ୍ଟାନ୍ତ ପ୍ରମାଣ। ମୋ ବନ୍ଧୁ ସୁଶାନ୍ତ ବାବୁ, ଯାହା ମୋତେ ତଥ୍ୟ ଦେଇଥିଲେ ତାଙ୍କ ତମାମ ଭାରତ ବର୍ଷର ପରିଭ୍ରମଣ ଓ ଆଧ୍ୟାତ୍ମିକ କ୍ଷେତ୍ର ପରିଦର୍ଶନର ତାଙ୍କ ସହିତ ବଡ଼ ସହଯାତ୍ରୀ ଥିଲେ ଆଲୋଚନା କରୁଥିବା ସାହିତ୍ୟ ସାରସ୍ୱତ ସାଧକ ରଘୁନାଥ ମହାପାତ୍ର ମହୋଦୟ। ବେଳେ ବେଳେ ବଡ଼ ଚିନ୍ତା ମୁଁ ବି କରେ ସୁଶାନ୍ତ ବାବୁଙ୍କ ପରି ଜଣେ ଯୁବ ଚେତନ ସାମ୍ବାଦିକ ବ୍ୟକ୍ତିତ୍ୱ ପରିଣତ ବୟସର ଏପରି ଜଣେ ସାରସ୍ୱତ ସାଧକଙ୍କୁ କିପରି ସାଥୀ କରି ଭାରତ ପରିଭ୍ରମଣ ଭିତରେ ଅଂଶୀ ସହଯୋଗୀ କରୁଥିଲେ। ହେଲେ ବହୁତ ବିଳମ୍ବରେ ହେଲେ ବି ମୋ ହୃଦ୍‌ବୋଧ ହେଉଛି ହୁଏତ ଏହା ଏକ ମଣିକାଞ୍ଚନ ସଂଯୋଗ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ବିଖ୍ୟାତ ଲେଖକ ତଥା ଭାରତୀୟ ସାହିତ୍ୟର ଅନନ୍ୟ ସ୍ରଷ୍ଟା ମହାନ ଜରାସନ୍ଧଙ୍କ ‘ଲୌହ କପାଟ’ ପୁସ୍ତକର ଓଡ଼ିଆ ଅନୁବାଦ କରି ଯେଉଁ ରଘୁନାଥ ମହାପାତ୍ର କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପାଇଛନ୍ତି ଏହା ବାଦ ଭାରତର ପ୍ରାନ୍ତୀୟ ସାହିତ୍ୟ ସମାରୋହ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଅନେକ ସାରସ୍ୱତ ସଂଗଠନରୁ ସମ୍ମାନିତ ହୋଇଥିବା ବିରଳ ବ୍ୟକ୍ତିତ୍ୱ ଆମ ପାଇଁ ସାରସ୍ୱତ ସାଧନ ପାଇଁ ବହୁତ ବଡ଼ ପ୍ରେରଣା। ଭଦ୍ରକ ଜିଲ୍ଲାର ଏକ ଅଖ୍ୟାତ ଯୌଥ ପରିବାର ଭିତରୁ ଜନ୍ମ ନେଇ ନିଜ ଜେଜଙ୍କ ନାମ ପ୍ରାପ୍ତ ହୋଇ ‘ରଘୁନାଥ’ ମହୋଦୟଙ୍କ ବହୁ ବିଳମ୍ବରେ ହେଲେ ବି କଟକ ସହରରେ ପାଦ ଦେଇ ରାଧାନାଥ କୋ-ଅପରେଟିଭ ସୋସାଇଟି ସହ ସମ୍ପୃକ୍ତ ହେବା ପରେ ନିଜ କର୍ମମୟ ଜୀବନ ଭିତରେ ଦୁଇ ଝିଅ ଓ ପୁଅଙ୍କୁ ନେଇ ତାଙ୍କ କର୍ମକ୍ଷେତ୍ର କଟକ ତାରାଚାନ୍ଦ ପାଟଣା ଭିତରେ ଆରମ୍ଭ ହୋଇଥିଲା। ଓଡ଼ିଶା ବୁକ୍ ଷ୍ଟୋରର ଗୋବିନ୍ଦ ଚନ୍ଦ୍ର ପାତ୍ର ଓ ବିଖ୍ୟାତ ସାମ୍ବାଦିକ ଗୋରା ଚାନ୍ଦ ମିଶ୍ରଙ୍କ ସାନ୍ନିଧ୍ୟ ପାଇବା ପରେ ଓଡ଼ିଶାରେ ସାଇ ସାହିତ୍ୟ ରଚନାରେ ସେ ନିଜକୁ ନିମୋଜିତ କରିଥିଲେ। ବନ୍ଧୁ ସୁଶାନ୍ତ ବାବୁ ଯାହା ମୋତେ ତଥ୍ୟ ସୂଚନା ଭିତରେ କଥା ରଖିଥିଲେ, ରଘୁନାଥ ବାବୁ ତାଙ୍କ ତମାମ ଜୀବନର କଷ୍ଟକର ଜୀବନ ନିର୍ବାହ ଭିତରେ ସବୁବେଳେ ବହିଟିଏ କିଣିବା ଓ ବହିଟି ପାଇଁ ପ୍ରେରଣା ଦେବା, ସାହିତ୍ୟ ସାଧନ ପାଇଁ ଉତ୍ସାହ ରଖିବା ତାଙ୍କ ପାଇଁ ଆନନ୍ଦର ମୁହୂର୍ତ୍ତ ଥାଏ। ସମ୍ଭବତଃ ସୁଶାନ୍ତ ବାବୁ ସେଇଥିପାଇଁ ତାଙ୍କ ଆଧ୍ୟାତ୍ମିକ ଭାରତ ପରିଭ୍ରମଣ ଭିତରେ ସାଥି କରିଥିଲେ ଏହି ମହୋଦୟଙ୍କୁ। ଯାହା ମୁଁ ଜାଣିଛି ପ୍ରତିଦିନ୪୦-୫୦ କିଲୋମିଟର କଟକ ସହର ଭିତରେ ସାଇକେଲ ଚଳାଇ ନିଜର ଯେଉଁ କର୍ମ ବ୍ୟସ୍ତତା ଭିତରେ ବନ୍ଧୁସହୋଦରଙ୍କ ପାଖରେ ପହଞ୍ଚିବାର ମାନସିକତା ଆଜିର ସମୟରେ ବହୁତ ବଡ଼ ପ୍ରେରଣା ଓ ଉତ୍ସାହର କ୍ଷେତ୍ର। ପରିଣତ ବୟସରେ ସାଇକେଲ ଚଳାଇ ସମୟର ପ୍ରତିବଦ୍ଧତାକୁ ମାନି କର୍ମମୟ ଜୀବନ ସମ୍ପାଦନ କରିବା ଆଜିର ସମୟରେ ଏକ ବିରଳ ଉଦାହରଣ। ଆଜି ସମାଜର ଯୁବପିଢ଼ୀ ତାଙ୍କର ଏହି ପଦାଙ୍କ ଅନୁସରଣ କଲେ ନିଶ୍ଚୟ ଜୀବନରେ ସଫଳ ହେବେ। ଓଡ଼ିଶାରେ ବାକ୍‌ଶ୍ରବଣ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମୋର ଅବଦାନ ଏକ ଗୁଣ୍ଡୁଚି ମୂଷାପରି। କଟକ ମଙ୍ଗଳାବାଗ କାଠଗୋଲା ରୋଡ଼ସ୍ଥିତ ‘ଧ୍ୱନୀ’ ଅନୁଷ୍ଠାନ ଏକ ପ୍ରୟାସ ମାତ୍ର। ଅନୁଷ୍ଠାନର ଅଗ୍ରଗତିକୁ ଓଡ଼ିଶାବାସୀଙ୍କ ଆଗ୍ରହ କ୍ରମେ ରାଉରକେଲା, ବୁର୍ଲା, ସମ୍ବଲପୁର ଓ ଭୁବନେଶ୍ୱର ପରି କ୍ଷେତ୍ରରେ ପ୍ରତିଷ୍ଠା ପାଇଁ ଯେଉଁ ଆବଶ୍ୟକୀୟ ଭିତ୍ତିଭୂମି ରହିଛି ଏ କ୍ଷେତ୍ରରେ ମୁଁ କିଛି ବି ନୁହେଁ। ବଡ଼କଥା ହେଉଛି କେବଳ ପରିଣୟ ବୟସ ନୁହେଁ ଓଡ଼ିଶାରେ ବାକ୍‌ଶ୍ରବଣ ଚିକିତ୍ସା କ୍ଷେତ୍ରରେ ଯେଉଁ ଆବଶ୍ୟକୀୟ ପରାମର୍ଶ, ନିଦାନ ଓ ଚିକିତ୍ସାର ଆବଶ୍ୟକୀୟ ଭିତ୍ତିଭୂମି ରହିଛି ଆମେ ତା ପାଇଁ ଏକ ବଡ଼ ପ୍ରଶଂସନୀୟ ଦାୟିତ୍ୱବୋଧ ରଖିବା କଥା। ଏହି ଲେଖା ଭିତରେ ନୁହେଁ, ହୁଏତ ପାଠକ ବର୍ଗଙ୍କ ପାଇଁ ଅନାଲୋଚିତ ହୋଇପାରେ କିନ୍ତୁ ଆମର ପ୍ରତିଟି ଜୀବନ, ପ୍ରତିଟି ମୁହୂର୍ତ୍ତ ପରିଣତ ବୟସର ବାକ୍ ଶ୍ରବଣ କ୍ଷେତ୍ରକୁ ଉତ୍ସାହ, ସହଯୋଗ, ପରାମର୍ଶ ତତ୍ପରତା ରଖିବା ଜରୁରୀ। ଏହି ଲେଖା ଭିତରେ ଯଶସ୍ୱୀ ରଘୁନାଥ ମହାପାତ୍ର ମହୋଦୟଙ୍କୁ ଅଭିନନ୍ଦନ ଜଣାଉଛି ଓଡ଼ିଶା ପରି ଏକ ସାହିତ୍ୟ ଓ ଚିକିତ୍ସା ସମୟର ପଛୁଆ କ୍ଷେତ୍ରରେ ତାଙ୍କ ବ୍ୟକ୍ତିତ୍ୱକୁ ସେ ଆଗେଇ ନେଇଛନ୍ତି। ଖୁସିର କଥା ଆମେ ସେମାନଙ୍କ ଆଦର୍ଶକୁ ଅଗ୍ରଗତି କରି ଓଡ଼ିଶାର ପ୍ରଗତିରେ ନିଜ ସୀମା ସାଧ ଭିତରେ ଅବଦାନ ରଖିବା ସହିତ ପରିଣତ ବୟସର ସାହିତ୍ୟ ସାଧକ ମାନଙ୍କୁ ସମ୍ମାନିତ କରିବାର ମୁହୂର୍ତ୍ତ ସୃଷ୍ଟି କରିବା।

ନାରାୟଣ ଚନ୍ଦ୍ର ବିଶ୍ୱାଳ, ‘ବିଶିଷ୍ଟ ବାକ୍ ଶ୍ରବଣ ବିଶେଷଜ୍ଞ’, ପ୍ରତିଷ୍ଠାତା ‘ଧ୍ୱନୀ’ କାଠଗୋଲା ରୋଡ଼୍, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦

ମାସକ ପୂରିବା ପୂର୍ବରୁ ଛଅଲକ୍ଷ ନବଜାତକଙ୍କ ଜୀବନ ଯାଉଛି !

ଭୁବନେଶ୍ୱର (ପିଏନ୍): **ନବଜାତକ ଶିଶୁର ଯତ୍ନ:** ମା’ର ଗର୍ଭାଶୟରର ଏକ ତରଳ ଆବର୍ତ୍ତ ଓ ନିରାପଦ ଉତ୍ତାପ ମଧ୍ୟରେ ଶିଶୁଟି ରହିଥାଏ, ଜନ୍ମ ପରେ ବାହାର ଥଣ୍ଡା ତାକୁ ସ୍ୱାଭାବିକ ଭାବେ ଅସ୍ୱସ୍ତିକର ହୋଇଥାଏ। ଶିଶୁଟିକୁ ଉଷୁମ ରଖିବା ପାଇଁ ଆବଶ୍ୟକ ମାତ୍ରାରେ ଇଲେକ୍ଟ୍ରିକ୍ ବଲବ୍ ବା ରୁମ ହିଟର ବ୍ୟବହାର କରିପାରନ୍ତି ମାତ୍ର କାଠ ବା କୋଇଲା ନିଆଁ ଦ୍ୱାରା ନୁହେଁ, କାରଣ ଏହାର ଧୂଆଁ ଶ୍ୱାସରୁଦ୍ଧ କରିପକାଏ। ଉଷୁମ ପାଇଁ ପିଲା ପାଖରେ ଗରମ ପାଣି ବୋତଲ ରଖନ୍ତୁ ନାହିଁ। ଶିଶୁଥିବା ଘରଟିକୁ ଉପଯୁକ୍ତ ପରିମାଣରେ ବାହାର ପବନ ଓ ସୂର୍ଯ୍ୟାଲୋକ ଆସିବାକୁ ଦିଅନ୍ତୁ। ମନେରଖନ୍ତୁ ମା’ର ପ୍ରଥମ ଦୁଇଦିନର କ୍ଷୀରରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରତିରୋଧକ ଶକ୍ତିର ଜୀବନୀ ରହିଥାଏ। ଏହାକୁ କଷକ୍ଷୀର କହି ନଷ୍ଟ ନକରି ପିଲାଙ୍କୁ ଖାଇବାକୁ ଦିଅନ୍ତୁ। ପିଲାର ନାହିକୁ ରବର ବା ସୂତାରେ ନ ବାନ୍ଧି, ନୂଆବ୍ଲେଡ଼୍ ଓ ଡେଟଲ ଦ୍ୱାରା ସଫା ରଖନ୍ତୁ। ବେଟାଡାଇନ ବା ରେକ୍ଟିଫାଏଡ଼୍ ସ୍ପିରିଟ ଲଗାଇ ପାରନ୍ତି। ପିଲା ଶାରୀରିକ ତତ୍ତ୍ୱ ଅନୁସାରେ ଦିନକୁ ୨୦/୨୨ ଘଣ୍ଟା ଶୋଇବ, ଏଥିରେ ବ୍ୟସ୍ତ ହେବାର ନାହିଁ। ପ୍ରତି ପିଲା ପ୍ରଥମ ୨/୪ମାସ ଦିନରେ ଶୁଅନ୍ତି ଓ ରାତିରେ କାନ୍ଦନ୍ତି କାରଣ ସେମାନେ ମା’ ଗର୍ଭରେ ଥିବାବେଳେ ଦିନରେ ମା ବୁଲାବୁଲି କରିବା ଦ୍ୱାରା ସେମାନେ ହଲିଥାଆନ୍ତି ଯାହାକି ସେମାନଙ୍କୁ ଶୋଇବାରେ ଆରମ ଲାଗିଥାଏ। ହେଲେ ରାତିରେ ମା ଶୋଇଗଲା ପରେ ସେମାନେ ସେ ଅବସ୍ଥା ପାଉନଥିବାରୁ ସ୍ୱାଭାବିକ ଭାବେ ଶୁଅନ୍ତି। ପ୍ରଥମେ କ୍ଷୀର ଖାଇବା ପରେ ପିଲାମାନେ ଦିନକୁ ୫/୬ଥର ପରିସ୍ରା ଓ ୮/୧୦ଥର ହଳଦିଆ ରଙ୍ଗର ଝାଡ଼ା କରନ୍ତି। ଏଥିରେ ବ୍ୟସ୍ତ ହେବାର ନାହିଁ। ପିଲାମାନେ ମା’କ୍ଷୀର ଖାଇବା ସମୟରେ କ୍ଷୀର ସହ କିଛି ବାୟୁ ଖାଇଥାଆନ୍ତି। ଯାହାଫଳରେ ପେଟ ଫୁଲିଥାଏ। ଏହା ଛାଏଁ ଭଲ ହୋଇଯାଏ, ଏହାକୁ ଲୋକମାନେ ଭୁଲରେ ପେଟପମ୍ପା ବୋଲି କହିଥାନ୍ତି। ଜନ୍ମ ହେବାର ପରେ ପରେ ପିଲାଙ୍କ ଦେହରେ ଜଣ୍ଡିସ ହୋଇଥାଏ। ଏହା ୧୦/୧୫ ଦିନ ରହିଥାଏ। ଏହା ସ୍ୱାଭାବିକ ଭାବେ ଭଲ ହୋଇଯାଏ। ତେବେ ବେଶି ହଳଦିଆ ରଙ୍ଗ ଦେଖାଦେଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ପିଲାଙ୍କ ମୁଣ୍ଡରେ କଳା ଆଦୌ ଲଗାନ୍ତୁ ନାହିଁ, ଏହା ଚର୍ମ ସଂକ୍ରମଣ କରିପାରେ। ପିଲାଙ୍କ ମୁଣ୍ଡର କେଶକୁ ଉଷୁମ ତେଲ ପାଣିରେ ସଫା କରନ୍ତୁ। କିଛିକ୍ଷେତ୍ରରେ ଶିଶୁର ସମ୍ମୁଖ ଭାଗରେ ଦାନ୍ତ ବାହାରିଆସେ। ଏହା ପ୍ରାକୃତିକ ବ୍ୟବସ୍ଥା, ଏହାକୁ ଦାନ୍ତୁରା ଭାବିବା ଭୁଲ ଧାରଣା। ଶିଶୁଟି ଝିଅ ହୋଇଥିଲେ ଜନ୍ମ ହେବା ୩/୪ ଦିନ ପରେ ଜନନେନ୍ଦ୍ରିୟରୁ ସାମାନ୍ୟ ରକ୍ତ ବାହାରେ, ଏହା ଚିନ୍ତାଜନକ ନୁହେଁ। ମନେ ରଖନ୍ତୁ ଜନ୍ମ ହେବା ପରେ ପରେ ନବଜାତକର ପରିପାର୍ଶ୍ୱିକ ସ୍ୱାସ୍ଥ୍ୟଗତ ପରିବେଶ ସହ ସ୍ୱାଭାବିକ ହେବାକୁ ସମୟ ଲାଗିଥାଏ। ତେବେ ସଦାସର୍ବଦା ଉଷୁମ ଓ ବିଶୋଧିତ ବ୍ୟବସ୍ଥା ଦ୍ୱାରା ଏହାକୁ ସଂକ୍ରମଣ ଠାରୁ ଦୂରେଇ ରଖନ୍ତୁ।

ଜନ୍ମଠାରୁ ଏକ ମାସର ଅବଧି ଭିତରକୁ ଖୁବ୍ ବିପଜ୍ଜନକ ସମୟ ହୋଇଥାଏ ନବଜାତକଟି ପାଇଁ। ଏହି ସମୟ ଭିତରେ ଶିଶୁଟି ଅନେକ ରୋଗର ସଂସ୍ପର୍ଶରେ ଆସିଥାଏ। ସଂକ୍ରମଣର ସମସ୍ୟା ବା ଅନେକ ପରିପାର୍ଶ୍ୱିକ ଅସୁସ୍ଥତାଜନିତ ସମସ୍ୟା କାରଣରୁ ସେମାନଙ୍କ ଜୀବନ ସଂକଟାପନ୍ନ ହୋଇଥାଏ। ତେବେ ନିକଟରେ ୟୁନିସେଫ୍‌ର ଏକ ରିପୋର୍ଟ ଏହି ନବଜାତକଙ୍କ ପାଇଁ ଅତ୍ୟନ୍ତ ଦୁଃଖଦ ଖବର ପହଞ୍ଚାଉଛି। ଭାରତରେ ମାସେ ପୂରିବା ପୂର୍ବରୁ ଅନ୍ୟୁନ ଛଅ ଲକ୍ଷ ନବଜାତକଙ୍କ ପ୍ରାଣବାୟୁ ଅକାଳରେ ଚାଲିଯାଉଥିବାର ଖବର ନିଶ୍ଚିନ୍ତ ଭାବରେ ଉଦ୍‌ବେଗଜନକ। ଏହି ସଂଖ୍ୟା ବିଶ୍ୱର ସମୁଦାୟ ନବଜାତ ଶିଶୁମୃତ୍ୟୁର ଏକ ଚତୁର୍ଥାଂଶ। ଅନୁସନ୍ଧାନ ଓ ଅନୁଧ୍ୟାନର ଚିତ୍ରରୁ ଜଣାଯାଉଛି ନବଜାତ ଶିଶୁ ମୃତ୍ୟୁରେ ଭାରତର ସ୍ଥାନ ବିଶ୍ୱରେ ସର୍ବାଧିକ। ଭାରତରେ ଅକାଳରେ ଏହି ନବଜାତ ଶିଶୁ ମଧ୍ୟରୁ ଅଧିକାଂଶଙ୍କ ଜୀବନ ରୋକାଯାଇ ପାରିବା ସମ୍ଭବ କାରଣ ସମୁଦାୟ ମୃତ୍ୟୁହାରର ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ମୃତ୍ୟୁ କୌଣସି ବଡ଼ କାରଣରୁ ହୋଇନଥାଏ। ତେବେ ୟୁନିସେଫ୍ ରିପୋର୍ଟରୁ ସଂଗୃହୀତ ତଥ୍ୟ ଅନୁଯାୟୀ ପାଞ୍ଚବର୍ଷରୁ କମ୍ ବୟସର ଶିଶୁ ମୃତ୍ୟୁହାର ଭାରତରେ ଉଲ୍ଲେଖଯୋଗ୍ୟ ଭାବେ ହ୍ରାସ ପାଉଛି। ଦେଶରେ ଶିଶୁ ମୃତ୍ୟୁହାର ଉଲ୍ଲେକଯୋଗ୍ୟ ଭାବରେ ହ୍ରାସ ପାଇଥିଲେ ମଧ୍ୟ ନବଜାତକଙ୍କ ମୃତ୍ୟୁ ସଂଖ୍ୟା ଏ ପର୍ଯ୍ୟନ୍ତ ବି ଅଧିକ ରହିଛି। ଚଳିତ ସପ୍ତାହରେ ୟୁନିସେଫ୍ ପକ୍ଷରୁ ନବଜାତ ଶିଶୁ ମୃତ୍ୟୁ ସଂକ୍ରାନ୍ତ ବିଶ୍ୱସ୍ତରୀୟ ବା ଗ୍ଲୋବାଲ ରିପୋର୍ଟ ଏଭ୍ରି ଚାଇଲଡ଼୍ ଆଲିଭ ପ୍ରକାଶିତ ହୋଇଛି। ଏହି ରିପୋର୍ଟରେ ୧୮୪ଟି ଦେଶର ପରିସଂଖ୍ୟାନର ତଥ୍ୟକୁ ସୂଚୀତ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ ଭାରତରେ ପ୍ରତି ହଜାରେ ଜନ ମଧ୍ୟରୁ ୨୫.୪ ନବଜାତକ ଶିଶୁ ପ୍ରାଣ ହରାଇଥାନ୍ତି। ସମୁଦାୟ ୧୮୪ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୩୧ ରହିଛି। ବିଶ୍ୱର ସପ୍ତମ ବୃହତମ ଅର୍ଥନୀତି ଭାରତ ୧୫୩ଟି ଦେଶ ତଳେ ରହିଛି। ଗତ ବର୍ଷ ଭାରତର ସ୍ଥାନ ୨୮ରେ ଥିଲା। ଏହା ସାଧାରଣ କଥା

ପ୍ରତ୍ୟେକ ନବଜାତ ଶିଶୁର ପ୍ରଥମ ୨୮ଦିନଟି ତାର ଜୀବନ ପାଇଁ ଅତ୍ୟନ୍ତ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ଦିନ। ସମଗ୍ର ବିଶ୍ୱରେ ଏହି ସମୟ ମଧ୍ୟରେ ନବଜାତ ଶିଶୁ ମୃତ୍ୟୁହାର ପ୍ରତି ହଜାରରେ ୧୯ ରହିଛି। ସାରା ବିଶ୍ୱରେ ୨୦୧୬ ମସିହାରେ ଜନ୍ମର ପ୍ରଥମ ଏକମାସ ଭିତରେ ୨.୬ ମିଲିଅନ ଶିଶୁ ମୃତ୍ୟୁବରଣ କରନ୍ତି। ଏ ମଧ୍ୟରୁ କେବଳ ପ୍ରଥମ ସପ୍ତାହ ଭିତରେ ଅଧିକାଂଶଙ୍କ ଜୀବନ ଚାଲିଯାଇଥାଏ। ଏକ ମିଲିଅନ ଶିଶୁ ପ୍ରଥମ ଦିନରେ ମୃତ୍ୟୁବରଣ କରୁଥିବାବେଳେ ପରବର୍ତ୍ତୀ ଛଅ ଦିନ ମଧ୍ୟରେ ଏକ ମିଲିଅନ ଶିଶୁ ପ୍ରାଣ ହରାଇଥିବା ୟୁନିସେଫ୍‌ର ରିପୋର୍ଟରେ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁଯାୟୀ ଏସବୁ ମୃତ୍ୟୁ ମଧ୍ୟରୁ ୮୦ ପ୍ରତିଶତ ରୋକାଯାଇପାରିବ। ସାଧାରଣତଃ କିଛି କାରଣ ରହିଛି ଯାହାକୁ କି ଏଡ଼ା ଯାଇପାରିଲେ ପିଲାମାନଙ୍କର ଜୀବନ ବଞ୍ଚିପାରିବ। ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଜନ୍ମ ହେଉଥିବା ଘଟଣା ହେଉ ବା ଶିଶୁକୁ ଜନ୍ମ ଦେଉଥିବା ପ୍ରସୂତୀଙ୍କର ଜଟିଳତା, ସେପ୍‌ସିସ୍ ଓ ନିମୋନିଆ ଆଦି ହେଉଛି ଏଗୁଡ଼ିକ ମଧ୍ୟରୁ ଅନ୍ୟତମ। ତେବେ କମ୍ ଖର୍ଚ୍ଚ କିନ୍ତୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଦ୍ୱାରା ଅଧିକାଂଶ ଶିଶୁମୃତ୍ୟୁକୁ ଏଡ଼ାଇ ଦିଆଯାଇପାରିବ। ପରିଷ୍କାର ଓ ବିଶୁଦ୍ଧ ଜଳ, ପ୍ରସବ ସମୟରେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ ସହାୟିକାଙ୍କ ଉପସ୍ଥିତି, ସଂକ୍ରମଣ ଜନିତ ନାଭି ରଜ୍ଜୁ ଓ ଜନ୍ମର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ସହ ମାଆ ଓ ଶିଶୁଙ୍କ ସ୍ପର୍ଶ ଏ ସବୁ ବିପଦକୁ ଏଡ଼ାଇ ଦିଆଯାଇପାରେ। ୟୁନିସେଫ୍ ତା ରିପୋର୍ଟରେ ୨୦୩୦ ମସିହା ସୁଦ୍ଧା ଭାରତ ନବଜାତ ଶିଶୁମୃତ୍ୟୁ ୧୨କୁ ହ୍ରାସ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଥିବାନେଇ ରିପୋର୍ଟ ପ୍ରକାଶ କରିଛି। ତେବେ ଏସବୁ ଭିତରେ ଅତ୍ୟନ୍ତ ଖୁସିର ପ୍ରସଙ୍ଗ ହେଉଛି ଯେ ପାଞ୍ଚବର୍ଷ ବୟସରୁ କମ୍ ବୟସର ଶିଶୁ ମୃତ୍ୟୁହାରକୁ ଉଲ୍ଲେଖଯୋଗ୍ୟ ଭାବରେ ହ୍ରାସ କରାଯାଇପାରିଛି। ଗତ ୧୯୯୦ ମସିହାରୁ ୨୦୧୫ ମସିହା ଭିତରେ ଏହି ବୟସ ଶିଶୁ ମୃତ୍ୟୁହାର ୬୬ ପ୍ରତିଶତ ହ୍ରାସ ପାଇଛି। ଯଦିଓ ବିଶ୍ୱସ୍ତରରେ ଏହି ହାର ୫୫ ପ୍ରତିଶତ କମ୍ ହୋଇଛି। ୨୦୧୫ ଓ ୧୬ ଭିତରେ ତୁଳନା କଲେ ଏହି ମୃତ୍ୟୁହାର ଆହୁରି ହ୍ରାସ ପାଇଛି। ପ୍ରଥମଥର ପାଇଁ ଭାରତର ପାଞ୍ଚବର୍ଷ ବୟସର ଶିଶୁ ମୃତ୍ୟୁହାର ଏକ ନିୟୁତ ଠାରୁ କମ୍ ରହିଛି। ସରକାରୀ ଯୋଜନା ଅନୁଯାୟୀ ସର୍ତ୍ତମୂଳକ ଅର୍ଥ ସହାୟତା ପ୍ରଦାନ, ୧୦୨ ଓ ୧୦୮ ମାଗଣା ତତ୍କାଳ ଆମ୍ବୁଲାନ୍ସ ସେବା ଦ୍ୱାରା ଡାକ୍ତରଖାନାକୁ ନେବା ସୁବିଧା ଓ ସରକାରୀ ଡାକ୍ତରଖାନାରେ ମାଗଣା ସ୍ୱାସ୍ଥ୍ୟସେବା ଦ୍ୱାରା ୨୦୦୫-୨୦୧୬ ମଧ୍ୟରେ ଡାକ୍ତରଖାନାରେ ପ୍ରସବ ସଂଖ୍ୟା ପ୍ରାୟ ୨ଗୁଣ ହୋଇଛି। କାରଣ ୨୦୦୫ରେ ଡାକ୍ତରଖାନାରେ ପ୍ରସବ ହାର ୩୯ ପ୍ରତିଶତ ଥିବାବେଳେ ୨୦୧୬ରେ ଏହା ୭୯ ପ୍ରତିଶତକୁ ବୃଦ୍ଧି ପାଇଛି। ତେବେ ଶିଶୁକନ୍ୟା ପାଇଁ ଭାରତର ପରିବେଶ ଏବେ ବି ନିରାପଦ ହୋଇପାରିନି। ପାଞ୍ଚବର୍ଷ ବୟସରୁ କମ୍ ବୟସର ଶିଶୁମୃତ୍ୟୁରେ ବାଳକ ମୃତ୍ୟୁହାର ପ୍ରତି ହଜାରରେ ୩୭ ଥିଲାବେଳେ ବାଳିକା ମୃତ୍ୟୁହାର ୪୧ ରହିଛି। ୟୁନିସେଫ୍‌ର ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତ ବିଶ୍ୱର ଏକମାତ୍ର ବୃହତ୍ ଦେଶ ଯେଉଁଠାରେ ବାଳିକା ମୃତ୍ୟୁହାର ବାଳକଙ୍କ ଠାରୁ ଅଧିକ। ଏହି ରିପୋର୍ଟରେ ଏହା ମଧ୍ୟ ଦର୍ଶାଯାଇଛି ଝିଅମାନେ ଶାରୀରିକ ଭାବରେ ଅଧିକ ଦୃଢ଼ ପୁଅ ମାନଙ୍କ ତୁଳନାରେ କିନ୍ତୁ ସାମାଜିକ ଭାବରେ ସେମାନେ ଏବେ ବି ପୁଅ ମାନଙ୍କ ସମକକ୍ଷ ହୋଇପାରିନାହାଁନ୍ତି। ଓଡ଼ିଶାରେ ନବଜାତକଙ୍କ ଶିଶୁମୃତ୍ୟୁହାର ଆଶାତୀତ ଭାବେ ହ୍ରାସ ପାଇଛି। କାରଣ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଶିଶୁ ଓ ମହିଳା କଲ୍ୟାଣ ବିଭାଗର ସହାୟତାରେ ଅନେକ ଲୋକପ୍ରିୟ ଯୋଜନା ହାତକୁ ନେଉଛନ୍ତି। ମାଆଟି ଗର୍ଭବତୀ ଥିବା ସମୟରୁ ସରକାର ମାଗଣା ପୁଷ୍ଟିକର ଖାଦ୍ୟ ଓ ଔଷଧ ପ୍ରଦାନ ସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଜିଲ୍ଲାସ୍ତରୀୟ, ଶିଶୁଭବନ ଓ ବଡ଼ମେଡ଼ିକାଲ ସବୁଠାରେ ଏମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧାସୁଯୋଗ ଓ ଶିଶୁ ଚିକିତ୍ସକଙ୍କ ସହାୟତାର ବ୍ୟବସ୍ଥା ରଖିଛନ୍ତି। ତେଣୁ ସମସ୍ତେ ଏହାର ସୁଯୋଗ ନେବା ଅତ୍ୟନ୍ତ ଜରୁରୀ।

(ସୌଜନ୍ୟ: ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ, ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪)

ରବି ଚାଷ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟକ୍ରମ ନିର୍ଦ୍ଧାରଣ କମିଟି ବୈଠକ

ବାଲେଶ୍ୱର (ପିଏନ୍)-ଚଳିତ ରବି ୨୦୧୯-୨୦ ବର୍ଷ ପାଇଁ ବାଲେଶ୍ୱର ଜିଲ୍ଲା କୃଷି କାର୍ଯ୍ୟକ୍ରମ ନିର୍ଦ୍ଧାରଣ କମିଟି ବୈଠକ ସ୍ଥାନୀୟ “ସଦଭାବନା ସଭାଗୃହ”ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ରବି ଋତୁ ପାଇଁ ପାଇଁ ବିଭିନ୍ନ ଫସଲ ଏବଂ ନିର୍ଦ୍ଧାରିତ କୃଷି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ବୈଠକ ପ୍ରାରମ୍ଭରେ ଗତ ବର୍ଷର ବୈଠକ ବିବରଣୀକୁ ଅନୁମୋଦନ କରାଯାଇଥିଲା । ପରେ ବୈଠକରେ ଯୁଗ୍ମ ଶସ୍ୟ ଅମଳ ରିପୋର୍ଟ ପ୍ରସ୍ତୁତ ଲାଗି ସାଟେଲାଇଟ ଦ୍ୱାରା ଜମିର ଚିହ୍ନଟ କରାଯାଇ ଯୋଜନା ଓ ସମନ୍ୱୟ ବିଭାଗ, କୃଷି ବିଭାଗ ଓ ରାଜସ୍ୱ ବିଭାଗର କର୍ମଚାରୀ ମିଳିତ ଭାବେ ସ୍ମାର୍ଟ ଫୋନରେ ଅପଡେଟ୍ କରାଯାଉଥିବା ପ୍ରକାଶ କରାଯାଇଥିଲା । ସେହିପରି ଚଳିତ ଋତୁରେ ଜଳସେଚିତ ଓ ଅଣଜଳସେଚିତ ଜମି ଚିହ୍ନଟ କରିବା ପାଇଁ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଚଳିତ ଅମଳରେ ବସ୍ତାରେ ସର୍ବାଧିକ ହେକ୍ଟର ପିଛା ୧୦୫ କ୍ୱିଂଟାଲ ହୋଇଥିବା ଓ ଜିଲ୍ଲାର ଜଳସେଚିତ ଜମିରେ ହାରାହାରି ହେକ୍ଟର ପିଛା ୪୫ କ୍ୱିଂଟାଲ ହୋଇଥିବା ପ୍ରକାଶ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୪୦ରୁ ୪୫ ପ୍ରତିଶତ ଧାନକଟା ସରିଥିବା ଜଣାପଡିଛି । ଏଥର ଜୈବ ଖତ ବ୍ୟବହାର ଯୋଗୁଁ ଗତ ଋତୁ ତୁଳନାରେ ରାସାୟନିକ ସାର ବ୍ୟବହାର ବହୁ ପରିମାଣରେ କମିଥିବା ଆକଳନରୁ ଜଣାପଡିଛି । ରବି ଋତୁ ଲାଗି ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ କୃଷି ଅଧିକାରୀମାନେ ଗୃହକୁ ସୂଚନା ଦେଇଥିଲେ । ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ନିମନ୍ତେ କୃଷି ଅଧିକାରୀମାନେ ଉଦ୍ୟମ କରିବା ସହିତ କୃଷକମାନଙ୍କ ସଚେତନତା ଉପରେ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ କୈଳାସ ଚନ୍ଦ୍ର ପରିଡା, ବିବିସିସି ବ୍ୟାଙ୍କର ଡିଜିଏମ ଶ୍ରୀ ଜଳଧର ପଣ୍ଡା, ଏଲଡିଏମ ଶ୍ରୀ ସୁଦୀପ ଡାକୁଆ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ.ସୁନୀଲ କୁମାର ମହାପାତ୍ର, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବଂଶୀଧର ସାମଲ ପ୍ରମୁଖ ଏଥିରେ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟକ୍ରମସବୁ ଉପରେ ଆଲୋଚନା କରିଥିଲେ । ରବି ଋତୁରେ ଚାଷୀମାନଙ୍କୁ ଠିକ୍ ସମୟରେ ତଥା ସୁଲଭ ମୂଲ୍ୟରେ ସାର, କୀଟନାଶକ ଓ ବିହନ ଯୋଗାଣ, ଧାଡି ରୁଆ, ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା ଏବଂ ସବସିଡି ପ୍ରଦାନ, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନାରେ ଜଳସେଚନର ସୁବିଧା କରାଇବା, ଜୈବ ସାରର ପ୍ରୟୋଗ, ସାରର ଉପଯୁକ୍ତ ବ୍ୟବହାର ଏବଂ ବିକ୍ରିର ସଠିକ୍ ପରିଚାଳନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପ୍ରଭୃତି ସଂପର୍କରେ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା । ଚଳିତ ରବି ଋତୁରେ ଜିଲ୍ଲାର ୨୪ ହଜାର ହେକ୍ଟର ଜମିରେ ଧାନ ଚାଷ ଏବଂ ୮୯ ହଜାର ୧୫୦ହେକ୍ଟର ଜମିରେ ଅଣଧାନ ଫସଲ ଯଥା: ଗହମ, ମକା, ଡାଲି ଓ ତୈଳ ଜାତୀୟ, ଝୋଟ, ଆଖୁ, ମସଲା ଓ ପନିପରିବା ପ୍ରଭୃତି ଏହିପରି ଭାବେ ମୋଟ ୧ ଲକ୍ଷ ୧୩ ହଜାର ୧୫୦ ହେକ୍ଟର ଜମିରେ ଚାଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏହି ବୈଠକରେ କୃଷି ଓ ଆନୁସଙ୍ଗିକ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଗୃହକୁ ଅବଗତ କରାଇଥିଲେ ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ରଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୧୯, ଡିସେମ୍ବର ୦୯

ସୌର ବିଦ୍ୟୁତ୍ ଉତ୍ପାଦନ ଯୋଜନା !

ଭାରତରେ ସୌର ବିଦ୍ୟୁତର ମୂଲ୍ୟ ହ୍ରାସ ପାଇ ଆସୁଥିବାବେଳେ ନିକଟଅତୀତରେ ଏହା ରେକର୍ଡ଼ ତଳକୁ ଖସିଛି । ମଧ୍ୟପ୍ରଦେଶର ରେୱାରେ ୭୫୦ ମେଗାୱାଟର ଏକ ସୌର ବିଦ୍ୟୁତ ପ୍ରକଳ୍ପ ପାଇଁ ହୋଇଥିବା ଟେଣ୍ଡରରେ ଦର କିଲୋୱାଟ ପିଛା ୩ଟଙ୍କା ୨୯ ପଇସା ଆସିଥିବା ଖୁସିର ବିଷୟ । ପ୍ରଥମଥର ପାଇଁ ସୌରଶକ୍ତିର ମୂଲ୍ୟ ୪ଟଙ୍କା ତଳକୁ ଖସିଛି । ଏପରିକି ଏହା ୩ଟଙ୍କା ତଳକୁ ମଧ୍ୟ ଆସିଛି ବୋଲି ଧରାଯାଉଛି, କାରଣ ପ୍ରଥମ ବର୍ଷରେ ଏହା ୨ଟଙ୍କା ୯୭ ପଇସାରେ ମିଳିବ । ସୌର ବିଦ୍ୟୁତ୍ ଉଦ୍ୟୋଗର ଏହି ଧାରାକୁ ଦେଖିଲେ ଆଶା କରାଯାଉଛି ଯେ ଭାରତ ପରିବେଶ ଦୃଷ୍ଟିରୁ କ୍ଷତିକାରକ । ତାପଜ ବିଦ୍ୟୁତ୍ ଅପେକ୍ଷା ବିଶୁଦ୍ଧ ସୌର ବିଦ୍ୟୁତ୍ ଉତ୍ପାଦନ ତଥା ଉପଯୋଗ ଦିଗରେ ଅଧିକ ସଫଳତା ହାସଲ କରିପାରିବ । ତା' ସାଙ୍ଗକୁ ନିକଟରେ ଆମେରିକାର ପ୍ରସିଦ୍ଧ ଏମ୍ଆଇଟି ବୈଷୟିକ ଅନୁଷ୍ଠାନରେ ଗବେଷକମାନେ ଅଧିକ ଦକ୍ଷତାଯୁକ୍ତ ସୋଲାର ସେଲ ତିଆରି କରିଥିବାରୁ ତାହା ସୌର ବିଦ୍ୟୁତ୍‌ର ଗ୍ରହଣୀୟତାକୁ ବେଶୀ ବଢ଼ାଇପାରିବ । ୨୦୨୨ ସୁଦ୍ଧା ଭାରତ ସୌର ବିଦ୍ୟୁତ୍ ଉତ୍ପାଦନ ପାଇଁ ଏକ ବଡ଼ ଯୋଜନା କରିଛି । ତଦନୁସାରେ ଆସନ୍ତା ୫/୬ ବର୍ଷ ମଧ୍ୟରେ ଏହାର ଉତ୍ପାଦନ କ୍ଷମତା ଏକଶହ ଗିଗାୱାଟ ଅର୍ଥାତ୍ ୧ ଲକ୍ଷ ମେଗାୱାଟକୁ ବଢ଼ାଯିବ । ଯେହେତୁ ସୌରଶକ୍ତି ସଂସ୍ଥା ହେଉଛି ସେ ଦୃଷ୍ଟିରୁ ଏହି ଉତ୍ପାଦନ ଲକ୍ଷ୍ୟ ହାସଲ ହେବାରେ ଅସୁବିଧା ହେବ ନାହିଁ ବୋଲି ଆଶା କରାଯିବା ସ୍ୱାଭାବିକ । ଆଗରୁ ଏହାର ୟୁନିଟ ପିଛା ଦର ଖସି ୪ଟଙ୍କା ଉପରେ ଥିବାବେଳେ ଏବେ ମଧ୍ୟପ୍ରଦେଶ ପ୍ରସ୍ତାବରେ ଏହା ଆହୁରି ଶସ୍ତା ହୋଇଯାଇଥିବାରୁ ସରକାର ସୌର ବିଦ୍ୟୁତ୍‌କୁ ଅଧିକ ଗୁରୁତ୍ୱ ଦେବା ଉଚିତ । ରେୱା ପ୍ରକଳ୍ପରେ ଟେଣ୍ଡରରେ ସଫଳ ହୋଇଥିବା ତିନୋଟି କମ୍ପାନୀକୁ ନେଇ ଗଠିତ ଗୋଷ୍ଠୀ ଆଶା ପ୍ରକାଶ କରିଛି ଯେ ପ୍ରକଳ୍ପ ମୂଲ୍ୟରେ ସୋଲାର ପ୍ୟାନେଲର ଅଂଶ ୪୦ ପ୍ରତିଶତ ଥିବାବେଳେ ଆଗାମୀ କେଇବର୍ଷ ମଧ୍ୟରେ ତାହା ଯଥେଷ୍ଟ କମିଯିବାର ସମ୍ଭାବନା ରହିଛି । ତା'ସାଙ୍ଗକୁ ସରକାରୀ ପ୍ରୋତ୍ସାହନ ଆଦିକୁ ନେଇ କମ୍ ଦରରେ ସୌର ବିଦ୍ୟୁତ୍ ଯୋଗାଇବା ଲାଗି କମ୍ପାନୀ ଗୋଷ୍ଠୀ କମ୍ ମୂଲ୍ୟ ଦର୍ଶାଇଛି । ଅବଶ୍ୟ ଏଥିରେ ରାଜ୍ୟ ସରକାରଙ୍କ ସମର୍ଥନକୁ ପ୍ରଶଂସା କରିବା କଥା । ଏହାକୁ ଦେଖି ଅନ୍ୟ ରାଜ୍ୟଗୁଡ଼ିକ ସୌର ବିଦ୍ୟୁତ୍ ଉତ୍ପାଦନକୁ ଅଗ୍ରାଧିକାର ଦେବା ଆବଶ୍ୟକ । ଯେହେତୁ ଭାରତ ବାୟୁମଣ୍ଡଳ ପରିବର୍ତ୍ତନ ସମ୍ପର୍କିତ ପ୍ୟାରିସ ରାଜିନାମାରେ ସ୍ୱାକ୍ଷର କରିଛି ସେହିଦୃଷ୍ଟିରୁ ବିଶୁଦ୍ଧ ବିଦ୍ୟୁତ୍ ଉତ୍ପାଦନ ଯେତେ ବଢ଼ିବ ତାହା ସେତେ ସହାୟକ ହେବ । ସୌର ବିଦ୍ୟୁତ୍ ହେଉ ବା ପବନ ପରି ଅନ୍ୟ ଅକ୍ଷୟଶକ୍ତି ସୂତ୍ର ହେଉ ପ୍ରଦୂଷଣମୁକ୍ତ ବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥାକୁ ସମଗ୍ର ବିଶ୍ୱ ଏବେ ଗୁରୁତ୍ୱ ଦେଉଛି । ଭାରତ ୨୦୧୦ରୁ ଜାତୀୟ ସୌର ମିଶନ ଗଠନ କରିଥିଲେ ହେଁ ଓ ଗତ ଚାରିବର୍ଷରେ ଏ ଦିଗରେ କାମ ହୋଇଥିଲେ ସୁଦ୍ଧା ଚଳିତ ଆର୍ଥିକ ବର୍ଷର ସୌର ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ହାସଲ ହେବା ନେଇ ସନ୍ଦେହ ରହିଛି । ଏପରିକି କୁହାଯାଉଛି ଯେ ୨୦୨୨ ସୁଦ୍ଧା ଧାର୍ଯ୍ୟଲକ୍ଷ୍ୟର ୭୫ ପ୍ରତିଶତ ହାସଲ ହୋଇପାରେ । ସରକାର ଧାର୍ଯ୍ୟଲକ୍ଷ୍ୟକୁ ପୂରାପୂରି ହାସଲ କରିବା ପାଇଁ ଉଦ୍ୟମ କରନ୍ତୁ । ବରଂ ଉତ୍ପାଦନ ଆହୁରି ବଢ଼ାଇବା ଲାଗି ପଦକ୍ଷେପ ନିଆଯିବା ଉଚିତ । ବିଶେଷ ଭାବରେ ସାଧାରଣ ଲୋକେ ନିଜ ଘର ଛାତ ଉପରେ ସୌରଶକ୍ତି ଉତ୍ପାଦନ କଲେ ତାହା ସେମାନଙ୍କୁ ଆର୍ଥିକ ତଥା ଅନ୍ୟାନ୍ୟ ଦୃଷ୍ଟିରୁ ଲାଭ ଦେବ । ଆମେରିକାରେ ଏମ୍ଆଇଟି ଗବେଷକମାନେ ଏବେ ଯେଉଁ ନୂଆ ଫଟୋ ଭୋଲଟାଇ ସେଲ ତିଆରି କରିଛନ୍ତି ତାହା ପ୍ରଚଳିତ ସେଲ୍‌ଠାରୁ ଦୁଇଗୁଣ ଅଧିକ ଦକ୍ଷ । ଏବେ ବ୍ୟବହୃତ ପିଭିସେଲ ୭ ପ୍ରତିଶତ ଦକ୍ଷତାରେ କାମ କରୁଥିବାବେଳେ ନୂଆ ସେଲ ୬୪ ପ୍ରତିଶତ ଦକ୍ଷତାରେ କାମ କରିପାରିବ ବୋଲି ଆଶା କରାଯାଉଛି । ଏଣୁ ଆଶା କରାଯାଉଛି ଯେ ସୌର ବିଦ୍ୟୁତ୍ ବୈଷୟିକ କୌଶଳରେ ଆହୁରି ପରିବର୍ତ୍ତନ ଘଟି,ବ ଯାହା ଏହାର ଉତ୍ପାଦିକା ଶକ୍ତିକୁ ବଢ଼ାଇବ । ଭାରତରେ ସରକାର ବଡ଼ ସୌର ପ୍ରକଳ୍ପ ସ୍ଥାପନ କରି ବିଦ୍ୟୁତ୍ ଗ୍ରୀଡ଼ ସହ ତାକୁ ଯୋଡ଼ିବାକୁ ଉଦ୍ୟମ କରୁଛନ୍ତି । କିନ୍ତୁ ତା'ସହ ଛାତ ଉପରେ ସୌରଶକ୍ତି ଉତ୍ପାଦନ ବଢ଼ିଲେ ସୌର ପ୍ରକଳ୍ପ ପାଇଁ ଯେପରି ଜମି ଦରକାର ପଡୁଛି ସେ ସମସ୍ୟା ରହିବ ନାହିଁ । ଏଣୁ ଏହି ସମ୍ଭାବନାର ସମସ୍ତ ଦିଗକୁ ପ୍ରୋତ୍ସାହନମୂଳକ ଦୃଷ୍ଟି ଦିଆଯିବା ଲୋଡ଼ା ।

ଆଜିର ଅନୁଚିନ୍ତା

ଅହଂକାର ଥିଲେ ସଦ୍‌ଗୁଣ ବଦ୍‌ଗୁଣରେ ପରିଣତ ହୁଏ ।

ଗୁରୁଭକ୍ତିର ଅଦ୍ଭୁତ ନିଦର୍ଶନ !

ପୁରାକାଳରେ ଗୁରୁ ଆଶ୍ରମରେ ରହି ଶିଷ୍ୟମାନେ ବିଦ୍ୟାଧ୍ୟୟନ କରୁଥିଲେ । ଏହା ପ୍ରଚଳିତ ନିୟମ ଥିଲା । ବିଦ୍ୟା ସମାପ୍ତ ହେଲାପରେ ଶିଷ୍ୟ ଗୁରୁଙ୍କୁ ଦକ୍ଷିଣା ଦେଉଥିଲେ । ଗୁରୁ ଦକ୍ଷିଣା ଭିତରେ ନିହିତ ଥିଲା ଗୁରୁଙ୍କ ପ୍ରତି ଐକାନ୍ତିକ ନିଷ୍ଠା, ତ୍ୟାଗ, ଆତ୍ମୋତ୍ସର୍ଗ ତଥା ସମର୍ପଣଭାବ । ଗୁରୁଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲେ ମଧ୍ୟ ଏକଲବ୍ୟ ଗୁରୁଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରି ଅସ୍ତ୍ରବିଦ୍ୟା ଶିକ୍ଷା କରିଥିଲେ । ଘଟଣାକ୍ରମେ ଗୁରୁଙ୍କୁ ବୃଦ୍ଧାଙ୍ଗୁଳି ଦାନସ୍ୱରୂପ ଦେଇ ଶ୍ରେଷ୍ଠ ଧନୁର୍ଦ୍ଧର ହେବାରୁ ବଞ୍ଚିତ ହୋଇଥିଲେ । ଗୁରୁଭକ୍ତିର ଅଦ୍ଭୁତ ନିଦର୍ଶନ ରଖିଯାଇଛନ୍ତି ସେ ସମୟରେ ଏହିଭଳି ଜଣେଜଣେ ଶିଷ୍ୟ । ଏହିଭଳି ଏକ ପୌରାଣିକ ଉପାଖ୍ୟାନ । ମହାତପା ନାମକ ଜଣେ ବିଦ୍ୱାନ ଋଷି ଥିଲେ । ତାଙ୍କର ପୁତ୍ରର ନାମଥିଲା କୁଶ ଏବଂ କନ୍ୟାର ନାମ ଥିଲା ରେବତୀ । ପୁଅ ରୂପବାନ, ମୃଦୁଭାଷୀ ଥିଲାବେଳେ କନ୍ୟା ରେବତୀ ଥିଲେ କଠୋର ଭାଷିଣୀ ଓ କୁରୂପା । ମହାତପାଙ୍କ ପତ୍ନୀ ଚାହିଁଥିଲେ ପୁତ୍ର ଓ କନ୍ୟାଙ୍କୁ ଏକସଙ୍ଗରେ ବିବାହ କରି ଦେବାକୁ । କିନ୍ତୁ କୁରୂପା ଝିଅକୁ ବିବାହ ଦେବା ତାଙ୍କ ପକ୍ଷେ ଅତି ଦୁରୂହ ଥିଲା । ଥରେ ପତ୍ନୀ ମହାତପାଙ୍କୁ କହିଲେ- ନିକଟରେ ମହର୍ଷି ଭରଦ୍ୱାଜ ଋଷିଙ୍କ ଆଶ୍ରମ ଅଛି । ସେହି ଆଶ୍ରମରେ ଅଗଣିତ ଛାତ୍ର ଅଧ୍ୟୟନ କରୁଛନ୍ତି । କନ୍ୟାର ବିବାହ ପ୍ରସଙ୍ଗରେ ତାଙ୍କର ସାହାଯ୍ୟ ଭିକ୍ଷା କରିବା ଉଚିତ ହେବ । ମହାତପା ଆପଣା ପରିବାର ସହିତ ସେଠାରେ ପହଞ୍ଚିଲେ । ଆଶ୍ରମରେ କିଛିଦିନ ରହିଲେ । ଦିନେ ଏକାନ୍ତରେ ଭରଦ୍ୱାଜଙ୍କୁ ମନକଥା କହିଲେ । ଭରଦ୍ୱାଜ ସ୍ପଷ୍ଟ ଭାବରେ କହିଲେ- 'ଏଠାରେ ଅଧ୍ୟୟନରତ ଛାତ୍ରମାନଙ୍କ ମଧ୍ୟରୁ କାହାରିକୁ ମୁଁ ରେବତୀଙ୍କ ପାଣିଗ୍ରହଣପାଇଁ କହିପାରିବି ନାହିଁ, କାରଣ ସେମାନେ ଭାବିବେ ମୁଁ ଗୁରୁଭାବରେ ଆପଣା ପ୍ରଭାବର ଉପଯୋଗ କରି ସେମାନଙ୍କୁ ବାଧ କରୁଛି । ତା' ନିମନ୍ତେ ଉପଯୁକ୍ତ ବର ଶୀଘ୍ର ଆସୁଛି । ଆପଣ ନିଶ୍ଚିତ ରହନ୍ତୁ ।' ଏହାର କିଛିଦିନ ପରେ ଜଣେ ଅତ୍ୟନ୍ତ ଭଦ୍ର, ରୂପବାନ, ସର୍ବଗୁଣସଂପନ୍ନ ବ୍ରାହ୍ମଣଯୁବକ ଭରଦ୍ୱାଜଙ୍କ ଆଶ୍ରମକୁ ଆସିଲେ, ନାଁ ଥିଲା କଠ । ମହର୍ଷି ଭରଦ୍ୱାଜ ତାଙ୍କୁ ଦେଖିବା ମାତ୍ରେ ଅତି ପ୍ରସନ୍ନ ହୋଇଗଲେ । ପଚାରିଲେ- 'କେଉଁଥିପାଇଁ ଆସିଛ ବତ୍ସ ! କଠ ବିନମ୍ରତାପୂର୍ବକ କହିଲେ ଆପଣଙ୍କଠାରୁ ବିଦ୍ୟାଗ୍ରହଣ କରି ମୁଁ ମୋର ଜନ୍ମ ସଫଳ କରିବାକୁ ଚାହୁଁଛି । ଏହାହିଁ ମୋର ଆସିବାର ଉଦ୍ଦେଶ୍ୟ ମହାଭାଗ ।' ଋଷି କହିଲେ- ଚାରିବେଦ, ପୁରାଣ, ତଥା ଅନେକ ଶାସ୍ତ୍ର ଅଛି ଯାହା ମୁଁ ଜାଣିଛି । ତୁମେ ଏଠାରେ କ'ଣ ଅଧ୍ୟୟନ କରିବାକୁ ଚାହୁଁଛ ? କଠଙ୍କର ଉତ୍ତର ଥିଲା-ଆପଣ ଯେଉଁସବୁ ଶାସ୍ତ୍ର ଜାଣିଛନ୍ତି ତାହା ମୋତେ ଶିକ୍ଷା ଦିଅନ୍ତୁ । ଭରଦ୍ୱାଜ କଠଙ୍କୁ ସମସ୍ତ ଶାସ୍ତ୍ର ଶିକ୍ଷା ଦେଲେ । ଖୁବ୍ କମ ସମୟ ଭିତରେ କଠ ସବୁଶାସ୍ତ୍ର ଜାଣିବାରେ ସକ୍ଷମ ହୋଇଗଲେ । ବିଦ୍ୟାସମାପ୍ତ ପରେ ଦିନେ କଠ ଗୁରୁଙ୍କୁ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଦକ୍ଷିଣା ଦେବାର ଇଚ୍ଛାପ୍ରକଟ କଲେ । ଭରଦ୍ୱାଜ ଉତ୍ତରରେ କହିଲେ କିଛିଦୂରରେ ମହାତପା ନାମକ ଜଣେ ଋଷି ରହୁଛନ୍ତି । ତାଙ୍କର କନ୍ୟା ରେବତୀ ମୋର କନ୍ୟା ସଦୃଶ । ମୁଁ ଚାହୁଁଛି ଗୁରୁଦକ୍ଷିଣା ସ୍ୱରୂପ ତୁମେ ତା'ର ପାଣିଗ୍ରହଣ କର । କଠ ଗୁରୁ ଆଜ୍ଞା ନିର୍ବିକାରରେ ପାଳନ କରିଥିଲେ । ବିବାହ ପରେ କଠ ଆଶ୍ରମ ଛାଡ଼ିଲେ । ପରବର୍ତ୍ତୀ ସମୟରେ ଶିବଙ୍କ ଉଦ୍ଦେଶ୍ୟରେ କଠୋର ତପ କଲେ । ତାଙ୍କର ଭକ୍ତିରେ ପ୍ରସନ୍ନ ହୋଇ ଶିବ ବରପ୍ରଦାନ କରିଥିଲେ । କାଳାନ୍ତରରେ କଠ ଆପଣା ଆଶ୍ରମ ସ୍ଥାପନ କରିବାସହ କଠୋପନିଷଦ ରଚନା କରିଥିଲେ ।

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ
କଳ୍ପବଟ ....

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ସେବାପ୍ରତି ନକାରାତ୍ମକ ମନୋଭାବ

............କେ.ଏସ୍. କୁମାର............

ସେବା ସବୁଠୁ ଶ୍ରେଷ୍ଠ କାର୍ଯ୍ୟ ଭାବେ ସବୁ ଯୁଗରେ ସମ୍ମାନପାଇ ଆସିଛି । ସେବା କରୁଥିବା ଲୋକଙ୍କୁ ସାଧାରଣରେ ଅନନ୍ୟ ବ୍ୟକ୍ତିତ୍ୱ, ମହାପୁରୁଷ ଭାବେ ସମ୍ମାନ ପ୍ରଦର୍ଶନ କରାଯାଇଆସିଛି । କିନ୍ତୁ ସଂପ୍ରତି ସେବାପ୍ରତି ସମାଜରେ ଏକ ଭିନ୍ନ ନକାରାତ୍ମକ ମନୋଭାବ ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି । ଭୋଗରେ ମଗ୍ନ ଲୋକେ ଯୋଗରେ ମଗ୍ନଥିବା ଲୋକଙ୍କୁ ଈର୍ଷାଳୁ ଦୃଷ୍ଟିରେ ଦେଖିବାରେ ଲାଗିଛନ୍ତି । ସମ୍ବାଦପତ୍ରଠାରୁ ଆରମ୍ଭ କରି ଗଣମାଧ୍ୟମ ପର୍ଯ୍ୟନ୍ତ ସବୁଠି ସେବାକୁ ଗୌଣ ଦୃଷ୍ଟିରେ ବିବେଚନା କରାଯାଉଛି । କେବଳ ହାଇପ୍ରୋଫାଇଲ ପ୍ରଚାରବାଦୀଙ୍କୁ ଉତ୍କୃଷ୍ଟ ସମାଜସେବୀ ଭାବେ ପ୍ରଚାର କରାଯାଉଛି ।

ବ୍ୟକ୍ତିଗତ ସ୍ୱାର୍ଥରହିତ କଲ୍ୟାଣମୂଳକ କାର୍ଯ୍ୟ ହେଉଛି ସେବା । କିନ୍ତୁ ଏବେ ଲୋକେ ସେବାକୁ ପେଷା କରି ମଧ୍ୟ ସମାଜସେବୀର ପରିଚୟ ଦେଉଛନ୍ତି, ସାମାଜିକ କର୍ମୀର ସମ୍ମାନ ନେଉଛନ୍ତି । ସମାଜ ଯେପରି ସମସ୍ତଙ୍କର, ସମସ୍ତେ ଯେପରି ସମାଜ ଭିତରେ ବଞ୍ଚି ରହିଛନ୍ତି, ସେମିତି ସାମାଜିକ କାର୍ଯ୍ୟ କରିବା ସମସ୍ତଙ୍କର କାର୍ଯ୍ୟ । ଅଥଚ ଅର୍ଥ ମାଧ୍ୟମରେ ଏ କାର୍ଯ୍ୟ କରୁଥିବା ଲୋକେ ମଧ୍ୟ ପେଷାଦାର ସମାଜକର୍ମୀ ବୋଲି ନିଜକୁ ପରିଚୟ ଦେଇ ଚାଲିଛନ୍ତି । ସେବା ସବୁବେଳେ ସମାଜର ଲକ୍ଷ୍ୟ ହୋଇଆସିଛି, ପେଷା ନୁହେଁ । ଆମେରିକା ଓ ୟୁରୋପ ପରି ଦେଶରେ ସେଠାକାର ବିଧି, ବ୍ୟବସ୍ଥା, ବାତାବରଣକୁ ନେଇ ଯେଉଁସବୁ କଳ୍ପନା ସୃଷ୍ଟି ହୋଇଛି ସେସବୁକୁ ଗଣମାଧ୍ୟମ ମାଧ୍ୟମରେ ସମଗ୍ର ବିଶ୍ୱରେ ଖେଳାଇ ଦିଆଯାଇ ସର୍ବଜନୀନ କରିବାକୁ ପ୍ରୟାସ କରାଯାଉଛି । ସେମିତି ନାରୀ ଅଧିକାର କଥା କୁହାଯାଇ ଏବେ ଭାଷଣ ଦେଉଥିବା ଲୋକେ ୨୦୦ ବର୍ଷରୁ ଅଧିକ କାଳଧରି ଗଣତନ୍ତ୍ର ଚାଲିଥିବା ଦେଶ ବୋଲି କହୁଥିବା ଆମେରିକାରେ ଆଜିଯାଏ ଜଣେ ହେଲେ ମହିଳାଙ୍କୁ ରାଷ୍ଟ୍ରମୁଖ୍ୟ ହେବାର ସୁଯୋଗ ଦେଇପାରିନାହାନ୍ତି । ଅଥଚ ଆମେରିକାଠାରୁ ଢେର ଛୋଟ ଦେଶ ଶ୍ରୀଲଙ୍କା ସର୍ବପ୍ରଥମେ ଜଣେ ମହିଳାଙ୍କୁ ରାଷ୍ଟ୍ରମୁଖ୍ୟ ହେବାର ସୁଯୋଗ ଦେଇ ପ୍ରଥମ ସ୍ଥାନରେ ରହିଲା । ହେଲେ ବିଶ୍ୱସ୍ତରୀୟ ଆଲୋଚନାରେ ଶ୍ରୀଲଙ୍କାର ବିଷୟଠାରୁ ଆମେରିକାର ବିଷୟ ଅଧିକ ମୂଲ୍ୟ ରଖିଥାଏ । ଆମେରିକାର ଲୋକେ ନାରୀମାନଙ୍କୁ ଅଧିକାର ଦେବାକୁ ପଛଘୁଞ୍ଚା ଦେଉଥିବା ଏଥିରୁ ଜଣାପଡେ । ତେଣୁ ନାରୀମାନଙ୍କ ନେତୃତ୍ୱ କ୍ଷେତ୍ରରେ ଆମେରିକା ଶ୍ରୀଲଙ୍କାଠାରୁ ମଧ୍ୟ ଢେର ପଛରେ ରହିଥିବା କଥା ଆମକୁ ମୁକ୍ତକଣ୍ଠରେ ସ୍ୱୀକାର କରିବାକୁ ପଡିବ । ସେହିଦୃଷ୍ଟିରୁ ମହିଳା ଅଧିକାର ବିଷୟରେ ନେତୃତ୍ୱ ଶ୍ରୀଲଙ୍କା ନେବା ଦରକାର, ଆମେରିକା କିମ୍ବା ୟୁରୋପ ନୁହେଁ । ଏ ବିଷୟରେ ଶ୍ରୀଲଙ୍କା ଅନ୍ୟମାନଙ୍କୁ ପାଠ ପଢାଇବା ଦରକାର, ଅନ୍ୟମାନେ ଶ୍ରୀଲଙ୍କାକୁ ପାଠ ପଢାଇବାର ଆବଶ୍ୟକତା ନାହିଁ ।

ଠିକ୍ ସେହିପରି ସେବାକୁ ନେଇ ଯେଉଁ ପ୍ରକାର ଧାରଣା ଭାରତବର୍ଷରେ ରହିଆସିଥିଲା, ଆଜି ତାହା ଆଉ ନାହିଁ । ସେବା କରୁଥିବା ଲୋକଟି ପ୍ରତି ମଧ୍ୟ ସାଧାରଣରେ ଧାରଣା ଖୁବ୍ ସଂକୁଚିତ । ଲୋକେ ମନେ କରୁଛନ୍ତି ଯିଏ ସେବା କରୁଛି ବୋଧହୁଏ ତା ପାଖରେ ସବୁ କିଛି ଅଛି, ନଚେତ ସେବାକୁ ବଞ୍ଚିବାର ମାଧ୍ୟମ କରିଛି । ଏ ଦୁଇ ପ୍ରକାର ଲୋକଙ୍କ ଛଡା ଯେମିତି ଅନ୍ୟ କେହି ସେବାରେ ନିଜକୁ ସଂପୃକ୍ତ କରିପାରିବ ନାହିଁ ।

କି ଶିକ୍ଷିତ, କି ଅଶିକ୍ଷିତ ପ୍ରତ୍ୟେକ ବ୍ୟକ୍ତି ପାଖରେ ଆପଣା ସ୍ୱାର୍ଥ ଯାହାକୁ ଅନ୍ଧସ୍ୱାର୍ଥ କୁହାଯାଇପାରେ, ତାହା ଏତେ ଅଧିକ ଯେ ସେମାନେ ନିଜେ ଓ ନିଜ ପରିବାର ଛଡା ଅନ୍ୟ କାହାକୁ ଗୁରୁତ୍ୱ ଦେବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ସବୁ ଧନ, ସବୁ ପ୍ରାଚୁର୍ଯ୍ୟ, ସମସ୍ତ ସୁବିଧା ହାସଲ କରିବାପାଇଁ ସେମାନେ ଏତେ ଅନ୍ଧ ହୋଇଯାଆନ୍ତି ଯେ ଅନ୍ୟର କ୍ଷତି କରବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ଏହି ଲୋକମାନେ ସମାଜସେବୀଙ୍କୁ ହୀନ ଦୃଷ୍ଟିରେ ଦେଖନ୍ତି, କୁତ୍ସାରଟନା କରନ୍ତି । ନିନ୍ଦିତ କରାନ୍ତି, ସମୟ ସୁବିଧା ଦେଖି ସମାଜର ଅର୍ଥକୁ ଆତ୍ମସାତ କରିଥା'ନ୍ତି । ଗଣମାଧ୍ୟମରେ ଏହି ଲୋକେ ସମାଜସେବୀଙ୍କ ବିରୋଧରେ ମିଥ୍ୟା ପ୍ରଚାର କରନ୍ତି । କାଳେ ନିଜର ପତିଆରା ହରାଇ ବସିବେ ସେଥିପାଇଁ ସମାଜସେବୀଙ୍କ ନାମରେ ସନ୍ଦେହ ସୃଷ୍ଟି କରିଥାନ୍ତି । ଆଜି ଲୋକଙ୍କ ଭିତରେ ଅନେକ ବ୍ୟକ୍ତିବିଶେଷ ଜନକଲ୍ୟାଣକାରୀ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ହେଁ ସେମାନେ ପ୍ରତିଷ୍ଠାର ଅସଲ ଦୌଡରେ ପଛରେ ପଡିଯାଉଛନ୍ତି ।

ଅନେକ ସ୍ଥାନରେ ସେବାକାର୍ଯ୍ୟ କରୁଥିବା ଲୋକେ ସ୍ଥାନୀୟ ରାଜନେତା, ସଂକୁଚିତମନା ବ୍ୟକ୍ତିବିଶେଷ, ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ରୋଷର ଶିକାର ହେଉଛନ୍ତି । ଯେମିତି ନିକଟଅତୀତରେ ନୟାଗଡର ସାଇକେଲ ବାବା ଭାବେ ପରିଚିତ ତଥା ପରିବେଶ ରକ୍ଷାକାରୀଙ୍କୁ ନିଶାଖୋରମାନେ ଏଥିପାଇଁ ହତ୍ୟା କରିଥିଲେ ଯେ ସେମାନଙ୍କୁ ବାବା ମନ୍ଦିର ଭିତରେ ମଦ୍ୟପାନର ସୁଯୋଗ ଦେଲେନାହିଁ । କେଉଁଠି ଜମିକୁ ନେଇ, ପୁଣି କେଉଁଠି ପତିଆରାକୁ ନେଇ ଲୋକେ ସେବାକାରୀଙ୍କୁ ସଂକଟରେ ପକାଉଛନ୍ତି ।

ନିର୍ବାଚନୀ ଚାନ୍ଦା ନ ଦେବା ଯୋଗୁ ତାମିଲନାଡୁରେ ଜୟଲଳିତା ସରକାର ସେଠାକାର ଜଣେ ଶଙ୍କରାଚାର୍ଯ୍ୟଙ୍କୁ ଜେଲ ପର୍ଯ୍ୟନ୍ତ ପଠାଇଲେ ମିଥ୍ୟା ଅଭିଯୋଗ ମାଧ୍ୟମରେ । ଅଥଚ ସମୟର ଅଭିଶାପ ଏମିତି ହେଲା ଯେ ଏତେ ସଂପତ୍ତି ଠୁଳକାରିଣୀ ଜୟଲଳିତା ମଲେ ସୁଦ୍ଧା ତାଙ୍କ ରୋଗଶଯ୍ୟା ନିକଟକୁ ପରିବାର ଲୋକେ ଯାଇପାରିଲେ ନାହିଁ । ସେମିତି ଗତ କିଛିଦିନ ହେବ ଦେଶର ଗଣମାଧ୍ୟମଗୁଡିକର ଲୋଲୁପଦୃଷ୍ଟି ମଠ, ମନ୍ଦିର, ସାଧୁ-ସନ୍ଥ, ସେବା ଟ୍ରଷ୍ଟଗୁଡିକ ଉପରେ ପଡିଛି । ଯୁଗଯୁଗ ଧରି ରହିଥିବା ମନ୍ଦିର ସଂପତ୍ତିକୁ ବାଣ୍ଟିନେବାପାଇଁ କିଏ ଯୁକ୍ତିକଲାଣି ତ' କିଏ ପୁଣି ମଠ ମନ୍ଦିର ସଂପତ୍ତିକୁ ଲୁଟ କରିବାକୁ ଲୋକଙ୍କୁ ପଠାଇ ନିଆଁ ଲଗାଇଲାଣି । ଓଡିଶାରେ ଏଭଳି ତୁମ୍ବିତୋଫାନ ଉଠାଇଥିବା ଜଣେ ଗଣମାଧ୍ୟମ ମାଲିକଙ୍କୁ ବର୍ଷକ ଭିତରେ ଜେଲ ଯିବାକୁ ପଡିଲା । କଥାରେ ଅଛି ଯେମିତି ବୁଣିବ, ସେମିତି ଫଳିବ ।

ଗ୍ରାମାଞ୍ଚଳରେ ଗୋ-ସେବା ପାଇଁ ଥିବା ଗୋଚରଠାରୁ ଆରମ୍ଭକରି ଶ୍ମଶାନ ଜମି, ଜଳାଶୟ, ମଠର କୋଠ ସଂପତ୍ତିକୁ ଲୋକେ ଆପଣାର କରିନେବାଲାଗି ବ୍ୟସ୍ତ । କେବଳ ସେତିକି ନୁହେଁ ? ସ୍ଥାନୀୟ କୁଜି ନେତାମାନଙ୍କ ସହ ମିଶି ସେବାକାରୀମାନଙ୍କ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିବାରେ ଲାଗି ପଡୁଛନ୍ତି । ସେବାକାରୀମାନେ କାଳେ ଲୋକସେବା ଦ୍ୱାରା ସୁନାମ ଅର୍ଜନ କରି ଲୋକଙ୍କ ପ୍ରିୟପାତ୍ର ହୋଇ ସେମାନଙ୍କ ପ୍ରତି ଚ୍ୟାଲେଞ୍ଜ ହେବେ, ସେହି ଭୟରେ ସେମାନେ ସେବାକାର୍ଯ୍ୟରେ କଣ୍ଟକ ହେଉଛନ୍ତି । ସେମିତି କଟକ ରେଭେନ୍‌ସା କଲେଜ ଛକ ନିକଟରେ ଥିବା ଯଶୋଦା ସଦନ ଅନାଥାଶ୍ରମର ଡ୍ରେନେଜ ପାଣିକୁ ମ୍ୟୁନିସିପାଲିଟି ନାଳରେ ପକାଇବା କ୍ଷେତ୍ରରେ ସ୍ଥାନୀୟ ବ୍ୟବସାୟୀ ଏବଂ କର୍ପୋରେଟର ପ୍ରତିବନ୍ଧକ ସାଜିଛନ୍ତି । ସ୍ଥାନୀୟ ବାସିନ୍ଦା କିଛି ବ୍ୟବସାୟୀ ଅନାଥାଶ୍ରମ ପ୍ରତି ଏତେମାତ୍ରାରେ ଅସହିଷ୍ଣୁ ଯେ କହିହେବନାହିଁ । ଏହାର ମୂଳ କାରଣ ହେଲା-ଅନାଥାଶ୍ରମ ଯେଉଁ ସ୍ଥାନରେ ଗଢିଉଠିଛି ସେ ଜମିଟିକୁ ହାତେଇବାଲାଗି ଅନେକ ପାଖପଡୋଶୀ ଲୋକେ ସୁଯୋଗ ଖୋଜୁଥିଲେ । କିନ୍ତୁ ଅନାଥାଶ୍ରମ ଗଢି ଉଠିବାପରେ ସେହି ରାସ୍ତା ବନ୍ଦ ।

ସାମାଜିର ଜୀବନରେ ସନ୍ନ୍ୟାସ ଧର୍ମ ବୋଲି ଗୋଟିଏ ବିଷୟ ଥିଲା । ତାହା ହେଲା ପରିଣତ ବୟସରେ ଗୃହସ୍ଥ ବ୍ୟକ୍ତି ସମାଜ ଭିତରେ ରହି ସନ୍ନ୍ୟାସୀ ସଦୃଶ କାର୍ଯ୍ୟକରିବ । ଆଜି ଭୋଗବାଦରେ ବୁଡିଥିବା ତଥାକଥିତ ଶିକ୍ଷିତ (ପ୍ରକୃତରେ ଅଶିକ୍ଷିତ) ଲୋକେ ମୃତ୍ୟୁପର୍ଯ୍ୟନ୍ତ ଭୋଗଲିପ୍‌ସାରେ ବ୍ୟସ୍ତ ରହିବାକୁ ଚାହୁଁଛନ୍ତି । ତାହା ଚାକିରୀ ହେଉ ଅଥବା କ୍ଷମତା ହେଉ, ସବୁକିଛି ଯେପରି ଶେଷ ହେବନାହିଁ ସେ ଦିଗରେ ସେମାନେ ବ୍ୟସ୍ତ । ଫଳରେ ଅବସରପ୍ରାପ୍ତ କର୍ମଚାରୀ ପୁଣି ଚାକିରୀ କରୁଛି, ରାଜନୀତିକୁ ଯାଇ କ୍ଷମତା ଜାବୁଡି ଧରୁଛି, କିନ୍ତୁ ସନ୍ନ୍ୟାସଧର୍ମ କଥା ଚିନ୍ତା କରୁନାହାନ୍ତି ।

ଏପରି ନରାକାତ୍ମକ ସ୍ଥିତିରେ ଯେଉଁମାନେ ସମାଜସେବା କରୁଛନ୍ତି, ବଡ କଷ୍ଟରେ କରୁଛନ୍ତି । ଯେଉଁମାନେ ଚଳିବା ପାଇଁ ସେବାକୁ ମାଳା କରିଛନ୍ତି ସେମାନଙ୍କୁ ବାଦ ଦେଲେ ବାସ୍ତବ ଜୀବନରେ ନିକଟସ୍ଥ ଲୋକଙ୍କ ସେବାକରିବା କଷ୍ଟକର ହେଲାଣି । ଏବେ ପରିବାର ମଧ୍ୟରେ ପୁଅ ବୋହୂମାନେ ବୃଦ୍ଧ ପିତା-ମାତାଙ୍କ ସେବା କରୁନଥିବା ସ୍ଥଳେ ସେମାନଙ୍କଠାରୁ ସମାଜ କିଛି ଆଶା ରଖିବା ବୃଥା ।

ସେବା ନାମରେ ଦୋକାନ ଖୋଲିଥିବା ଲୋକେ ଦୁର୍ଭିକ୍ଷ, ଭୂମିକମ୍ପ, ବାତ୍ୟା, ଦାରିଦ୍ର୍ୟର ସୁଯୋଗନେଇ ଲୋକଙ୍କୁ ଧର୍ମାନ୍ତରିତ କରିବାରେ ବ୍ୟସ୍ତ । ଏମାନେ ସାରା ପୃଥିବୀରେ ବ୍ୟାପି ରହିଛନ୍ତି । ଆଫ୍ରିକାର ଇଥିଓପିଆରୁ ଆରମ୍ଭ କରି ଭୂକମ୍ପଗ୍ରସ୍ତ ନେପାଳ ଦାରିଦ୍ର୍ୟଭରା ମିଆଁମାର, ଅଷ୍ଟ୍ରେଲିଆର ଜନଜାତି ଅଞ୍ଚଳ ପର୍ଯ୍ୟନ୍ତ ସବୁଠାରେ ଏମାନେ ଧର୍ମାନ୍ତରଣ ବେପାରରେ ବ୍ୟସ୍ତ । ଲୋକଙ୍କର ଅସହାୟତାରୁ ଏମାନେ ଫାଇଦା ଉଠାଇବାରେ ବ୍ୟସ୍ତ, ତେଣେ ନୋବେଲ ପୁରସ୍କାର ଗୋଟାଇବାରେ ବ୍ୟସ୍ତ । ଏସବୁ ପରିସ୍ଥିତି, ପରିବେଶ ମଧ୍ୟରେ ସେବା ଆଜି ସଂକଟରେ ପଡିଛି । ସେବା ପ୍ରତି ଆଚାର, ଆଚରଣ ବଦଳିଛି । ସେବା କରୁଥିବା ଲୋକେ କଷ୍ଟକର ବିରୋଧୀ ବାତାବରଣ ମଧ୍ୟରେ କାର୍ଯ୍ୟ କରୁଛନ୍ତି । ଏପରିକି ନ୍ୟସ୍ତସ୍ୱାର୍ଥ ଲୋକଙ୍କ ଶିକାର ମଧ୍ୟ ହେଉଛନ୍ତି । ପରିବାର, ସମାଜ ଓ ଦେଶରେ ସେବାକୁ ସୁରକ୍ଷା ନ ମିଳିଲେ ସ୍ୱାଭାବିକ କାର୍ଯ୍ୟ କରିବା କଷ୍ଟକର ହେବ ।

> *ସାମାଜିର ଜୀବନରେ ସନ୍ନ୍ୟାସ ଧର୍ମ ବୋଲି ଗୋଟିଏ ବିଷୟ ଥିଲା । ତାହା ହେଲା ପରିଣତ ବୟସରେ ଗୃହସ୍ଥ ବ୍ୟକ୍ତି ସମାଜ ଭିତରେ ରହି ସନ୍ନ୍ୟାସୀ ସଦୃଶ କାର୍ଯ୍ୟକରିବ । ଆଜି ଭୋଗବାଦରେ ବୁଡିଥିବା ତଥାକଥିତ ଶିକ୍ଷିତ (ପ୍ରକୃତରେ ଅଶିକ୍ଷିତ) ଲୋକେ ମୃତ୍ୟୁପର୍ଯ୍ୟନ୍ତ ଭୋଗଲିପ୍‌ସାରେ ବ୍ୟସ୍ତ ରହିବାକୁ ଚାହୁଁଛନ୍ତି । ତାହା ଚାକିରୀ ହେଉ ଅଥବା କ୍ଷମତା ହେଉ, ସବୁକିଛି ଯେପରି ଶେଷ ହେବନାହିଁ ସେ ଦିଗରେ ସେମାନେ ବ୍ୟସ୍ତ । ଫଳରେ ଅବସରପ୍ରାପ୍ତ କର୍ମଚାରୀ ପୁଣି ଚାକିରୀ କରୁଛି, ରାଜନୀତିକୁ ଯାଇ କ୍ଷମତା ଜାବୁଡି ଧରୁଛି, କିନ୍ତୁ ସନ୍ନ୍ୟାସଧର୍ମ କଥା ଚିନ୍ତା କରୁନାହାନ୍ତି ।*

-ଭାରତୀୟ ସମ୍ବାଦସେବା (ଭାସ୍), ଭୁବନେଶ୍ୱର

ଉଜୁଡ଼ା ସଂସ୍କୃତି

ଡ. ପ୍ରତିଭା ମହାରଥୀ

ଆଜି ଜାନକୀଦେବୀଙ୍କ ଜନ୍ମଦିନ । ତାଙ୍କୁ ଅଣାନବେ ବର୍ଷ ପୂରି ନବେ ବର୍ଷ ଚାଲିଲା । ତାଙ୍କ ବୟସ ତୁଳନାରେ ଅବଶ୍ୟ ସେ ସୁସ୍ଥ ଅଛନ୍ତି । ଆଖିକୁ ଭଲ ଦେଖାଯାଉଛି, କାନକୁ ବି ଭଲ ଶୁଣାଯାଉଛି । ଯଦିଓ ସେ ଆଗ ଅପେକ୍ଷା ପୂରା ଦୁର୍ବଳ ହୋଇଯାଇଛନ୍ତି, ବାଡ଼ି ଖଣ୍ଡିଏ ଧରି ଘର, ବାହାର, ବଗିଚା, ଗାଧୁଆଘର ସବୁଆଡ଼େ ନିଜେ ଯାଇପାରୁଛନ୍ତି । ନିତ୍ୟକର୍ମ ମଧ୍ୟ ନିଜେ କରିପାରୁଛନ୍ତି । ଏହାହିଁ ଭଗବାନଙ୍କର ସବୁଠୁ ବଡ଼ ଆଶୀର୍ବାଦ ।

ଜାନକୀଦେବୀଙ୍କର ବେଶ୍ ବଡ଼ ପରିବାରଟିଏ । ଚାରିପୁଅ, ତିନିଝିଅ ଓ ଅଠର ଜଣ ନାତି ନାତୁଣୀ ତାଙ୍କର । ସମସ୍ତେ ତାଙ୍କ ଜନ୍ମଦିନ ଉପଲକ୍ଷେ ଏକତ୍ରିତ ହୋଇଛନ୍ତି ଗାଁ ଘରେ । ଗାଁଟି ପୁରୀ ସହର ନିକଟସ୍ଥ ବୀରହରେକୃଷ୍ଣପୁର ଶାସନରେ । ଗାଁ ଭିତରୁ ଚାହିଁଦେଲେ ନୀଳଚକ୍ର ଉପରେ ଉଡୁଥିବା ପତିତପାବନ ବାନାଟି ପରିଷ୍କାର ଦେଖିହୁଏ । ପୁଣି ଜାନକୀଦେବୀଙ୍କ ଜନ୍ମଦିନ ଶ୍ରୀରାମନବମୀ ଭଳି ଅତି ପବିତ୍ର ଦିନରେ ପଡୁଥିବାରୁ କେହି ସହଜରେ ଭୁଲିପାରନ୍ତି ନାହିଁ । ପ୍ରତିଥର ଜନ୍ମଦିନରେ ନାତି ନାତୁଣୀମାନେ ଶୁଭେଚ୍ଛା ବାର୍ତ୍ତା ଫୋନ୍‌ରେ ଜଣାଇ ଦେଉଥିଲେ । ମାତ୍ର ସମସ୍ତେ ଭାରି ଆଗ୍ରହରେ ଏଥରର ଜନ୍ମଦିନ ଗାଁରେ କରିବା ପାଇଁ ମନସ୍ଥ କରିଛନ୍ତି । ସେଥିପାଇଁ ଜାନକୀଦେବୀଙ୍କ ମନ ଭାରି ଖୁସି । ସକାଳୁ ସକାଳୁ ପୁଅ, ବୋହୂ, ଝିଅ, ଜୋଇଁ ଓ ନାତି ନାତୁଣୀମାନଙ୍କ ଆସିବା ଲାଗିରହିଛି । ଘର ଆଜି ଗହଳ ଚହଳ, କୋଳାହଳମୟ ।

ପିଲାମାନେ ଜନ୍ମଦିନ ପାଳନ ପର୍ବ ଆରମ୍ଭ କଲେ । ଗାଧୋଇ ସାରିଲା ପରେ ଜାନକୀଦେବୀଙ୍କୁ ନୂଆ ଲୁଗାଟିଏ ପିନ୍ଧାଇଦେଲେ । ବେକରେ ଲମ୍ବାଇଦେଲେ ରଜନୀଗନ୍ଧା ଏବଂ ଗେଣ୍ଡୁଫୁଲର ବଡ଼ ମାଳଟିଏ । ଘର ସାରା ରଙ୍ଗୀନ୍ ବେଲୁନ୍ ଝୁଲାଇଦେଲେ । ଟେବୁଲ ଉପରେ ବଡ଼ କେକ୍‌ଟି ଆଣି ସଜେଇ ରଖିଲେ । କେକ୍ ଉପରେ ଦୁଇଟି ମହମବତୀକୁ (ଗୋଟିକରେ ନଅ ସଂଖ୍ୟା ଏବଂ ଆଉ ଗୋଟିକରେ ଶୂନ ସଂଖ୍ୟା ଲେଖାଥିବା) ଜଳାଇଦେଲେ । ଏବେ ଜାନକୀଦେବୀଙ୍କ ହାତରେ ଛୁରିଟିଏ ଧରାଇଦେଇ ପ୍ରଥମେ ଜଳୁଥିବା ମହମବତୀକୁ ଫୁଙ୍କି ଲିଭାଇଦେବାକୁ କହିଲେ ନାତିନାତୁଣୀମାନେ । ତା'ପରେ ନିଜ ହାତରେ କେକ୍ କାଟି ଥାଆନ୍ତେ... ମାତ୍ର ମହମବତୀକୁ ଫୁଙ୍କି ଲିଭାଇଦେବା କଥା ଶୁଣି ତାଙ୍କର ହସିଲା ମୁହଁଟା ହଠାତ୍ ଶୁଖିଗଲା । ସେ ନୀରବ ହୋଇଗଲେ । ଏହା ଦେଖି ସମସ୍ତେ ଚୁପ୍ । ଲାଗିଲା ଯେପରି ସମସ୍ତ ଆନନ୍ଦ ଉଲ୍ଲାସରେ ହଠାତ୍ ଭଙ୍ଗା ପଡ଼ିଗଲା । କେହି କିଛି ବୁଝିପାରୁନାହାନ୍ତି, ଜାନକୀଦେବୀଙ୍କ ମନଦୁଃଖର କାରଣ କ'ଣ ହୋଇପାରେ ! ! ହଠାତ୍ ବଡ଼ ନାତି କୁନା (ବଡ଼ ପୁଅର ପୁଅ) ଜେଜେମାଆଙ୍କ ନିକଟକୁ ଲାଗି ଆସି ଧୀର ତଥା ନମ୍ର ସ୍ୱରରେ ପଚାରିଲେ, "ଜେଜେମା କଣ ହେଲା ତୁମର ? ଆଜି ପରି ଦିନରେ ତୁମେ ଏପରି ଚୁପ୍‌ଚାପ୍ ହୋଇଗଲ ଯେ... ?" ଏଥର ଜାନକୀଦେବୀ ମୁହଁ ଖୋଲିଲେ । କହିଲେ, "ପିଲାମାନେ ! ତୁମେ ସବୁ ମହମବତୀ ଲିଭାଇକରି ନୁହେଁ, ଜଳାଇ କରି ଜନ୍ମଦିନ ପାଳନ କର । ଆମ ଭାରତୀୟ ସଂସ୍କୃତି ଏହା ହିଁ କହେ । ଲିଭିଯିବା ମାନେ ତ ମୃତ୍ୟୁ ହୋଇଯିବା ସହ ସମାନ । ଏହା ହୋଇପାରେ ପାଶ୍ଚାତ୍ୟ ସଂସ୍କୃତି ।" ଯେ ଶିଖେନାହିଁ ସେ ବଢ଼େନାହିଁ, ଯେ ବଢ଼େନାହିଁ ସେ ମୃତପ୍ରାୟ । ପିଲାମାନେ ଏବେ ନିଜ ନିଜର ଭୁଲ୍‌କୁ ସ୍ୱୀକାର କଲେ ଏବଂ ଜାନକୀଦେବୀଙ୍କ କଥାକୁ ସ୍ୱାଗତ କଲେ । ମହମବତୀ ଜଳିଲା । ଏବେ ଜାନକୀଦେବୀ କେକ୍ କାଟିବା ଆରମ୍ଭ କଲେ । ସବୁ ନାତି ନାତୁଣୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ ତାଳି ମାରି ଜାନକୀଦେବୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ । ବାସ୍ତବିକ, ଆଧୁନିକତାର ଅକ୍ଟୋପସ୍ କବଳରେ ପଡ଼ି ଆମେ ଅନ୍ଧ ଅନୁକରଣ ମାଧ୍ୟମରେ ଆମର ପ୍ରିୟ ବୈଦିକ ଚଳଣୀକୁ ଭୁଲିଯିବା ଅନୁଚିତ ।

ଏବେ ଜାନକୀଦେବୀ ଖଣ୍ଡିଏ ଲେଖାଏଁ କେକ୍ କାଟି ପ୍ରତ୍ୟେକ ନାତି ନାତୁଣୀଙ୍କ ହାତକୁ ଗଭୀର ଶ୍ରଦ୍ଧାରେ ବଢ଼ାଇ ଦେଉଥାନ୍ତି ।

କିନ୍ତୁ ଏ କ'ଣ ? ଆଉ ଥରେ ସେ ମୁହଁ ଶୁଖାଇ ଗମ୍ଭୀର ହୋଇଗଲେ କ'ଣ ପାଇଁ ? ଏଥରକ ମଧ୍ୟ ସମସ୍ତେ ତାଙ୍କୁ ଘେରିଯାଇ ମନଦୁଃଖର କାରଣ ଜାଣିବାକୁ ଚାହିଁଲେ । କିଛିକ୍ଷଣର ନୀରବତା ପରେ ଜାନକୀଦେବୀ ମୁହଁ ଖୋଲିଲେ । କହିଲେ, "ସବୁ ନାତିନାତୁଣୀମାନେ ମୋତେ ଆଜି ଜନ୍ମଦିନରେ ନୂଆ ଲୁଗାଟିଏ ପିନ୍ଧାଇ ଦେଇଛନ୍ତି, ଅଥଚ ମୁଁ ନୀରିକ୍ଷଣ କରୁଛି, ସେମାନେ ପ୍ରତ୍ୟେକ ଛିଣ୍ଡା, ଫଟା, ତାଳିପକା ଜିନ୍‌ସ ପ୍ୟାଣ୍ଟ ପିନ୍ଧି ଆସିଛନ୍ତି । ଏହା ଦେଖି ମୋ' ମନ ଦୁଃଖ । କାହିଁକି ! ମୋ' ନାତି ନାତୁଣୀଙ୍କର କ'ଣ ଗୋଟିଏ ହେଲେ ଭଲ ପ୍ୟାଣ୍ଟ ନାହିଁ ? ? ଏଥର ସବୁ ନାତି ନାତୁଣୀଙ୍କ ସହ ପୁଅ ବୋହୂ, ଝିଅ ଜ୍ୱାଇଁ ସମସ୍ତେ ଏକାଠି ଠୋ ଠୋ ହସି ଉଠିଲେ ଆଉ କହିଲେ, "ଏହି ଚିରା, ଛିଣ୍ଡା ଫଟା ପ୍ୟାଣ୍ଟ ପରା ଏ ଯୁଗର ଫେଶନ୍ ।" ଜାନକୀଦେବୀ କାହା ମନରେ କଷ୍ଟ ନ ଦେବାପାଇଁ ନୀରବ ରହିଲେ ସିନା, ମନେ ମନେ କିନ୍ତୁ ଭାବୁଥିଲେ, ନା ନା ଫେଶନ୍ ନୁହେଁ ବରଂ ଏହା ଗୋଟିଏ ଧ୍ୱଂସାଭିମୁଖୀ ସଭ୍ୟତାର ଚରମ ବିକୃତି ଅଟେ ।

ଜନ୍ମଦିନ ପରେ ସଭିଏଁ ଚାଲିଗଲେଣି ଯିଏ ଯାହା ଘରକୁ । ଗାଁରେ ବଡ଼ପୁଅ, ବଡ଼ବୋହୂ ଓ ଜାନକୀଦେବୀ ରୁହନ୍ତି । ସେଦିନ ଗାଧୋଇପାଧୋଇ ତୁଳସୀ ମାଳିଟି ଜପ କରିସାରି ଗୁଣୁଗୁଣୁ ସ୍ୱରରେ କହୁଥଲେ ସେ, ଏ ଉଜୁଡ଼ା ସଂସ୍କୃତିକୁ ଆଉ ଥରେ ସଜାଡ଼ି ଦିଅ ଜଗନ୍ନାଥ, ସଜାଡ଼ି ଦିଅ !

-ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯

ଶ୍ରୀଶୈଳମ୍ ଦେବସ୍ଥାନମ୍

..........ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ..........

ଭାରତରେ ପୁଣ୍ୟକ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରୀଶୈଳମ୍ ଅନ୍ୟତମ । ଏହା ଭାରତର ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ ଜିଲ୍ଲାରେ ଅବସ୍ଥିତ ଏକ ପ୍ରସିଦ୍ଧ ପୌରାଣିକ ଶୈବକ୍ଷେତ୍ର । ଏହି ପବିତ୍ର କ୍ଷେତ୍ର ସମୁଦ୍ର ପତ୍ତନ ଠାରୁ ୪୭୬ ମିଟର ବା ୧୫୦୦ ଫୁଟ ଉଚ୍ଚରେ ନଲ୍ଲା ମଲାଇ ପର୍ବତର ରମଣୀୟ ବୃକ୍ଷଲତା ଭରା ଏକ ସୁନ୍ଦର ଗିରି ଉପତ୍ୟକା ଉପରେ ପବିତ୍ର କ୍ରିଷ୍ଣାନଦୀର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ । ଏଠାରେ ଭଗବାନ ଶିବ ମଲ୍ଲିକାର୍ଜ୍ଜୁନ ନାମରେ ପୂଜା ପାଆନ୍ତି । ମନ୍ଦିର ମଧ୍ୟରେ ପୂଜା ପାଉଥିବା ସ୍ୱୟଂଭୂଲିଙ୍ଗ ବା ପାତାଳଫୁଟା ଲିଙ୍ଗ ପ୍ରସିଦ୍ଧ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମଧ୍ୟରୁ ଅନ୍ୟତମ । ଶ୍ରୀ ଶୈଳମ୍ ବିଜୟୱାଡ଼ା ଠାରୁ ୨୩୦ କି.ମି. ଓ ହାଇଦ୍ରାବାଦ ଠାରୁ ୨୨୦ କି.ମି. ଦୂରରେ ଅବସ୍ଥିତ । ଏହାଛଡ଼ା ବାଙ୍ଗାଲୋର, ଚେନ୍ନାଇ, ତିରୁପତି ଠାରୁ ମଧ୍ୟ ବସ୍ ଯାତ୍ରାର ବ୍ୟବସ୍ଥା ଅଛି । ତୀର୍ଥଯାତ୍ରୀଙ୍କର ରହିବା ପାଇଁ ଏଠାରେ ମନ୍ଦିର ଭିତରେ ଓ ବାହାରେ ସୁବିଧା ଅଛି । ତେଲେଙ୍ଗାନା ସରକାରଙ୍କର ଟୁରୁଜିମ୍ ଡେଭଲପମେଣ୍ଟ ବିଭାଗରୁ ଯାତ୍ରୀମାନଙ୍କର ଗମନାଗନ, ରହିବା ଓ ଖାଇବା ପାଇଁ ବନ୍ଦୋବସ୍ତ କରାଯାଇଛି । ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ଦର୍ଶନର ଅଭିଳାଷ ନେଇ ମୁଁ ଓ ମୋର ସ୍ୱାମୀ ପ୍ରଫେସର କୁଞ୍ଜବିହାରୀ ଜେନା ଶ୍ରୀ ଶୈଳମ୍ ଯିବାକୁ ମନସ୍ଥ କଲୁ । ରେଳ ଯୋଗେ କଟକରୁ ସିକନ୍ଦରାବାଦ ଯାଇ ସେଠାରେ ରାତ୍ରି ଯାପନ କଲୁ । ତା'ପର ଦିନ ସକାଳୁ ତେଲେଙ୍ଗାନା ଟୁରିଜିମ୍ ଷ୍ଟେଟ ଡେଭଲପମେଣ୍ଟ କରପୋରେସନ୍‌ର ଏକ ବସ୍ ଯୋଗେ ଶ୍ରୀ ଶୈଳମ୍ ଯାତ୍ରାକଲୁ । ପୂର୍ବରୁ ଅନ୍‌ଲାଇନ ଟିକେଟ ହୋଇଥିଲା । ଅଙ୍କାବଙ୍କା ରାସ୍ତା ଦେଇ ପାହାଡ଼ ଚଢ଼ିବାକୁ ପଡ଼େ । ରାସ୍ତାର ଦୁଇପାର୍ଶ୍ୱରେ ଜଙ୍ଗଲ । ଛୋଟ ବଡ଼ ପାହାଡ଼, ଉପତ୍ୟକା, ନଦୀ ଓ ଝରଣାର ଦୃଶ୍ୟ ଅତୀବ ମନୋହର । ସିକନ୍ଦରାବାଦରୁ ଦୀର୍ଘ ପାଞ୍ଚ ଘଣ୍ଟାର ବସ ଯାତ୍ରାପରେ ଶ୍ରୀ ଶୈଳମ୍‌ରେ ପହଞ୍ଚିଲୁ । ବସ୍‌ରେ ଯାତ୍ରୀମାନଙ୍କର ହର ହର ମହାଦେବ ଧ୍ୱନୀ ଯାତ୍ରାକୁ ଆହୁରି ଆଧ୍ୟାତ୍ମିକ ଭାବ ପ୍ରଦାନ କରୁଥାଏ । (ଛଝଞଡଉ) ଗେଷ୍ଟ ହାଉସ୍‌ରେ ପୂର୍ବରୁ ରହିବାର ବ୍ୟବସ୍ଥା କରାଯାଇଥିଲା । ସନ୍ଧ୍ୟାବେଳେ ଆରତୀ ସମୟରେ ପ୍ରଭୁଙ୍କୁ ଦର୍ଶନ କଲୁ । ଏଠାରେ ଧାଡ଼ିରେ ଯାଇ ଦର୍ଶନ କରିବାକୁ ପଡ଼େ । ଯାତ୍ରୀମାନେ ଚାହିଁଲେ ଟିକେଟ କରି ଅନ୍ୟ ଧାଡ଼ିରେ ଦର୍ଶନ କରିବାର ବନ୍ଦୋବସ୍ତ ରହିଛି । ତା ପରଦିନ ପ୍ରଭାତରୁ ପୂଜାଭିଷେକ ସମୟରେ ଆଉଥରେ ଦର୍ଶନ କଲୁ । ଏହି ପୀଠରେ ମାହାତ୍ମ୍ୟ ଏହି ଯେ ପର୍ବପର୍ବାଣୀ ଦିନମାନଙ୍କୁ ଛାଡ଼ି ଦେଲେ ଅନ୍ୟ ଦିନମାନଙ୍କରେ ଯାତ୍ରୀମାନେ ଲିଙ୍ଗକୁ ମୁଣ୍ଡଲଗାଇ ପ୍ରଣାମ କରିପାରିବେ । ଜାତି, ବର୍ଣ୍ଣ, ସ୍ତ୍ରୀ, ପୁରୁଷ ନିର୍ବିଶେଷରେ ସମସ୍ତେ ମନ୍ଦିର ଭିତରକୁ ଯାଇ ଲିଙ୍ଗକୁ ଦର୍ଶନ ଓ ସ୍ପର୍ଶ କରି ପ୍ରଣାମ କରନ୍ତି ।

ମନ୍ଦିରର କାରୁକାର୍ଯ୍ୟ ଅତୀବ ରମଣୀୟ । ଏହି ମଣ୍ଡପଟି ଚାରିପଟରୁ ଖୋଲା ଓ ଭକ୍ତମାନେ ସେମାନଙ୍କ ମାନସିକ ପୂରଣ ପରେ ଏଠାରେ ପୂଜା ଅର୍ଚ୍ଚନା କରନ୍ତି । ତା ପାଖକୁ ନନ୍ଦୀ ମଣ୍ଡପ । ଏହାର ମଧ୍ୟ ଭାଗରେ ଏକ ବିରାଟ ନନ୍ଦୀ ମୂର୍ତ୍ତି ବିଦ୍ୟମାନ । ଭକ୍ତମାନଙ୍କ ଧାରଣା ଯେ କଳିଯୁଗ ସମାପ୍ତ ହେବା ସମୟରେ ଏଠାରେ ନନ୍ଦୀ ଗର୍ଜନ କରିବେ । ମଲ୍ଲୀକାର୍ଜ୍ଜୁନ ମନ୍ଦିର ପରିସରରେ ଭ୍ରମରାମ୍ବାଙ୍କ ମନ୍ଦିର ଅବସ୍ଥିତ । ଏହି ମନ୍ଦିରର କାରୁକାର୍ଯ୍ୟ ଏବଂ ମନ୍ଦିରର କାନ୍ଥ ଓ ସ୍ତମ୍ଭ ମାନଙ୍କରେ ଖୋଦେଇ ହୋଇଥିବା ଦେବାଦେବୀ ତଥା ଅନ୍ୟାନ୍ୟ ମୂର୍ତ୍ତିମାନ ଅତ୍ୟନ୍ତ ମନୋମୁଗ୍ଧକର । ବହୁବର୍ଷ ପୂର୍ବେ ଏଠାରେ ପଶୁବଳୀ ଦିଆଯାଉଥିଲା । ଏହି ଶକ୍ତିପୀଠ ଭାରତର ଅଷ୍ଟାଦଶ ଶକ୍ତିପୀଠ ମଧ୍ୟରେ ଅନ୍ୟତମ । ପ୍ରଥିତ କଥା ଅନୁସାରେ ପୁରାକାଳରେ ଅରୁଣାସୁର ନାମରେ ଜଣେ ରାକ୍ଷସ ଥିଲା । ସେ କଠିନ ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କଲା । ସେ କୌଣସି ଦ୍ୱିପଦ କିମ୍ବା ଚତୁଷ୍ପଦ ପ୍ରାଣୀଙ୍କ ଦ୍ୱାରା ନିହତ ହେବ ନାହିଁ ବୋଲି ବ୍ରହ୍ମାଙ୍କ ଠାରୁ ବରପ୍ରାପ୍ତ କଲା । ତା'ପୀଡ଼ାରେ ଅତିଷ୍ଠ ହୋଇ ଭକ୍ତମାନେ ମା'ଦୁର୍ଗାଙ୍କୁ ତାକୁ ମାରିବା ପାଇଁ ପ୍ରାର୍ଥନା କଲେ । ମା'ଭକ୍ତମାନଙ୍କୁ ଉଦ୍ଧାର କରିବା ପାଇଁ ଛଅ ପାଦ ବିଶିଷ୍ଟ ହଜାର ହଜାର ଭ୍ରମର ବା ମହୁମାଛିମାନଙ୍କୁ ପଠାଇଲେ । ଭ୍ରମରମାନେ ଅସୁରକୁ ଘେରିଯାଇ ତା ଶରୀରକୁ ବିନ୍ଧି ପକାଇ ବଧ କଲେ । ସେହିଠାରେ ଭକ୍ତମାନେ ମା'ଦୁର୍ଗାଙ୍କୁ ଭ୍ରମରାମ୍ବା ନାମରେ ପୂଜା କଲେ । ପୂଜକମାନେ କହନ୍ତି ଏବେ ବି ମନ୍ଦିର ପଛପଟେ ଭ୍ରମର ମାନଙ୍କର ଗୁଞ୍ଜରଣ ଶୁଣିବାକୁ ମିଳେ । ଶ୍ରୀ ଶୈଳମ୍‌ରେ ତିନୋଟି ପାହାଡ଼ ବ୍ରହ୍ମଗିରି, ବିଷ୍ଣୁଗିରି ଓ ରୁଦ୍ରଗିରି ନାମରେ ପରିଚିତ । ଏହି ତିନି ପାହାଡ଼କୁ ସ୍ପର୍ଶକରି ପବିତ୍ର କ୍ରିଷ୍ଣାନଦୀ ପାତାଳଗଙ୍ଗା ନାମରେ ବହି ଯାଇଛି । ଏହାଛଡ଼ା ଶ୍ରୀ ଶୈଳମ୍ ନିକଟବର୍ତ୍ତୀ ଅଞ୍ଚଳରେ ପାଞ୍ଚଟି ମୁଖ୍ୟ ନଦୀ ପ୍ରବାହିତ ହେଉଅଛି । ସେମାନେ ହେଲେ ରୁଦ୍ରଧାରା, ବିଷ୍ଣୁଧାରା, ବ୍ରହ୍ମାଧାରା, ଇନ୍ଦ୍ରଧାରା ଓ ଦେବଧାରା । ଆହୁରି ଅନେକ ଛୋଟବଡ଼ ନଦୀର ଧାରା ମଧ୍ୟ ଆଖପାଖରେ ପ୍ରବାହିତ । ନଦୀଗୁଡ଼ିକ ଖରାଦିନେ ମଧ୍ୟ ଜଳପୂର୍ଣ୍ଣ ରହେ । ତୀର୍ଥ ଯାତ୍ରୀମାନେ ଏଠାରେ ବୁଡ଼ ପକାଇ ଆନନ୍ଦ ଲାଭ କରନ୍ତି । ଏହି ଶୈବପୀଠର ମାହାତ୍ମ୍ୟ ବେଦ, ପୁରାଣରେ ବର୍ଣ୍ଣନା କରାଯାଇଛି । ସତ୍ୟ ଯୁଗରେ ହିରଣ୍ୟକଶିପୁ ତପସ୍ୟା କରି ମଲ୍ଲିକାର୍ଜ୍ଜୁନ ଓ ମାତା ଭ୍ରମରାମ୍ବାଙ୍କୁ ସନ୍ତୁଷ୍ଟ କରିଥିଲେ । ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ଦ୍ୱାପର ଯୁଗରେ ପାଣ୍ଡବମାନେ ମଧ୍ୟ ଏଠାରେ ପୂଜା କରିଥିଲେ । ପାଣ୍ଡବମାନଙ୍କ ଦ୍ୱାରା ସ୍ଥାପିତ ପଞ୍ଚଲିଙ୍ଗ ଏବେ ମଧ୍ୟ ପୂଜା ପାଉଛନ୍ତି । ମନ୍ଦିର ଗାତ୍ରରେ ଖୋଦିତ ତଥ୍ୟ ଅନୁଯାୟୀ ଅନେକ ରାଜା ମହାରାଜା ମନ୍ଦିରକୁ ଜମି ଓ ଅର୍ଥ ପ୍ରଦାନ କରିଛନ୍ତି । ୬୫୭ରୁ ୬୭୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ଚାଲୁକ୍ୟ, ବିକ୍ରମାଦିତ୍ୟଙ୍କ ଠାରୁ ଆରମ୍ଭ କରି, ଚୋଳ ଓ ବିଜୟନଗରର ରାଜାମାନଙ୍କ ଠାରୁ କ୍ରିଷ୍ଣଦେବରାୟଙ୍କ ପର୍ଯ୍ୟନ୍ତ ମନ୍ଦିରର ସମ୍ପ୍ରସାରଣ ଓ ଉନ୍ନତି କରିଛନ୍ତି । ମନ୍ଦିରରେ ପ୍ରତିଦିନ ଅତି ନିଷ୍ଠାର ସହିତ ସମସ୍ତ ପୂଜା ସମ୍ପନ୍ନ କରାଯାଏ । ଆଷାଢ଼ ଶୁକ୍ଳ ଏକାଦଶୀରେ ଏଠାରେ ସ୍ୱତନ୍ତ୍ର ପୂଜା ଓ ଲିଙ୍ଗାଭିଷେକ କରାଯାଏ । ଲୋକେ କହନ୍ତି ପାତାଳଗଙ୍ଗାରେ ଶିବରାତ୍ରୀ ଦିନ ସ୍ନାନ କଲେ ସମସ୍ତ ପାପରୁ ମୁକ୍ତି ମିଳେ । ଶ୍ରୀ ଶୈଳମ୍ ଠାରେ ଏକ ଆଦିବାସୀ ସଂଗ୍ରାହଳୟ ନିର୍ମାଣ କରାଯାଇଛି । ଏଠାରେ ସ୍ଥାନୀୟ ଆଦିବାସୀମାନଙ୍କ ପ୍ରତିମୂର୍ତ୍ତି, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଗୃହପାଳିତ ପଶୁ, ବାଦ୍ୟଯନ୍ତ୍ର ଓ ସେମାନଙ୍କ ଜୀବନ ଜୀବିକାର ଅବିକଳ ନକଲ ଅତି ଜୀବନ୍ତ ଭାବରେ ଗଠନ କରି ଓ ସଂଗ୍ରହ କରି ରଖାଯାଇଛି । ଏଠାରୁ ୪ କି.ମି. ଦୂରରେ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ମନ୍ଦିର ଅବସ୍ଥିତ । ଏଠାରେ ଶଙ୍କରାଚାର୍ଯ୍ୟ ଘୋର ତପସ୍ୟା କରି ମଲ୍ଲୀକାର୍ଜ୍ଜୁନଙ୍କର ମହିମାକୁ ଆହୁରି ଗୌରବାନ୍ୱିତ କରିଥିଲେ । ମନ୍ଦିର ନିକଟରେ ଶିବାଜୀ ମେମୋରିଆଲ ଅବସ୍ଥିତ । ମହାନ ମରହଟ୍ଟା ରାଜା ଶିବାଜୀଙ୍କର ଏଠାରେ ଏକ ବିରାଟ ମୂର୍ତ୍ତି ସ୍ଥାପିତ ହୋଇଛି । ୧୬୭୭ ଖ୍ରୀଷ୍ଟାବ୍ଦରେ ଶିବାଜୀ ଏଠାକୁ ମଲ୍ଲୀକାର୍ଜ୍ଜୁନ ଓ ଭ୍ରମରାମ୍ବାଙ୍କୁ ଦର୍ଶନ କରିବାକୁ ଆସିଥିଲେ । କଥିତ ଅଛି ଭ୍ରମରାମ୍ବା ମାତା ଭବାନୀ ରୂପରେ ଆବିର୍ଭାବ ହୋଇ ଶିବାଜୀଙ୍କୁ ଏକ ଦିବ୍ୟ ତରବାରୀ ପ୍ରଦାନ କରି ବିଜୟଶ୍ରୀର ଆଶୀର୍ବାଦ ପ୍ରଦାନ କରିଥିଲେ । ଶ୍ରୀ ଶୈଳମ୍ ଠାରୁ ୧୫ କି.ମି. ଦୂରରେ ଏକ ଜଳ ବିଦ୍ୟୁତ୍ କେନ୍ଦ୍ର କ୍ରିଷ୍ଣାନଦୀ ଉପରେ ନିର୍ମାଣ କରାଯାଇଛି । ଏହା ନଦୀର ଜଳପତନ ଠାରୁ ୮୮୮ଫୁଟ ଉଚ୍ଚରେ ନିର୍ମିତ ଏକ ଅତ୍ୟାଧୁନିକ ଜଳବିଦ୍ୟୁତ୍ କେନ୍ଦ୍ର । ଏହି ରମଣୀୟ ସ୍ଥାନକୁ ଦେଖିବାକୁ ଯାତ୍ରୀମାନେ ଆସନ୍ତି ଓ ଫଟୋ ଉତ୍ତୋଳନ କରନ୍ତି । ଏହାଛଡ଼ା ଆହୁରି ଅନେକ ମଠ ଓ ତୀର୍ଥସ୍ଥାନ ଶ୍ରୀ ଶୈଳମ୍ ଆଖପାଖରେ ଅବସ୍ଥିତ । ଯାତ୍ରୀମାନେ ନିଜର ସମୟ ଓ ସୁବିଧା ଦେଖି ଦର୍ଶନ କରିପାରିବେ । ଏପରି ଏକ ପବିତ୍ରସ୍ଥାନ ଦର୍ଶନ କରି ମନପ୍ରାଣ ଆନନ୍ଦରେ ଭରିଯାଇଥିଲା ଓ ନିଜକୁ ଧନ୍ୟ ମନେ କରିଥିଲୁ । ପାଠକମାନେ ଏହି ରମଣୀୟ ଆଧାତ୍ମିକ ପୀଠ ଯାତ୍ରା କରି ଶିବକୃପା ଲାଭ କରନ୍ତୁ । 'ଦିବ୍ୟଚନ୍ଦନ ଚର୍ଚ୍ଚିତ ଅଙ୍ଗମ ତ୍ରିନେତ୍ରମ୍, ଶ୍ରୀ ଶୈଳ ଲିଙ୍ଗମ୍ ଶିରସା ନମାମି ।'

ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ, ଦୂରଭାଷ : ୯୮୬୧୩୫୫୬୨୮

ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟି ଡାକରାରେ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ବିକ୍ଷୋଭ

ଟ୍ରକକୁ ପିଟିଲା ଟ୍ରାଭେଲର, ୩ ମୃତ ୧୫ ଆହତ

ବାଲେଶ୍ୱର,୮/୧୨(ପିଏନ୍): ସେରଗଡ ଟୋଲ୍ ଗେଟ୍ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଏଠାରେ ଠିଆ ହୋଇଥିବା ଏକ ଟ୍ରକକୁ ପଛପଟୁ ପିଟିଛି ଟ୍ରାଭେଲର । ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ୧୫ ଜଣ ଆହତ ହୋଇଥିବା ଜଣାପଡିଛି । ମୃତକମାନେ ହେଲେ ତ୍ରିନାଥ ଦାସ, ବାପି ମିଶ୍ର ଓ ଗଙ୍ଗାଧର ଦାସ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ ପୁରୀ ବିଳାସିନୀନଗର ବାଲିସାହି ଅଞ୍ଚଳରୁ ଏକ ଟ୍ରାଭେଲର ଓଡି-୦୨-ଏୱାଇ-୬୩୧୬ ଯୋଗେ ୨୭ ଜଣ ମୟୁରଭଞ୍ଜ ଜିଲ୍ଲା ଦେବକୁଣ୍ଡ ବୁଲିବାକୁ ଯାଉଥିଲେ । ଭୋର ସମୟରେ ଜଗନ୍ନାଥ ପେଟ୍ରୋଲ ପମ୍ପ ନିକଟ ଜାତୀୟ ରାଜପଥ କଡରେ ଛିଡା ହୋଇଥିବା ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା ଟ୍ରାଭେଲର । ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି । ଖନ୍ତାପଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି । ଆହତମାନେ ହେଲେ କୁନିମଣୀ ଦାସ, ସଂଯୁକ୍ତା ଦାସ (୪୦), ବାପି ମିଶ୍ର (୨୫), କୁନା ଦାସ (୪୪), ସାବିତ୍ରୀ ଦାସ (୪୦), ରିନା ବେହେରା (୪୦), ଚନ୍ଦନ ଦାସ (୧୨), ରଶ୍ମିତା ଭୋଇ (୩୦), ଦାମୋଦର ଦାସ (୪୫), ସୁରେନ୍ଦ୍ର ବେହେରା (୫୫), ଅମୂଲ୍ୟ ବେହେରା (୧୦), ଗଣେଶ ଦାସ (୩୫), ମମତା ଦାସ (୩୨), କୃପାସିନ୍ଧୁ ଦାସ (୪୦), ଶାନ୍ତିଲତା ବେହେରା (୫୫), ଗଙ୍ଗାଧର ଦାସ (୮୦), ସରୋଜିନି ଦାସ (୪୫) ଏମାନଙ୍କର ସମସ୍ତଙ୍କର ଘର ବାଲିସାହି ହୋଇଥିଲା ବେଳେ କୁନିମଣୀ ଦାସଙ୍କ ଘର ଡେଲାଙ୍ଗ ଅଞ୍ଚଳରେ ।

ସାମ୍ବାଦିକ ସ୍ୱର୍ଗତଃ ଦେବଦାସ କୁଣ୍ଡୁଙ୍କ ସପ୍ତମ ସ୍ମୃତି ସଭା

ବାଲେଶ୍ୱର,୮/୧୨(ପିଏନ୍): ବରିଷ୍ଠ ସାମ୍ବାଦିକ ସ୍ୱର୍ଗତଃ ଦେବଦାସ କୁଣ୍ଡୁଙ୍କ ସପ୍ତମ ବାର୍ଷିକ ସ୍ମୃତି ସଭା ମିଶନ୍ ପଡିଆ ନକଟସ୍ଥ ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ରେବତୀର ସମ୍ପାଦିକା ସୁବାସିନୀ ଜେନା, ଅନ୍ୟତନ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ପ୍ରଗତିବାଦୀର ଜିଲ୍ଲା ପ୍ରତିନିଧି ରତିକାନ୍ତ ପାତ୍ର, ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନର ସମ୍ପାଦିକା ଗୋପାମୁଦ୍ରା ମହାପାତ୍ର ଯୋଗ ଦେଇ ଦେବଦାସ କୁଣ୍ଡୁଙ୍କର ଗୁଣାବଳୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସାମ୍ବାଦିକ ଉବାଚକ ମହାନ୍ତି ଓ ସିବଦାସ କୁଣ୍ଡୁଙ୍କ ଦ୍ୱାରା ଆୟୋଜିତ ଏହି ସଭାରେ ସାମ୍ବାଦିକା ଅପର୍ଣ୍ଣା ମାହାପାତ୍ର, ସମାଜସେବୀ ବାସନ୍ତୀ ନାୟକ, ଅଧାପକ ମିତ୍ରା ମହାପାତ୍ର ପ୍ରମୁଖ ଦେବଦାସ କୁଣ୍ଡୁଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍ପଳ ମହାନ୍ତି, ହେମଲତା ଦାସ, ଦିପ୍ତା କୁଣ୍ଡୁ, ଆଲୋକ ଦାସ, ହିମାଂଶୁ ଦାସ, ହାଇଦର ଖାଁ, ଗୋପାଳ ଆଶ୍ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସାମ୍ବାଦିକ ବ୍ରହ୍ମାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍ଷ୍ଟିଚ୍ୟୁଟ୍ର ଷ୍ଟେମ୍ସେଲ୍ ଥେରାପି

ପୁରୀ: ମୁମ୍ବାଇରେ ସ୍ଥାପିତ ହୋଇଥିବା ତଥା ଭାରତର ଅଗ୍ରଣୀ ଷ୍ଟେମ୍ ସେଲ୍ ଥେରାପି କେନ୍ଦ୍ର, ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍ଷ୍ଟିଚ୍ୟୁଟ୍ ଅଟିଜିମ୍ ସମସ୍ୟାରେ ପିଡ଼ିତ ପିଲାମାନଙ୍କ ପାଇଁ ଏକ ବିସ୍ତୃତ ସମାଧାନ ପ୍ରଦାନ କରୁଛି। ଏପର୍ଯ୍ୟନ୍ତ, ନ୍ୟୁରୋଜେନ୍ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ୨୦୦୦ରୁ ଉର୍ଦ୍ଧ୍ୱ ଅଟିଷ୍ଟିକ୍ ପିଲାମାନଙ୍କୁ ଚିକିତ୍ସା ପ୍ରଦାନ କରିଛି। ନ୍ୟୁରୋଜେନ୍ ବିଏସ୍ଆଇ ସୁରକ୍ଷିତ ଓ ପ୍ରଭାବଶାଳୀ ଭାବରେ ଷ୍ଟେମ୍ ସେଲ୍ ଥେରାପି ମାଧ୍ୟମରେ ଆରୋଗ୍ୟ ହୋଇ ପାରୁନଥିବା ସ୍ନାୟୁବିକ ସମସ୍ୟାରେ ପିଡ଼ିତ ରୋଗୀମାନଙ୍କୁ ସାହାଯ୍ୟ କରିବା, ସେମାନଙ୍କ ଲକ୍ଷଣ ଓ ଶାରୀରିକ ଅକ୍ଷମତାଗୁଡ଼ିକୁ କମାଇବା ନିମନ୍ତେ ପ୍ରସ୍ତୁତ ହୋଇଛି। ନ୍ୟୁରୋଜେନ୍ ବିଏସ୍ଆଇ ଅଟିଜିମ୍, ସେରେବ୍ରାଲ୍ ପ୍ଲାସି, ମାନସିକ ରୋଗ, ମସ୍ତିଷ୍କାଘାତ, ମସ୍କୁଲାର୍ ଡିଷ୍ଟ୍ରୋଫି, ସ୍ପାଇନାଲ୍ କର୍ଡ ଆଘାତ, ମୁଣ୍ଡରେ ଆଘାତ, ସେରେବେଲାର୍ ଆଟେକ୍ସିଆ, ଡେମେନ୍ସିଆ, ମୋଟର ନ୍ୟୁରନ୍ ରୋଗ, ମଲ୍ଟିପୁଲ୍ ସ୍କ୍ଲେରୋସିସ୍ ଓ ନ୍ୟୁରୋସାଇକିଆଟ୍ରିକ୍ ସମସ୍ୟା ପରି ସ୍ନାୟବିକ ସମସ୍ୟାଗୁଡ଼ିକ ପାଇଁ ଷ୍ଟେମ୍ ସେଲ୍ ଥେରାପି ଓ ଉପଯୁକ୍ତ ଥଇଥାନ ପ୍ରଦାନ କରୁଛି। ବର୍ତ୍ତମାନ ପର୍ଯ୍ୟନ୍ତ, ଏହି ଅନୁଷ୍ଠାନ ୬୫ଟି ଦେଶରୁ ସଫଳ ଭାବେ ୯୦୦୦ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିଛି।

ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍ଷ୍ଟିଚ୍ୟୁଟ୍ ନଭେମ୍ବର ୧୬, ୨୦୧୯ରେ ଭୁବନେଶ୍ୱରଠାରେ ଓଡ଼ିଶାର ସମସ୍ତ ସ୍ନାୟବିକ ସମସ୍ୟା ଥିବା ପିଲାମାନଙ୍କ ପାଇଁ ଏକ ମାଗଣା କର୍ମଶାଳା ସହିତ ଓପିଡି ପରାମର୍ଶ ଶିବିର ଆୟୋଜନ କରୁଛି। ନ୍ୟୁରୋଜେନ୍ ସ୍ପାଇନାଲ୍ କର୍ଡ ଆଘାତ, ମସ୍କୁଲାର୍ ଡିସ୍ଟ୍ରୋଫି, ଅଟିଜିମ୍, ସେରେବ୍ରାଲ୍ ପ୍ଲାସି ଇତ୍ୟାଦି ରୋଗୀମାନଙ୍କୁ ବୁଝିଥିବାରୁ ସେମାନଙ୍କୁ ସୁବିଧା ପ୍ରଦାନ କରିବା ପାଇଁ ଏହି ଶିବିରର ଆୟୋଜନ କରୁଛି। କାରଣ କେବଳ ପରାମର୍ଶ କରିବା ପାଇଁ ମୁମ୍ବାଇକୁ ଯାତ୍ରା କରିବା ଅତ୍ୟନ୍ତ କଷ୍ଟକର ଅଟେ। ଆରୋଗ୍ୟ ହୋଇପାରୁ ନଥିବା ସ୍ନାୟବିକ ରୋଗରେ ପିଡ଼ିତ ରୋଗୀମାନେ ଏହି ମାଗଣା ଶିବିରରେ ପରାମର୍ଶ ଗ୍ରହଣ କରିବା ପାଇଁ ପୁଷ୍କଲାଙ୍କୁ ୦୯୮୨୧୫୨୯୬୫୩ / ୦୯୯୨୦୨୦୦୪୦୦ରେ ଯୋଗାଯୋଗ କରିପାରିବେ।

ଡା. ଆଲୋକ ଶର୍ମା, ପ୍ରଫେସର ତଥା ନ୍ୟୁରୋସର୍ଜରୀ ମୁଖ୍ୟ, ଏଲଟିଏମଜି ହସ୍ପିଟାଲ୍ ଓ ଏଲଟିଏମ୍ ମେଡିକାଲ୍ କଲେଜ୍, ସିଅନ୍ ମୁମ୍ବାଇ ଏବଂ ନିର୍ଦ୍ଦେଶକ, ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍ଷ୍ଟିଚ୍ୟୁଟ୍ ପ୍ରକାଶ କରିଛନ୍ତି, "ଚିକିତ୍ସା ବିଜ୍ଞାନରେ ବିକାଶ ଦର୍ଶାଉଛି ଯେ, ଏକ କଷ୍ଟକର ଅଚିକିତ୍ସନୀୟ ସମସ୍ୟା ଏକ ବହୁ-ଶୃଙ୍ଖଳିତ ଉପାୟରୁ ଆସିଥାଏ। ଏହା ସେତେବେଳେ ହୋଇଥାଏ, ଯେତେବେଳେ ବିଭିନ୍ନ ବିଶେଷତା ଥିବା ଲୋକମାନେ ସେମାନଙ୍କ ଜ୍ଞାନ, ଦକ୍ଷତା ଓ ଉତ୍ସଗୁଡ଼ିକୁ ଏକତ୍ରିତ କରିଥାଆନ୍ତି।"

ଡା ରିଚା ବଂଶୋଦ, ସର୍ଜିକାଲ୍ ସର୍ଭିସ୍ ମୁଖ୍ୟ, ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍ଷ୍ଟିଚ୍ୟୁଟ୍ କହିଛନ୍ତି, "ଅଟିଜିମ୍ ସ୍ପେକ୍ଟ୍ରମ୍ ସମସ୍ୟା (ଏଏସ୍ଡି) ପିଲାଦିନେ ହେଉଥିବା ଏକ ସାଧାରଣ ନ୍ୟୁରୋ ସାଇକିଆଟ୍ରିକ୍ ସମସ୍ୟା ଅଟେ। ଆମେରିକାରେ ପ୍ରତି ୬୮ ଜଣ ପିଲାଙ୍କ ମଧ୍ୟରେ ଜଣଙ୍କୁ ଅଟିଜିମ୍ ହୋଇଥାଏ। ଭାରତରେ ଏହି ସଂଖ୍ୟା ପ୍ରତି ୨୫୦ ଜଣ ପିଲାଙ୍କ ମଧ୍ୟରେ ୧ ଜଣଙ୍କୁ ଅଟିଜିମ୍ ହୋଇଥାଏ। ଏହି ସଂଖ୍ୟା ଉତ୍ତମ ଚିହ୍ନଟ ଓ ସଚେତନତା ଯୋଗୁଁ ବୃଦ୍ଧି ପାଇଛି।"

ଡା ନନ୍ଦୀନି ଗୋକୁଳଚନ୍ଦ୍ରନ୍, ଡେପୁଟି ନିର୍ଦ୍ଦେଶକ ଓ ମେଡ଼ିକାଲ୍ ସେବା ମୁଖ୍ୟ, ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍ଷ୍ଟିଚ୍ୟୁଟ୍ କହିଛନ୍ତି, "ଅଟିଜିମ୍ ହେଉଛି ପିଲାମାନଙ୍କଠାରେ ଦେଖାଯାଉଥିବା ଏକ ସମସ୍ୟା, ଯାହା ଦ୍ୱାରା କଥା କହିବାରେ ସମସ୍ୟା, ହାଇପର ଆକ୍ଟିଭିଟି, ଉତ୍ତେଜକ ବ୍ୟବହାର ଓ ସାମାଜିକ ଭାବ ବିନିମୟରେ କଷ୍ଟ ହୋଇଥାଏ। ବର୍ତ୍ତମାନ ଭାରତରେ ଏକ କୋଟି ପିଲା ଏଥିରେ ପ୍ରଭାବିତ ହୋଇଛନ୍ତି। ଲକ୍ଷଣକୁ କମାଇବା, ସ୍ୱତନ୍ତ୍ର ଶିକ୍ଷା, ପେଶାଗତ ବକ୍ତବ୍ୟ ଓ ବ୍ୟବହାରିକ ଥେରାପି ପାଇଁ ସେମାନେ ଔଷଧ ମାଧ୍ୟମରେ ଚିକିତ୍ସିତ ହେଉଛନ୍ତି। ଏପରି କିଛି ସମସ୍ୟା ରହିଛି, ଯେଉଁଠାରେ ଉତ୍ତମ ଔଷଧ ଥାଇ ମଧ୍ୟ ବର୍ତ୍ତମାନ ସୁଦ୍ଧା ଚିକିତ୍ସା ବିଜ୍ଞାନ ରୋଗୀମାନଙ୍କୁ ସେମାନଙ୍କ ଚିକିତ୍ସା ବା ଶାରୀରିକ ଲକ୍ଷଣରେ ସନ୍ତୋଷଜନକ ସେବା ଦେଇପାରି ନାହିଁ।"

୧୬ ବର୍ଷର ବାଳକ ଅନୁରାଗ ଚାମ୍ପି ଓଡ଼ିଶାର ବାସିନ୍ଦା ଅଟନ୍ତି। ଅନୁରାଗ ସଗୋତ୍ର ବିବାହ କରିଥିବା ଦମ୍ପତିଙ୍କଠାରୁ ଅତ୍ୟନ୍ତ ସାଧାରଣ ଭାବେ ଜନ୍ମ ଗ୍ରହଣ କରିଥିଲେ। ମାଆଙ୍କର ବୟସ ୩୨ ଥିଲା, ଯାହାଙ୍କର ଆଗରୁ କେବେ ଗର୍ଭଧାରଣ ହୋଇ ନଥିଲା କିମ୍ବା ପ୍ରସବରେ ଜଟିଳତା ନଥିଲା। କିନ୍ତୁ ସାତ ମାସ ସମୟରେ ତାଙ୍କ ମାଆ ସିଡ଼ିରୁ ପଡ଼ିଯାଇଥିଲେ। ପଡ଼ିବା କାରଣରୁ ମେଡିକାଲ୍ ପରିକ୍ଷାରେ ଭୃଣ ଓ ମାଆଙ୍କ କ୍ଷେତ୍ରରେ କୌଣସି ଅସୁବିଧା ଦେଖାଯାଇ ନଥିଲା। ତାଙ୍କର ପରିବାରର ଇତିହାସରେ ମଧ୍ୟ ଅଟିଜିମ୍ କିମ୍ବା ଏହି ସମ୍ପର୍କୀତ କୌଣସି ସମସ୍ୟା ନଥିଲା। ଜନ୍ମ ସମୟରେ ଅନୁରାଗ ଜଣେ ସ୍ୱାସ୍ଥ୍ୟବାନ ଶିଶୁ ଥିଲେ କିନ୍ତୁ ସେ କାନ୍ଦୁ ନଥିଲେ। ତିନି ବର୍ଷ ପର୍ଯ୍ୟନ୍ତ ତାଙ୍କର ନିୟମିତ ଭାବେ ବୃଦ୍ଧି ହୋଇଥିଲା।

ବ୍ୟବସାୟିକ ରଣ କ୍ଷେତ୍ରରେ ମନ୍ଥର ଅବସ୍ଥା

ମୁମ୍ବାଇ,: ଚଳିତ ଆର୍ଥିକ ବର୍ଷର ଗତ ଜୁନ୍ ତାରିଖ ସୁଦ୍ଧା ଶେଷ ହୋଇଥିବା ତ୍ରୟମାସରେ ବ୍ୟବସାୟିକ ରଣ ଅଭିବୃଦ୍ଧି ମନ୍ଥର ହୋଇଛି ବୋଲି ଟ୍ରାନ୍ସୟୁନିୟନ ସିବିଲ - ସିଡ଼ବି ଏମଏସ୍ଏମଇ ପଲ୍ସ ରିପୋର୍ଟର ୭ମ ସଂସ୍କରଣରେ ଉଲ୍ଲେଖ କରାଯାଇଛି । ଗତ କିଛି ବର୍ଷ ତ୍ରୟମାସିକ ଭିତ୍ତିରେ ଏକ ନିୟମିତ ଅଭିବୃଦ୍ଧି ଦେଖାଉଥିବା ବ୍ୟବସାୟିକ ରଣ କ୍ଷେତ୍ରରେ ଏବେ ମନ୍ଥର ଅବସ୍ଥା ପରିଲକ୍ଷିତ ହୋଇଛି । ଜୁନ ସୁଦ୍ଧା ଶେଷ ହୋଇଥିବା ତ୍ରୟମାସରେ ବ୍ୟବସାୟିକ ରଣ ଅଭିବୃଦ୍ଧି ୧୦.୪% ରହିଥିଲେ ମଧ୍ୟ ପୂର୍ବ ତ୍ରୟମାସ ତୁଳନାରେ ଏଥିରେ ୨.୬% ହ୍ରାସ ଘଟିଛି । ଫଳରେ ପୂର୍ବ ତ୍ରୟମାସରେ ରଣ ପରିମାଣ ୬୫.୫ ଲକ୍ଷ କୋଟି ଟଙ୍କା ଥିଲାବେଳେ ପରବର୍ତ୍ତୀ ତ୍ରୟମାସରେ ତାହା ୬୩.୮ ଲକ୍ଷ କୋଟି ଟଙ୍କା ହୋଇଛି ।

ସେହିପରି ଅଚଳନ୍ତି ସଂପତ୍ତି ପରିମାଣ ମଧ୍ୟ ବୃଦ୍ଧି ପାଇଁ ୧୬.୧% ହୋଇଛି ଯାହା ପୂର୍ବ ତ୍ରୟମାସରେ ୧୫.୫% ଥିଲା । ୨୦୧୮ ଜୁନ୍ରେ ବ୍ୟବସାୟିକ ରଣ କ୍ଷେତ୍ରରେ ହାରାହାରି ଅଚଳନ୍ତି ସଂପତ୍ତି ପରିମାଣ ୧୭.୨% ଥିଲା । ତେଣୁ ସଂପତ୍ତି ଅଚଳନ୍ତି ସଂପତ୍ତି ପରିମାଣ ବୃଦ୍ଧି ପାଇଥିଲେ ମଧ୍ୟ ପୂର୍ବବର୍ଷ ତୁଳନାରେ ତାହା କମ୍ ରହିଛି । କ୍ଷୁଦ୍ର ଓ ଅଣୁ ଶିଳ୍ପ କ୍ଷେତ୍ରରେ ଅଚଳନ୍ତି ସଂପତ୍ତି ପରିମାଣ ୮.୫% ରୁ ୮.୭% ମଧ୍ୟରେ ରହିଛି । ଏମଏସ୍ଏମଇ ପଲ୍ସର ଏହି ସଂସ୍କରଣରେ ଅଟୋ ଶିଳ୍ପ ସଂପର୍କରେ ମଧ୍ୟ ଅନୁଧ୍ୟାନ କରାଯାଇଥିଲା ।

ବଜାଜ ଫିନ୍ସର୍ଭର 'ଜଷ୍ଟଇଏମ୍ଆଇ ୱାଲୀ ସ୍ପାର୍କିଲିଙ୍ଗ୍ ଦିୱାଲୀ' ଅଭିଯାନ

ଭୁବନେଶ୍ୱର : ବଜାଜ ଫିନ୍ସର୍ଭ ନିଜ ଗ୍ରାହକ ମାନଙ୍କ ପାଇଁ ଆଣିଛି 'ଜଷ୍ଟଇଏମ୍ଆଇ ୱାଲୀ ସ୍ପାର୍କିଲିଙ୍ଗ୍ ଦିୱାଲୀ' ଅଭିଯାନ। ଏହା ଅନ୍ତର୍ଗତ ଅନ୍ଲାଇନ୍ ଏବଂ ବଜାଜ ଫିନ୍ସର୍ଭ ପାଟର୍ନର ଷ୍ଟୋରେ ରହିଛି ୧୦୦୦ରୁ ଅଧିକ ଅଫର। ଏକ ମାସ ଧରୀ ଚାଲିବାକୁ ଥିବା ଏହି ଅଭିଯାନରେ ୫୦ ମିଲିୟନରୁ ଅଧିକ ଗ୍ରାହକଙ୍କ ପାଇଁ ଇନ୍ଷ୍ଟାଟ୍ ଫାଇନାନ୍ସିଙ୍ଗ୍ର ଅଫର ମଧ୍ୟ ରହିଛି। ଯାହା ଅନ୍ତର୍ଗତ ଇଏମ୍ଆଇ ନେଟ୍ୱର୍କ କାଡ୍ ମାଧ୍ୟମରେ ଗ୍ରାହକ ୧୮୦୦ଟି ସହରରେ ଥିବା ୯୦,୦୦୦ରୁ ଅଧିକ ରିଟେଲ୍ ଷ୍ଟୋରରେ ଜିନିଷ କିଣିପାରିବେ। ଏହି ଅଭିଯାନ ସମୟରେ ଗ୍ରାହକ ବିଗ୍ ବଜାର, ବୁକ୍ ମାଇ ଶୋ, ପିଜା ହଟ୍, ବାସ୍କିନ୍ ରବିନ୍ ଇତ୍ୟାଦିର କାଡ୍ ଜିତିବା ସୁଯୋଗ ପାଇବା ସହ ୩୦୦୦/- ଟଙ୍କା ପର୍ଯ୍ୟନ୍ତ କ୍ୟାସ୍ବ୍ୟାକ୍ ଓ ୧୨୦୦/ -ଟଙ୍କା ପର୍ଯ୍ୟନ୍ତ ଭାଉଚର୍ ମଧ୍ୟ ପାଇପାରିବେ।

ଏଗ୍ରିଟେକ୍ନିକା ଇନୋଭେସନ ଆୱାର୍ଡ ୨୦୧୯ରେ ନ୍ୟୁହଲାଣ୍ଡ ଜିତିଛି ତିନୋଟି ରୌପ୍ୟ ପଦକ

ନ୍ୟୁହଲାଣ୍ଡ ଏଗ୍ରିକଲଚରକୁ, ଅପରେଟରକୁ ଆରାମ ପ୍ରଦାନରେ ଉନ୍ନତି, ଉତ୍ପାଦନକ୍ଷମତା ର ବୃଦ୍ଧି ଏବଂ ଅମଳ ତଥା ବେଲିଂ କାମ ଗୁଡିକରେ ପରିଚାଳନା ଖର୍ଚ୍ଚରେ କମ୍ କରାଉଥିବା କାରଣରୁ ଡିଏଲଜି ଜର୍ମାନ ଏଗ୍ରିକଲଚରାଲ ସୋସାଇଟି ଫର ଇନୋଭେସନ ପକ୍ଷରୁ ନିଯୁକ୍ତ ନିରପକ୍ଷ ବିଶେଷଜ୍ଞ କମିଟି ଦ୍ୱାରା ତିନୋଟି ରୌପ୍ୟ ପଦକ ସହ ସମ୍ମାନିତ କରାଯାଇଛି ।

ନ୍ୟୁହଲାଣ୍ଡ ବ୍ରାଣ୍ଡ ପ୍ରେସିଡେଂଟ କାର୍ଲୋ ଲାମ୍ବ୍ରୋ କୁହନ୍ତି- ଆମେ ଏହି ତିନୋଟି ପୁରସ୍କାର ପାଇ ଅତ୍ୟନ୍ତ ଆନନ୍ଦିତ କାରଣ ଏହି ସୃଜନଶୀଳତା ପ୍ରତି ନ୍ୟୁହଲାଣ୍ଡର ଥିବା ଆଭିମୁଖ୍ୟକୁ ପ୍ରମାଣିତ କରୁଛି ଯାହାକି ଆମର ଗ୍ରାହକ ମାନଙ୍କୁ ସେମାନଙ୍କର ଉପକରଣ ଗୁଡିକୁ ଅଧିକ ଆରାମ ସହ, ବିନା କ୍ଲାନ୍ତିରେ ବ୍ୟବହାର କରି ଉପଯୁକ୍ତ ଲାଭ ଦେବାରେ ସହାୟକ ହୁଏ, ପୁଣି ସେମାନଙ୍କ ବ୍ୟବସାୟର ସଫଳତା ତଥା ତାଙ୍କ କାର୍ଯ୍ୟଗୁଡିକର ସକ୍ଷମତା ଓ ବୃଦ୍ଧି ହୋଇଥାଏ।

ଉଚ୍ଚ କ୍ଷମତା ସମ୍ପନ୍ନ ବୃହତ ବେଲର ପାଇଁ ଡ୍ରାଇଭ ଲାଇନ୍ ଶିଳ୍ପ ଜଗତର ପ୍ରଥମ ପରି ବର୍ଦ୍ଧିତ ଉତ୍ପାଦନକ୍ଷମତା, ଉନ୍ନତ ଆରାମଦାୟକ, ଟ୍ରାକ୍ଟର ଡ୍ରାଇଲାଇନ୍ ସୁରକ୍ଷା

ଟର୍କରେ ୭୯% ବୃଦ୍ଧି ଘଟାଇ ସହଜ ଓ ସରଳ ବେଲର ଏନଗେଜମେଂଟ ପ୍ରଦାନ କରାଇଥାଏ, ଯେତେବେଳେ ଟ୍ରାକ୍ଟର ପିଟିଓ ୮୫୦ଆରଏମପି ରେ ପହଂଚି ଥାଏ, ସେତେବେଳେ ଏହି ଅଟୋ-ଷ୍ଟାର୍ଟ ବୈଶିଷ୍ଟ୍ୟ ବେଲରକୁ ବ୍ୟସ୍ତ ରଖିଥିବା ସହ ଆପେଆପେ ୧ମ ରୁ ୨ୟ ଗିୟରକୁ ବଦଳାଇ ଦେଇଥାଏ ଓ ଫ୍ଲାଇ ହୁଇଲ ସ୍ପିଡକୁ ୧୪୫୦ଆରଏମପି ପର୍ଯ୍ୟନ୍ତ ତ୍ୱରିତ କରାଏ-ଯାହାକି ଏହି ସେଗମେଂଟର ଅନ୍ୟ ସର୍ବଶ୍ରେଷ୍ଠ ଏହା ଟ୍ରାକ୍ଟରକୁ ତାର ପିଟିଓ ରେ ଫ୍ଲାଇ ହୁଇଲଷ୍ଟାର୍ଟ କରିବା ଟ୍ରାକ୍ଟରକୁ ସୁରକ୍ଷା ପ୍ରଦାନ କରିବା ଏବଂ ବେଲର ଡ୍ରାଇଭଲାଇନକୁ ପରିଚାଳନା କରିବା ପାଇଁ ସହାୟକ ହୁଏ, ବୃହତ ଫ୍ଲାଇ ହୁଇଲ, ଯାହାକି ବ୍ୟାସ ପ୍ରାୟ ୧,୧୦୦ଏମଏମ ମି.ମିରେ ଆସିଥାଏ, ଯାହା ଉଲ୍ଲେଖନୀୟ ଢଙ୍ଗରେ ବୃହତ ଏବଂ ଅନ୍ୟ ବିଗ ବେଲର ପ୍ଲସ ମଡେଲ ଗୁଡିକ ତୁଳନାରେ ବୃହତ ଡାୟାମିଟର ହେବା ସହ ଏହା ୨.୩ ଗୁଣ ଅଧିକ ଶକ୍ତି ସୃଷ୍ଟି କରେ ଫଳ ସ୍ୱରୂପ ଏହା ଅଧିକ ଆରାମ ସହ ସକ୍ଷମ ବେଲିଂ କରାଇଥାଏ। ଏକ ଇଂଟରନାଲ କୁଲିଂ ସହ ମଲ୍ଟୀ ପ୍ଲେଟ ବ୍ରେକ ଯାହା ଗିୟର ବକ୍ସରେ ସମନ୍ୱିତ କରାଯାଇଛି, ତାହା ପ୍ଲଞ୍ଜରକୁ ଧିର କରାଏ ଏବଂ ଯେତେବେଳେ ଏହା ସର୍ବୋଚ୍ଚ ଷ୍ଟାର୍ଟ ପଏଂଟରେ ପହଂଚେ, ସେତେବେଳେ ଏହାକୁ ବନ୍ଦ କରାଇଦିଏ, ଆହୁରି ମଧ୍ୟ ଏହା ଏକ ଜରୁରୀ କାଳୀନ ବ୍ରେକ ଭାବରେ କାମ କରିଥାଏ କାରଣ ଏହା ୮ ସେକେଣ୍ଡରେ ପ୍ଲଞ୍ଜରକୁ ନିରାପଦଭାବରେ ସ୍ଥିର ସ୍ଥିତିକୁ ନେଇ ଆସିବାରେ ସକ୍ଷମ। ଏଥିରେ ରହିଥିବା ଅତିରିକ୍ତ ଗ୍ରାହକ ଲାଭରେ ରହିଛି ଧିର ଡ୍ରାଇଭ ଲାଇନ୍ ରୋଟେଶନ୍ ସହ ସର୍ଭିସ ମୋଡ ଏବଂ ଓଭର ଲୋଡ୍ ପ୍ରୋଟେକ୍ସନ ବ୍ୟବସ୍ଥା।

ଏସବିଆଇ ପକ୍ଷରୁ ଗ୍ରିନ୍ ରିୱାର୍ଡ ପଏଂଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ) ପକ୍ଷରୁ ନିରନ୍ତରତାର ପ୍ରସାର ଲାଗି ଗ୍ରିନ୍ ରିୱାର୍ଡ ପଏଂଟ କାର୍ଯ୍ୟକ୍ରମ୍ର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ତରଫରୁ ଯୋନୋ ଗ୍ରାହକମାନଙ୍କୁ "ଗ୍ରିନ୍ ରିୱାର୍ଡ ପଏଂଟ୍" ଆୟ କରି ତାହାକୁ ଏକ ସ୍ୱତନ୍ତ୍ର ପାଣ୍ଠିକୁ ପ୍ରଦାନ କରିବା ଲାଗି ଅନୁପ୍ରାଣିତ କରାଯାଉଛି। ସେଥିପାଇଁ ବ୍ୟାଙ୍କ ତରଫରୁ "ଯୋନୋ ଏସବିଆଇ ଗ୍ରିନ୍ ଫଣ୍ଡ୍" ସ୍ଥାପନ କରାଯାଇଛି ଯାହାକୁ ଏସବିଆଇ ଫାଉଣ୍ଡେସନ ପରିଚାଳନା କରୁଛି। ବ୍ୟାଙ୍କ ତରଫରୁ ଏହି ଫଣ୍ଡ୍ ଜରିଆରେ ପରିବେଶ ସଂରକ୍ଷଣ ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ।

ଏସବିଆଇ ଗ୍ରାହକମାନେ ଯୋନୋରେ କାରବାର କରିବା ବେଳେ ଗ୍ରିନ୍ ରିୱାର୍ଡ ପଏଂଟ୍ ହାସଲ କରିବେ ଏବଂ ତାହାକୁ ଯୋନୋ ଏସବିଆଇ ଗ୍ରିନ୍ ଫଣ୍ଡକୁ ପ୍ରଦାନ କରିବା ଲାଗି ସେମାନଙ୍କୁ ଏକ ବିକଳ୍ପ ପ୍ରଦାନ କରାଯିବ। ସେହିପରି ମୋବାଇଲ୍ ଓ ଇଂଟରନେଟ୍ ବ୍ୟାଙ୍କିଙ୍ଗରେ ଗ୍ରାହକମାନେ ଯେଉଁ ରିୱାର୍ଡ ହାସଲ କରିବେ ତାହାକୁ ମଧ୍ୟ ଗ୍ରିନ୍ ରିୱାର୍ଡ ପଏଂଟ୍ରେ ପରିବର୍ତ୍ତିତ କରିବାର ବିକଳ୍ପ ସେମାନଙ୍କୁ ବ୍ୟାଙ୍କ ତରଫରୁ ପ୍ରଦାନ କରାଯିବ।

ଯେଉଁ ସବୁ ଗ୍ରାହକମାନେ ଏହି ପାଣ୍ଠିକୁ ପଏଂଟ୍ ପ୍ରଦାନ କରିବେ ସେମାନଙ୍କ ପ୍ରତି ସ୍ୱୀକୃତି ସ୍ୱରୂପ ସେମାନଙ୍କୁ "ଗ୍ରିନ୍ ରିୱାର୍ଡ ସାର୍ଟିଫିକେଟ୍" ପ୍ରଦାନ କରାଯିବ।

ଅନ୍ୟ ପକ୍ଷରେ, ରଦ୍ଦ ହୋଇଯାଇଥିବା ଗ୍ରାହକଙ୍କ ଗ୍ରିନ୍ ରିୱାର୍ଡ ପଏଂଟ୍କୁ ଯୋନୋ ଏସବିଆଇ ଗ୍ରିନ ଫଣ୍ଡ୍କୁ ପ୍ରଦାନ କରିବା ଲାଗି ଗ୍ରାହକଙ୍କୁ ସୂଚନା ପ୍ରଦାନ କରିବାକୁ ଏସବିଆଇ ପ୍ରତିବଦ୍ଧ। ବ୍ୟାଙ୍କ ତରଫରୁ ପ୍ରଦାନ କରାଯାଉଥିବା ପ୍ରତିଟି ଯୋଗ୍ୟ ସେବା ଉପରେ ଗ୍ରାହକମାନେ ୨୦୦ ପର୍ଯ୍ୟନ୍ତ ଗ୍ରିନ ରିୱାର୍ଡ ପଏଂଟ୍ ହାସଲ କରିପାରିବେ।

ଏହି ଅଭିଯାନ ସମ୍ପର୍କରେ ରଜନୀଶ କୁମାର, ଅଧ୍ୟକ୍ଷ, ଏସବିଆଇ କହିଛନ୍ତି ଯେ, "ପରିବେଶର ସଂରକ୍ଷଣ ପାଇଁ ଶପଥ ଗ୍ରହଣ କରି ନିରନ୍ତରତାର ପ୍ରସାର କରିବା ଲାଗି ଆମ ସହିତ ଯୋଡ଼ି ହେବାକୁ ଆମେ ସବୁ ଗ୍ରାହକଙ୍କୁ ଆମନ୍ତ୍ରିତ କରୁଛୁ। ଯୋନୋ ଏସବିଆଇ ଗ୍ରିନ୍ ଫଣ୍ଡ୍କୁ ଗ୍ରିନ୍ ରିୱାର୍ଡ ପଏଂଟ୍ ପ୍ରଦାନ କରିବା ହେଉଛି ସମାଜରେ ଏକ ଜୈବିକ ସନ୍ତୁଳନ ରକ୍ଷା କରିବା ନିମନ୍ତେ ଆମ ଗ୍ରାହକମାନଙ୍କ ପ୍ରତିବଦ୍ଧତାର ପ୍ରତିଫଳନ। ଆମର ଏହି ସବୁଜ ଯାତ୍ରାରେ ସାମିଲ ହେଉଥିବା ଆମର ଗ୍ରାହକମାନଙ୍କୁ ଆମେ ପ୍ରଶଂସା ଏବଂ ଅଭିନନ୍ଦନ ଜଣାଇବାକୁ ଚାହୁଁଛୁ।''

ବୃକ୍ଷରୋପଣ, ବୈଜ ଶୌଚାଳୟ ନିର୍ମାଣ, ଜଳ ସଂରକ୍ଷଣ ଅଭିଯାନ ଆରମ୍ଭ କରିବା ସହିତ ଜଳ ସଙ୍କଟ ଦେଇ ସାମ୍ନା କରୁଥିବା ବିଭିନ୍ନ ସହରରେ ଆରଓ ପ୍ଲାଂଟ ସ୍ଥାପନ କରିବା, ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକର ବ୍ୟବହାରକୁ ପରିହାର କରିବା ଉପରେ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ସାରା ଦେଶରେ ସୌର ଶକ୍ତିର ବ୍ୟବହାର ବଢ଼ାଇବା ଲାଗି ଉତ୍ସାହିତ କରିବା ଦିଗରେ ଯୋନୋ ଏସବିଆଇ ଗ୍ରିନ ଫଣ୍ଡକୁ ବ୍ୟବହାର କରିବାକୁ ଏସବିଆଇ ପ୍ରତିବଦ୍ଧ।

ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲାଗି ଗ୍ରାହକମାନଙ୍କୁ ଆଗେଇ ଆସିବା ଏବଂ ଏହି ଅଭିଯାନ ପାଇଁ ଗ୍ରିନ ରିୱାର୍ଡ ପଏଂଟ୍କୁ ପ୍ରଦାନ କରିବା ଲାଗି ଅବଗତ କରିବା ନିମନ୍ତେ ଏସବିଆଇ ପକ୍ଷରୁ ବିଭିନ୍ନ ଯୋଗାଯୋଗ ମାଧ୍ୟମକୁ ପ୍ରତ୍ୟକ୍ଷକ ଭାବେ ବ୍ୟବହାର କରାଯିବ।

ଏସ୍ବିଆଇ କାର୍ଡ ପକ୍ଷରୁ କଂଟାକ୍ଟଲେସ୍ ମୋବାଇଲ୍ ପେମେଂଟ୍ ପାଇଁ ଏସ୍ବିଆଇ କାର୍ଡ ପେ'ର ଶୁଭାରମ୍ଭ

ନୂଆଦିଲ୍ଲୀ/ ଭୁବନେଶ୍ୱର: କ୍ରେଡିଟ୍ କାର୍ଡ ଜାରି କରୁଥିବା ଭାରତର ଅନ୍ୟତମ ଅଗ୍ରଣୀ ସଂସ୍ଥା ଏସ୍ବିଆଇ କାର୍ଡ ପକ୍ଷରୁ ମୋବାଇଲ୍ ଫୋନ୍କୁ ବ୍ୟବହାର କରି ତ୍ୱରିତ, ସହଜ ଓ ଅଧିକ ସୁରକ୍ଷିତ କାର୍ଡ ପେମେଂଟ୍ ଲାଗି ହୋଷ୍ଟ କାର୍ଡ ଏମୁଲେସନ୍ (ଏଚ୍ସିଇ) ପ୍ରଯୁକ୍ତି ଭିତିକ ଏକ ପେମେଂଟ୍ ସୁବିଧା 'ଏସ୍ବିଆଇ କାର୍ଡ ପେ'ର ଉନ୍ମୋଚନ ବିଷୟରେ ଘୋଷଣା କରାଯାଇଛି। ଏସ୍ବିଆଇ କାର୍ଡ ପେ ଦ୍ୱାରା ଗ୍ରାହକମାନେ ପ୍ରତ୍ୟକ୍ଷ କ୍ରେଡିଟ୍ କାର୍ଡକୁ ବ୍ୟବହାର ନକରି କିମ୍ବା କୌଣସି ପିନ୍ ନଦେଇ, ନିଅର ଫିଲ୍ଡ କମ୍ୟୁନିକେସନ୍ (ଏନ୍ଏଫ୍ସି) ସୁବିଧା ଥିବା ପଏଂଟ୍ ଅଫ୍ ସେଲ୍ ଟର୍ମିନାଲ୍ରେ ସେମାନଙ୍କ ମୋବାଇଲ୍ ଫୋନ୍ ଜରିଆରେ କଂଟାକ୍ଟଲେସ୍ ପେମେଂଟ୍ କରିପାରିବେ। ଭାରତରେ ଏଭଳି ପ୍ରଥମ ଧରଣର ପେମେଂଟ୍ ସମାଧାନ ଭାବେ ଗ୍ରାହକଙ୍କୁ କେବଳ ଗୋଟିଏ ଆପ୍ରେ ସେମାନଙ୍କ କ୍ରେଡିଟ୍ କାର୍ଡ ଆକାଉଂଟ୍କୁ ପରିଚାଳନା କରିବା ସମେତ କଂଟାକ୍ଟଲେସ୍ ପେମେଂଟ୍ ଲାଗି ଏହି ସୁବିଧାକୁ ଏସ୍ବିଆଇ କାର୍ଡ ମୋବାଇଲ୍ ଆପ୍ର ଏକ ଅଂଶ ଭାବେ ଗଠିତ କରାଯାଇଛି। ଏସ୍ବିଆଇ କାର୍ଡ ପେ ଜରିଆରେ ଗ୍ରାହକମାନେ ନିଜ ଅଭିପ୍ରାୟ ଅନୁସାରେ ପ୍ରତ୍ୟକ କାରବାର ଓ ଦୈନିକ କାରବାର ସୀମା ଧାର୍ଯ୍ୟ କରିପାରିବେ। ବର୍ତମାନ, ଅନ୍ୟ ଏଚ୍ସିଇ ସୁବିଧା ଥିବା ଆପ୍ରେ କାରବାର ପିଛା ସୀମା ୨୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ଓ ଦୈନିକ କାରବାର ସୀମା ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ଯାହା ଫଳରେ ଏହି ସୁବିଧାର ଉପଯୁକ୍ତ ବ୍ୟବହାର ସୀମାବଦ୍ଧ ହୋଇଯାଇଛି।

ଏସ୍ବିଆଇ କାର୍ଡ ପେ ବ୍ୟବହାର କରିବା ଲାଗି କାର୍ଡଧାରୀମାନଙ୍କୁ ଏସ୍ବିଆଇ କାର୍ଡ ମୋବାଇଲ୍ ଆପ୍ର ସଦ୍ୟତମ ଭର୍ସନରେ ସେମାନଙ୍କ କାର୍ଡକୁ ଥରେ ପଂଜୀକରଣ କରିବାକୁ ହେବ। କାର୍ଡ ପଂଜୀକୃତ ହୋଇଯିବା ପରେ ଗ୍ରାହକମାନେ କେବଳ ନିଜ ଫୋନ୍ର ସ୍କ୍ରିନ୍କୁ ଅନଲକ୍ କରି ଏବଂ ନିଜ ଫୋନ୍କୁ ପଏଂଟ୍ ଅଫ୍ ସେଲ୍ ଟର୍ମିନାଲ୍ ପାଖାପାଖି ନେଇ ପେମେଂଟ୍ କରିପାରିବେ। ଏହି ସୁବିଧାକୁ ଭିସା ପ୍ଲାଟଫର୍ମରେ ଶୁଭାରମ୍ଭ କରାଯାଇଛି ଏବଂ ଏହା ଆଣ୍ଡ୍ରଏଡ୍ ଓଏସ୍ କିଟ୍କାଟ ଭର୍ସନ ୪.୪ ଏବଂ ତା'ଠାରୁ ଉଚ୍ଚତର ଭର୍ସନର ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ରେ କାର୍ଯ୍ୟ କରିବ।ଏସ୍ବିଆଇ କାର୍ଡ ପେ'ର ଉନ୍ମୋଚନ ବିଷୟରେ ମନ୍ତବ୍ୟ ଦେଇ ଶ୍ରୀଯୁକ୍ତ ହରଦୟାଲ ପ୍ରସାଦ, ଏମ୍ଡି ଓ ସିଇଓ, ଏସ୍ବିଆଇ କାର୍ଡ କହିଛନ୍ତି ଯେ, "ଆମ ଗ୍ରାହକଙ୍କ ପେମେଂଟ୍ ଅନୁଭୂତିକୁ ବୁଦ୍ଧିମନ୍ତ କରିବା ହେଉଛି ଏସ୍ବିଆଇ କାର୍ଡ ପେ'ର ଲକ୍ଷ୍ୟ। ଅତ୍ୟାଧୁନିକ ପ୍ରଯୁକ୍ତି ଯଥା ଏଚ୍ସିଇକୁ ବ୍ୟବହାର କରି ଆମେ ଆଜିର ବିବିଧ ଜୀବନଶୈଳୀର ଗ୍ରାହକଙ୍କ ବେଗ ସହିତ ତାଳ ଦେଇ ପାରୁଥିବା ଏକ ନିରବଚ୍ଛିନ୍ନ ତଥା ତ୍ୱରିତ ପେମେଂଟ୍ ସୁବିଧା ପ୍ରଦାନ କରିବାକୁ ଚାହୁଁଛୁ। ଦେଶର ଡିଜିଟାଲ୍ ପେମେଂଟ୍ ଅଭିଯାନରେ କଂଟାକ୍ଟଲେସ୍ ପେମେଂଟ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଆମେ ବିଶ୍ୱାସ କରୁଛୁ ଏବଂ ସାରା ଦେଶରେ ସହାୟକ ହେଉଥିବା ଭିତିଭୂମିରେ ଉନ୍ନତି ହେଉଥିବାରୁ, ଗ୍ରହଣୀୟତା ନିଶ୍ଚିତ ରୂପେ ଉଲ୍ଲେଖନୀୟ ଭାବେ ବୃଦ୍ଧିପାଇବ।''

ଇନଫିନିକ୍ସ ପକ୍ଷରୁ ଏସ୫ ସ୍ମାର୍ଟଫୋନର ଶୁଭାରମ୍ଭ

ଭୁବନେଶ୍ୱର : ଅତ୍ୟନ୍ତ ଲୋକପ୍ରିୟ ଏସ ସିରିଜ ସ୍ମାର୍ଟଫୋନର ବିପୁଳ ସଫଳତା ସହିତ ଇନଫିନିକ୍ସ ଟ୍ରାନ୍ସିସନ ଗ୍ରୁପ ପକ୍ଷରୁ ନିକଟରେ ଏକ ପ୍ରିମିୟମ ବ୍ରାଣ୍ଡ ନିକଟରେ ଏସ୫ ସ୍ମାର୍ଟଫୋନ ବିକ୍ରୟ ଆରମ୍ଭ କରାଯାଇଛି । ଏସ ସିରିଜର ଏହି ସ୍ମାର୍ଟଫୋନ୍ "ସୁପର ସିନେମା" ଡିସପ୍ଲେ ବିଶେଷତାକୁ ଅନ୍ତର୍ଭୁକ୍ତ କରି ମୋବାଇଲ ମଲଟି ମିଡିଆ ଅନୁଭବରେ ସମ୍ପୂର୍ଣ ପରିବର୍ତ୍ତନ ଆଣିବାର ପ୍ରତିଶ୍ରୁତି ଦେଇଛି ଯାହାକି ଏକ ସିନେମାତ୍ମିକ ଅନୁଭବ ପ୍ରଦାନକରେ । ଏହା ବ୍ୟତୀତ ଏହା କମରସିଭ ୬.୬ ଇଞ୍ଚ ସ୍କ୍ରିନ ସହିତ କ୍ୱାର୍ଡ କ୍ୟାମେରା ଏବଂ ପଞ୍ଚ ହୋଲ ଡିସପ୍ଲେ , ୩୨ ଏମପି ଇନ-ଡିସପ୍ଲେ ସେଲଫି, ୪୦୦୦ ମେଗାହର୍ଜ ବ୍ୟାଟେରୀ ଏବଂ ୩ଡି ଗ୍ଲାସ ଡିଜାଇନ ସହିତ ଅନେକ ନୂତନ ବିଶେଷତା ରହିଛି । ଏହା ବ୍ୟତୀତ ୪ + ୬୪ ର୍ୟାମ/ରୋମ ଏବଂ "ସୁପର ସିନେମା" ଡିସପ୍ଲେରେ ସୁସଜ୍ଜିତ ଏହି ସ୍ମାର୍ଟଫୋନ୍ ମାତ୍ର ଟ.୮୯୯୯/-ରେ ଉପଲବ୍ଧ ହେବ। ଏହା ବ୍ୟତୀତ ଚଳିତ ବର୍ଷର ୨୧ ଅକ୍ଟୋବର ମଧ୍ୟାହ୍ନ ୧୨ଟାରୁ ଫ୍ଲିପକାର୍ଟରେ ଏହି ଏସ୫ ସ୍ମାର୍ଟଫୋନର ବିକ୍ରୟ ଆରମ୍ଭ ହେବାକୁ ଯାଉଛି ।



ଅନ୍ତର୍ଜାତୀୟ ଦୁର୍ନୀତି-ବିରୋଧୀ ଦିବସ

୨୦୦୩ ମସିହା ଅକ୍ଟୋବର ୩୧ ତାରିଖରେ ଜାତିସଙ୍ଘର ଆନୁଷ୍ଠାନିକ ବୈଠକରେ ନିଷ୍ପତ୍ତି (ସଂଖ୍ୟା-୫୮/୪) ଗ୍ରହଣ କରାଗଲା ଯେ ଡ୍ରଗ୍ସ ଆଣ୍ଡ କ୍ରାଇମର ଜାତିସଙ୍ଘ କାର୍ଯ୍ୟାଳୟକୁ ଏହାର ସଚିବାଳୟରେ ପରିବର୍ତ୍ତିତ କରାଯିବ। ଦୁର୍ନୀତି ପ୍ରତି ସଚେତନତା ସୃଷ୍ଟି ଏବଂ ଏହାର ମୁକାବିଲା ଓ ପ୍ରତିରୋଧ କରିବାରେ ଜାତିସଙ୍ଘର ଭୂମିକା ବିଷୟରେ ଅବଗତ କରାଇବା ପାଇଁ ୯ ଡିସେମ୍ବରକୁ ଅନ୍ତର୍ଜାତୀୟ ଦୁର୍ନୀତି ବିରୋଧୀ ଦିବସ ଭାବେ ଘୋଷଣା କରାଗଲା। ଡିସେମ୍ବର ୨୦୦୫ରେ ଏହା କାର୍ଯ୍ୟକାରୀ ହେଲା। ଦୁର୍ନୀତି ଏକ ଜଟିଳ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟାଧି, ଯାହା ସମଗ୍ର ବିଶ୍ୱକୁ କବଳିତ କରିଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଭିତ୍ତିଭୂମିକୁ ଦୁର୍ବଳ କରିବା ସହ ଅର୍ଥନୈତିକ ବିକାଶକୁ ଏହା ମନ୍ଥର କରିଚାଲିଛି। ସରକାରୀ ଅସ୍ଥିରତାର କାରକ ସାଜିଛି ଭ୍ରଷ୍ଟାଚାର। ନିର୍ବାଚନ ପ୍ରକ୍ରିୟାକୁ ବିକୃତ କରି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ମୂଳଦୁଆକୁ ଆକ୍ରମଣ କରିଚାଲିଛି। ଆଇନ କାନୁନ ଉଲ୍ଲଂଘନ କରିବା ସହ ଅମଲାତନ୍ତ୍ର ସମ୍ବନ୍ଧୀୟ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ଏସବୁ ତିଷ୍ଠିବାର ଏକମାତ୍ର କାରଣ ହେଉଛି ଲାଞ୍ଚ। ବିଦେଶୀ ପ୍ରତ୍ୟକ୍ଷ ନିବେଶ ହତୋତ୍ସାହିତ କରାଯିବାରୁ ଅର୍ଥନୈତିକ ବିକାଶ ହୋଇପାରୁନାହିଁ। ଦୁର୍ନୀତି ଯୋଗୁଁ ବ୍ୟବସାୟ ଆରମ୍ଭ ପାଇଁ ଆବଶ୍ୟକ ଅର୍ଥ ମିଳିପାରୁନାହିଁ, ଯାହାଦ୍ୱାରା ଦେଶରେ କ୍ଷୁଦ୍ର ବ୍ୟବସାୟ ଅଧିକାଂଶ ସମୟରେ ଅସମ୍ଭବ ହେଉଛି। ଭାରତୀୟ ଗଣତାନ୍ତ୍ରିକ ଓ ପ୍ରଶାସନିକ କ୍ଷେତ୍ରକୁ ଦେଖିଲେ ଜଣାଯାଏ ଯେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିବା ଭାରତରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସବୁକ୍ଷେତ୍ରରେ ଭୂମିକା ଗ୍ରହଣ କରାଯାଉଛି। ତଥାପି ଆଜି ସମାଜର ସବୁଠି ଓ ସବୁକ୍ଷେତ୍ରରେ ଏହାର କାୟା ବଢ଼ିବାରେ ଲାଗିଛି। ଏପରି ଏକ ସମୟ ପହଞ୍ଚିଲାଣି ବିନା ଦୁର୍ନୀତିରେ, ପ୍ରିୟାପ୍ରୀତିରେ ସତେ ଯେପରି ଖଣ୍ଡିଏ କାଗଜ ବି ସରକାରଙ୍କ ଦପ୍ତର ଠାରୁ ବେସରକାର ଦପ୍ତରରେ ମଧ୍ୟ ଉଠି ନଥିବାର ଅଭିଯୋଗ ହୁଏ। ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ଯୋଗାଯୋଗ, ପ୍ରଯୁକ୍ତି ଠାରୁ ସବୁ କ୍ଷେତ୍ରରେ ଦୁର୍ନୀତିର ବିଭିନ୍ନ ରୂପ ଅନେକ ସମୟରେ ଦେଖାଯାଏ ଯାହାକୁ ନେଇ ଗଣମାଧ୍ୟମରେ ବିସ୍ତୃତ ଖବର ପ୍ରକାଶ ପାଏ। ଜଣେ ରାଜନେତା ଏକଦା ପରିହାସ ଛଳରେ କହିଥିଲେ ଯେ 'ଦୁର୍ନୀତିକୁ ନୀତି କରିଦେଲେ ଆଉ କିଛି ଅସୁବିଧା ରହିବ ନାହିଁ।' ଦୁର୍ନୀତି ଅର୍ଥ ନୀତି ଠାରୁ ଦୂର। ନ୍ୟାୟ ଓ ଧର୍ମର ବିରୋଧୀ ଅନ୍ୟାୟ ନୀତି, ଅସତ୍ ଆଚରଣ ବା ଅସତ୍ କର୍ମକୁ ଦୁର୍ନୀତି କୁହାଯାଏ। ଜାତି, ଧର୍ମ, ବର୍ଣ୍ଣ, ବିଦ୍ୟା ଓ ସଭ୍ୟତା ନିର୍ବିଶେଷରେ ଉପର ଠାରୁ ତଳ ପର୍ଯ୍ୟନ୍ତ ଏହି ଦୁର୍ନୀତିର ଚେର ବ୍ୟାପିଯାଇଛି ଓ ସମାଜକୁ ପଙ୍ଗୁ କରିଦେଇଛି। ନୀତି ବିହୀନ ମନୁଷ୍ୟ ପଶୁ ସହିତ ସମାନ। ଏହି ପାଶବିକ ପ୍ରବୃତ୍ତି ମଧ୍ୟରେ ମନୁଷ୍ୟର ଦୁର୍ବଳତା, କାମ, କ୍ରୋଧ, ମଦ, ଲୋଭ, ମାତ୍ସର୍ଯ୍ୟ ଓ ଅହଂକାର ଇତ୍ୟାଦି ଲୁଚି ରହିଛି। ତେଣୁ ଏହି ପ୍ରବୃତ୍ତି ବା ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନ ପାଇଁ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜକୁ ଆହ୍ୱାନ ଦେଇ କହିଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକି ଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତଙ୍କୁ ସତର୍କ କରି କହିଛନ୍ତି - ସବୁ ସମୟ ସ୍ମରଣ ରଖ, ସଜାଗ ରୁହ ସତର୍କତାର ସହିତ, କାହାର ଅକୃତଜ୍ଞତା, ବିଶ୍ୱାସଘାତକତା, ଚୌର୍ଯ୍ୟପ୍ରବୃତ୍ତି, ଦାୟିତ୍ୱହୀନତା ଓ ସେବା ବିମୁଖତାକୁ ପ୍ରଶୟ ଦିଅନାହିଁ। ଏହା ହେଉଛି ସତ୍ତା ସମ୍ବର୍ଦ୍ଧନାର ସର୍ବନାଶ ବିଷାକ୍ତ ପ୍ରବୃତ୍ତି। ଏହି ଦୁର୍ନୀତିରେ ବୁଡ଼ି ମନୁଷ୍ୟ ସୁନୀତିକୁ ଭୁଲିଯାଇଛି। ବଦ୍ ଅଭ୍ୟାସରେ ରହି ସତ୍ ଅଭ୍ୟାସକୁ ଭୁଲି ଯାଇଛି, ଏହି ଦୁର୍ନୀତିକୁ ପ୍ରତିରୋଧ କରିବା ପାଇଁ ସଂଗ୍ରାମର ଆବଶ୍ୟକତା ରହିଛି। ଯେଉଁମାନେ ନିରୋଧ କରିବେ ସେମାନେ ହେବେ ବୀର ପୁରୁଷ। ପ୍ରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବରେ କହିଛନ୍ତି - ଚୋରି କରନାହିଁ; ଚାହିଦାରେ ଘୃଷ୍ଟ ବୁଦ୍ଧିବୃତ୍ତି କାହାକୁ ମଧ୍ୟ ଉଦ୍‌ବୃତ୍ତ ନକରି ଅନ୍ୟାଯ୍ୟଭାବରେ, ଅଜ୍ଞାତସାରରେ ପରିପୂରିତ ହେବାକୁ ଚାହେଁ - ତାହା ହିଁ ଚୌର୍ଯ୍ୟ; ଚୌର୍ଯ୍ୟରେ ବୁଦ୍ଧିବୃତ୍ତି ଦିନୁ ଦିନ ଅନ୍ୟର କ୍ଷତିକରି ଅପକର୍ଷ ପ୍ରତି ଧାବିତ ହୁଏ ବୋଲି ଅର୍ଥାତ୍, କରିବା ଭିତର ଦେଇ ଯେପରି ଭାବରେ ଚାହିଦାକୁ ପୂରଣ କଲେ ବୋଧ ଓ ଜ୍ଞାନର ଉନ୍ମେଷରେ ତାହା ମିଳିଯାଏ - ତାହା ହିଁ ଚୌର୍ଯ୍ୟରେ ଆହତ ଓ ଅବସନ୍ନ ହୋଇ ଅଧର୍ମକୁ ଆଲିଙ୍ଗନ କରେ ବୋଲି ଏତେ ଘୃଣ୍ୟ, ଏତେ ପାପ, ଏତେ ହୀନତା - ତେଣୁ କୁହେ, ଏହି ଚୌର୍ଯ୍ୟ ବୁଦ୍ଧିକୁ ପ୍ରଶ୍ରୟ ଦେଇ ତୁମର ଓ ତୁମ ପାରିପାର୍ଶ୍ୱିକର ସର୍ବନାଶ କରନା, ସାବଧାନ ହୁଅ। ଏହି ପ୍ରସଙ୍ଗରେ ପୁନର୍ବାର ଯୁଗାବତାର କଳ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥର ପ୍ରଥମ ପୃଷ୍ଠାରେ ଉଲ୍ଲେଖ କଲେ - ସର୍ବପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତଡ, ଯେତେ ଶୀଘ୍ର ପାର ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଭେମ୍ପେୟାରକୁ (ବାଦୁଡ଼ି)। ସ୍ମରଣ କର ତୁମେ ସାହସୀ, ସ୍ମରଣ କର ତୁମେ ଶକ୍ତିର ତନ୍ମୟ, ସ୍ମରଣ କର ତୁମେ ପରମପିତାଙ୍କର ସନ୍ତାନ। ଏହି ଦୁର୍ନୀତି ବିରୋଧୀ ଆତ୍ମ ସଂଶୋଧନ ଇଚ୍ଛୁକ ବୀରମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କରି କହୁଛି ତୁମର ଉନ୍ନୟନ ନିମିତ୍ତ ଆଉ ଭାବିବାକୁ ହେବନାହିଁ। ଆଜି ବିଶ୍ୱ ଦୁର୍ନୀତି ନିରୋଧ ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ଦୁର୍ନୀତି ବିରୋଧରେ ଚେତନାକୁ ଜାଗ୍ରତ କରିବା ସହ ଏହାକୁ କାର୍ଯ୍ୟରେ କରି ଦେଖାଇଲେ ଏହି ଦିବସର ତାତ୍ପର୍ଯ୍ୟ ଗୁରୁତ୍ୱ ରଖନ୍ତା।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,
ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

DISPLAY CLASSIFIED

FOR ADVERTISEMENT
CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com

ବାଲେଶ୍ୱରରେ ଗୃହରକ୍ଷୀବାହିନୀ ପ୍ରତିଷ୍ଠା ଦିବସ ପାଳିତ

ବାଲେଶ୍ୱର (ପିଏନ୍): ଗୃହରକ୍ଷୀ ବାହିନୀ ଏକ ସ୍ୱେଚ୍ଛାସେବୀ ତଥା ଉତ୍ସର୍ଗୀକୃତ ମନୋଭାବ ରଖିଥିବା ପୁରୁଷ ଓ ମହିଳାମାନଙ୍କର ଏକ ଅଙ୍ଗୀକୃତ ସଙ୍ଗଠନ ଏବଂ ନିଷ୍କାମ ସେବା ଏମାନଙ୍କର ପ୍ରଥମ ଲକ୍ଷ୍ୟ । ସେନାବିହାନୀ ଓ ପୁଲିସ ବାହିନୀର ଯେତିକି ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ସେହିପରି ଭାବେ ଗୃହରକ୍ଷୀମାନଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ବନ୍ୟା, ବାତ୍ୟା, ବିଭିଷୀକା ଓ ବିଶେଷ କରି ସମୁଦ୍ର ତଟ ସୁରକ୍ଷା ଓ ସୀମାନ୍ତ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଗୃହରକ୍ଷୀମାନେ ନିୟୋଜିତ ହୋଇ ବେଳେବେଳେ ଆତତାୟୀମାନଙ୍କ ଗୁଳିର ଶିକାର ହୋଇ ଏମାନେ ମଧ୍ୟ ସହୀଦ ସାଜିବାର ନଜିର ରହିଛି । ପୂର୍ବାଞ୍ଚଳ ଡିଆଇଜି ଦୀପ୍ତେଶ କୁମାର ପଟ୍ଟନାୟକ ବାଲେଶ୍ୱର ପୁଲିସ ପଡିଆଠାରେ ଗତ ଡିସେମ୍ବର ୬ ତାରିଖ ସକାଳେ ଗୃହରକ୍ଷୀମାନଙ୍କ ଦ୍ୱାରା ଅନୁଷ୍ଠିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ଗୃହରକ୍ଷୀମାନଙ୍କର ମନୋବଳ ବଢାଇବା ପାଇଁ ସବୁ ଶ୍ରେଣୀରୁ ଉତ୍ସାହିତ ମିଳିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ପୁଲିସ ପଡିଆ ମଞ୍ଚରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବି. ଯୁଗଳ କିଶୋର କୁମାର ଉପସ୍ଥିତ ଥିଲାବେଳେ ପୁଲିସ ବାହିନୀରେ କାର୍ଯ୍ୟରତ ତଥା ଅବସରପ୍ରାପ୍ତ ବହୁ ଅଧିକାରୀ ତଥା ବିଶିଷ୍ଟ ବ୍ୟକ୍ତି ଓ ସାମ୍ବାଦିକ ଏବଂ ଜିଲ୍ଲାର ବହୁ ପଦସ୍ଥ ଅଧିକାରୀ ଏଥିରେ ଯୋଗ ଦେଇଥିଲେ ।

ଅଁଳାପାଳ ଗ୍ରାମରେ କିଡ୍‌ନୀ ରୋଗ ଆତଙ୍କ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ରାଧିକାଦେଇପୁର ପଂଚାୟତ ଅଁଳାପାଳ ଗ୍ରାମରେ ଦେଖା ଦେଇଛି କିଡ୍‌ନୀ ଆତଙ୍କ । ଗତ ୨ବର୍ଷ ଭିତରେ ଗଲାଣି ୩୦ଜୀବନ । ଏବେ ବି ବହୁ ରୋଗୀ ଏହି ରୋଗରେ ଆକ୍ରାନ୍ତ ହୋଇ ଘରେ ପଡି ରହିଛନ୍ତି । ଏହା ଏକ ଆଦିବାସୀବହୁଳ ଅଂଚଳ ହୋଇଥିବା ବେଳେ ଉପଯୁକ୍ତ ଚିକିତ୍ସା ସୁବିଧା ନ ପାଇ ଚେରମୂଳି ଔଷଧ ଖାଉଛନ୍ତି । ଅଁଳାପାଳ ଗ୍ରାମରେ ୨ଟି ୱାର୍ଡରେ ୨୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ଲୋକେ ଗାଁରେ ଥିବା ନଳକୂପର ଜଳକୁ ବ୍ୟବହାର କରୁଛନ୍ତି । ଏଥିରୁ ମାଟିଆ ରଙ୍ଗର ପାଣି ବାହାରୁ ଥିବାରୁ ଏହାକୁ ପିଇ ଗ୍ରାମବାସୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଥିବା ସନ୍ଦେହ କରାଯାଉଛି । ଗରିବ ଲୋକେ ଅର୍ଥ ଅଭାବରୁ ଡାକ୍ତରଖାନା ଯାଇ ଚିକିତ୍ସିତ ହେବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ । ଫଳରେ ବାଧ ହୋଇ ସେମାନେ ଚେରମୂଳି ଔଷଧ ବ୍ୟବହାର କରୁଥିବା ରୋଗୀମାନେ କହିଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ସହ ରୋଗର ପ୍ରକୃତ କାରଣ ଅନୁଧ୍ୟାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ନାଉଗାଁ ବ୍ଲକରେ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ନୂତନ ଶାଖା ଗଠନ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ଏକ ନୂତନ ଶାଖା ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକରେ ମଞ୍ଚର ଅଧ୍ୟକ୍ଷ ଡଃ ନନ୍ଦନନ୍ଦନ ଦାସଙ୍କ ଅଧ୍ୟକ୍ଷତାରେ ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ମଞ୍ଚର ରାଜ୍ୟ ସାଧାରଣ ସମ୍ପାଦକ ଡଃ ଜଗବନ୍ଧୁ ଷଡ଼ଙ୍ଗୀ ଓ ସହ-ସମ୍ପାଦକ ଲାୟନ କ୍ଷୀତିଶ ଚନ୍ଦ୍ର ପାଲଟାସିଂହ ଉପସ୍ଥିତ ଥିଲେ। ଏହି ସଭାରେ ନିମ୍ନୋକ୍ତମତେ ଶାଖାର କର୍ମକର୍ତ୍ତା ଭାବେ ସଭାପତି ରବୀନ୍ଦ୍ର ପଟ୍ଟନାୟକ, ଉପସଭାପତି ରାଜେନ୍ଦ୍ର ପ୍ରସାଦ ମହାନ୍ତି, ସମ୍ପାଦକ ବଂଶୀଧର ବେହେରା, କୋଷାଧ୍ୟକ୍ଷ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ବୈଠକରେ ଅନ୍ୟାନ୍ୟ କର୍ମକର୍ତ୍ତା ନିର୍ବାଚିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ଅଞ୍ଚଳକୁ ଦୁର୍ନୀତିମୁକ୍ତ କରାଯିବା ପାଇଁ ଏହି ଶାଖା କାର୍ଯ୍ୟ କରିବ ଓ ଜନସାଧାରଣଙ୍କୁ ନ୍ୟାୟ ଦେବାରେ ସାହାଯ୍ୟ ସହଯୋଗ କରିବ। ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ, ଭୁବନେଶ୍ୱରର ୮ମ ବାର୍ଷିକ ସଭା ଆସନ୍ତା ଡ଼ିସେମ୍ବର ୨୮ ତାରିଖ ଦିବା ୧୦ ଘଟିକା ସମୟରେ ଭୁବନେଶ୍ୱରସ୍ଥ ରେଡ଼କ୍ରସ ସଭାକକ୍ଷରେ ଅନୁଷ୍ଠିତ ହେବ। ଏଥିରେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ସମସ୍ତ ବ୍ୟକ୍ତିବିଶେଷ ଯୋଗଦେବାକୁ ସାଧାରଣ ସମ୍ପାଦକ ଡଃ ଜଗବନ୍ଧୁ ଷଡ଼ଙ୍ଗୀ ଅନୁରୋଧ କରିଛନ୍ତି।

ସଙ୍କଟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକର ଲକ୍ଷ୍ୟ

ଦେଶର ସଂଖ୍ୟାଧିକ ଲୋକ ଏବେ ଗ୍ରାମାଞ୍ଚଳଗୁଡିକରେ ରହୁଛନ୍ତି । ସେମାନଙ୍କ ଦୈନନ୍ଦିନ ଜୀବନର ବିକାଶ ପାଇଁ ୨୦ବର୍ଷ ପୂର୍ବେ ଅଟଳ ବିହାରୀ ବାଜପେୟୀଙ୍କ ପରିକଳ୍ପନା ଅନୁଯାୟୀ ଯେଉଁ ଯୋଜନା ଗ୍ରାମକୁ ମୁଖ୍ୟଧାରା ସହ ଯୋଡିବା ଲାଗି ଆରମ୍ଭ ହୋଇଥିଲା,ତାହା ଥିଲା ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା । ଏହି ଯୋଜନାରେ ଗ୍ରାମକୁ ସବୁଦିନିଆ ଢଳେଇରାସ୍ତା ସହ ଯୋଡିବାକୁ ଏକ ସୁଦୂର ପ୍ରସାରୀ ଲକ୍ଷ୍ୟ ଶ୍ରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିଲାବେଳେ ଦେଖିପାରିଥିଲେ । ଦେଶ ସ୍ୱାଧୀନ ହେବାର ପ୍ରଥମ ପଚାଶବର୍ଷ ମଧ୍ୟରେ ଦେଶର ଗ୍ରାମାଞ୍ଚଳରେ ଯେତିକି ସଡକ ହୋଇନଥିଲା ତା'ଠୁ ଢେର ଅଧିକ ଉନ୍ନତମାନର ସଡକ ଗତ ୨୦ବର୍ଷ ମଧ୍ୟରେ ନିର୍ମିତ ହୋଇଛି । ଏହି ଯୋଜନାରେ ଅନେକ ଅପହଞ୍ଚ ଇଲାକାକୁ ମୁଖ୍ୟଧାରା ସହ ଯୋଡାଯାଇ ପାରିଛି । ଦେଶର ଅନେକ ରାଜ୍ୟରେ ଗତ ଦୁଇଦଶନ୍ଧି ମଧ୍ୟରେ ଏହି ସଡକ ଯୋଜନା ଗ୍ରାମାଞ୍ଚଳର ରୂପକୁ ବଦଳାଇ ଦେଇଛି । ସବୁଦିନିଆ ସଡକ ହେବା ଯୋଗୁ ଋରିଚକିଆଠାରୁ ଆରମ୍ଭ କରି ବଡ ବଡ ଗାଡି ମଧ୍ୟ ଆଜି ଗ୍ରାମାଞ୍ଚଳକୁ ଯାଇପାରୁଛି । ଲୋକଙ୍କ ପାଇଁ ସବୁଦିନିଆ ସଡକ ହେବାରୁ ସବୁ ସମୟରେ ଯାତାୟାତ ସମ୍ଭବପର ହୋଇପାରିଛି । ସଡକ ପାଇଁ ଟେକ୍ନୋଲୋଜି ଗ୍ରାମଗୁଡିକରେ ପହଞ୍ଚିପାରିଛି । ସହରାଞ୍ଚଳରେ ରହୁଥିବା ଲୋକଙ୍କ ପରି ଗ୍ରାମାଞ୍ଚଳର ଲୋକେ ସମସ୍ତ ପ୍ରକାର ଆଧୁନିକ ସେବା ସହ ଚିକିତ୍ସା ସେବା ପାଇବା ସମ୍ଭବ ହୋଇପାରୁଛି । ଜରୁରୀ ସମୟରେ ଆମ୍ବୁଲାନ୍ସ ସେବା ରୋଗୀଙ୍କ ଘରକୁ ଯାଇପାରୁଛି । ବ୍ୟବସାୟ, ବାଣିଜ୍ୟ, ସହରାଞ୍ଚଳସହ ସଂପର୍କ, ବାହାରକୁ ଯିବାଆସିବା ଏବେ ସୁବିଧାଜନକ ହୋଇଛି । ପିଲାମାନେ ସ୍କୁଲ କଲେଜକୁ ଯିବା କେବଳ ସୁବିଧା ହୋଇନାହିଁ, ସହରାଞ୍ଚଳପରି ସ୍କୁଲର ଗାଡିଗୁଡିକ ଏବେ ଗ୍ରାମାଞ୍ଚଳରୁ ପିଲାମାନଙ୍କୁ ସ୍କୁଲକୁ ଆଣିପାରୁଛି ।

ଏହି ସଡକ ନିର୍ମାଣ କ୍ଷେତ୍ରରେ ଓଡିଶା ଦେଶରେ ୨୦୧୭-୧୮ରେ ଶ୍ରେଷ୍ଠସ୍ଥାନ ଲାଭ କରିଥିଲା । କିନ୍ତୁ ୨୦୧୯-୨୦ବେଳକୁ ରାଜ୍ୟ ଏ କ୍ଷେତ୍ରରେ ବହୁତ ପଛରେ ପଡିଥିବାର ଜଣାଯାଇଛି । ଏହି ଯୋଜନାରୁ ପୂର୍ବ ଏବଂ ଉତ୍ତର ଓଡିଶା ଯେତିକି ସୁବିଧା ନେଇଛନ୍ତି ସେମିତି ସୁବିଧା ପଶ୍ଚିମ ଏବଂ ଦକ୍ଷିଣ ଓଡିଶା ଆଜି ପର୍ଯ୍ୟନ୍ତ ନେଇପାରିନାହାନ୍ତି । ୨୦୧୯ ସୁଦ୍ଧା ରାଜ୍ୟର ୧୮,୫୪୮ ଗ୍ରାମକୁ କଂକ୍ରିଟର ସଡକ ଏହି ଯୋଜନାରେ ନିର୍ମିତ ହୋଇଥିଲା ବେଳେ ୨୦୨୨ସୁଦ୍ଧା ଲକ୍ଷ୍ୟ ଥିଲା ୨୨,୨୧୧ଟି ଗ୍ରାମକୁ ଯୋଡିବା । ହେଲେ ବର୍ତ୍ତମାନ ସୁଦ୍ଧା ୩୮୯୯ ଗ୍ରାମକୁ ଏହି ସଡକ ଯୋଜନା ପହଞ୍ଚିପାରିନାହିଁ । ତେଣୁ ୩୮୬୩ଟି ନିର୍ଦ୍ଧାରିତ ଗ୍ରାମକୁ ସମୟାବଧି ମଧ୍ୟରେ ସଡକ ଯୋଡିବା କାର୍ଯ୍ୟ ସହଜ ହେବନାହିଁ । ୨୦୧୯-୨୦ରେ ୧୦୯୮ଟି ଗ୍ରାମକୁ ସବୁଦିନିଆ ସଡକ ଏହି ଯୋଜନାରେ ନିର୍ମାଣ କରାଯିବା ପାଇଁ ଲକ୍ଷ୍ୟ ଥିଲେ ମଧ୍ୟ ତାହା ସମ୍ଭବ ହେବାପରି ଜଣାଯାଉନାହିଁ । ଏଭଳି ଓଲଟଗତି ଯୋଗୁ ଦେଶର ୧୦ରାଜ୍ୟ ମଧ୍ୟରୁ ତଳୁ ୬ଷ୍ଠ ସ୍ଥାନରେ ରହିଛି ଓଡିଶା । ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୫,୬୬୪.୪କିଲୋମିଟର ସଡକ ନିର୍ମାଣ କାର୍ଯ୍ୟ ସରିଛି । ୨୦୧୫-୧୬ରେ ଦେଶରେ ସଡକ ନିର୍ମାଣ ହାର ଦୈନିକ ୯୧କିଲୋମିଟର ।ଥିଲାବେଳେ ରାଜ୍ୟରେ ଥିଲା ମାତ୍ର ୧୨ କିଲୋମିଟର । ୨୦୧୬-୧୭ରେ ରାଜ୍ୟରେ ୭,୦୪୩ କି.ମି. ସଡକ ନିର୍ମାଣ ହେବା ଯୋଗୁ ସେହିବର୍ଷ ରାଜ୍ୟ ଦେଶରେ ଅଗ୍ରଣୀ ରହିଥିଲା । ୨୦୧୭-୧୮ରେ ଏହି ଗତି ୭୧୭୬କି.ମିକୁ ଧରିବା ଯୋଗୁ ଦେଶରେ ପ୍ରଥମ ସ୍ଥାନ ଲାଭ କରି ମଧ୍ୟ ପୁରସ୍କୃତ ହୋଇଥିଲା । କିନ୍ତୁ ପ୍ରଥମ ପର୍ଯ୍ୟାୟର ଲକ୍ଷ୍ୟ ହାସଲରେ ବିଳମ୍ବ ଯୋଗୁ ଦ୍ୱିତୀୟ ପର୍ଯ୍ୟାୟ ଲକ୍ଷ୍ୟ ହାସଲ ବିଳମ୍ବ ହେବା ନିଶ୍ଚିତ । କେନ୍ଦ୍ର ସରକାର ଏବେ ଏହାର ୩ୟ ପର୍ଯ୍ୟାୟ ବ୍ୟୟ ବରାଦ କରି ସଫଳ ରାଜ୍ୟଗୁଡିକୁ ଯେଉଁ ୫ପ୍ରତିଶତ ଅଧିକ ପ୍ରୋତ୍ସାହନ ଅର୍ଥ ଦେବାକୁ ଘୋଷଣା କରିଛନ୍ତି ତାହା ଓଡିଶା ପାଇପାରିବ ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ସରକାର ୨୦୦୦ରୁ ୨୦୧୫ପର୍ଯ୍ୟନ୍ତ ୧୦୦ପ୍ରତିଶତ ଅର୍ଥ ଏହି ଯୋଜନାରେ ପ୍ରଦାନ କରୁଥିଲା ବେଳେ ୨୦୧୫-୧୬ରୁ କେନ୍ଦ୍ର-ରାଜ୍ୟ ଅନୁଦାନ ୬୦.୪୦ଅନୁପାତ କରାଯାଇଛି । ଏହିପରି ଯଦି ଧୀମା ନିର୍ମାଣ ଋଲୁରହେ ତେବେ ଅବଶିଷ୍ଟ ୧୦,୫୦୦ ଗ୍ରାମକୁ ସଡକ ନିର୍ମାଣ ପାଇଁ କେତେ ବର୍ଷ ଲାଗିବ ତାହା କୁହାଯାଇ ପାରିବନାହିଁ । ରାଜ୍ୟ ସରକାର ଲକ୍ଷ୍ୟ ହାସଲ ପାଇଁ ଏବେଠୁ ସେଥିପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରି କାର୍ଯ୍ୟକୁ ଦ୍ରୁତତର କରିବାକୁ ପ୍ରୟାସ କରିବା ଜରୁରୀ ହୋଇ ପଡିଲାଣି ।

ସୌମେନ୍ଦ୍ର ଜେନା, ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩

ଉଦ୍‌ଯାପିତ ହେଲା ରୋଭର ରେଂଜର ମିନି ଜାମ୍ବୋରୀ

ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଦ୍ୱାରା ଖୋର୍ଦ୍ଧା ଜିଲ୍ଲା ବରୁଣେଇ ସନ୍ନିକଟ ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ଆୟୋଜିତ ଜାତୀୟସ୍ତରୀୟ ରୋଭର ରେଞ୍ଜର ମିନି ଜାମ୍ବୋରୀ ତା୬.୧୨.୨୦୧୯ରିଖ ଦିନ ଉଦ୍‌ଯାପିତ ହୋଇଯାଇଅଛି। ପ୍ରାତଃକାଳରେ ରୋଭର ଓ ରେଂଜରମାନେ ଶାରୀରିକ ସୁସ୍ଥତା ପାଇଁ ଯୋଗ ଏବଂ ପ୍ରାଣାୟମ, ଡ୍ରିଲ୍ ଓ ମାର୍ଚ୍ଚିଂ କରିବାରେ ନିଜକୁ ନିୟୋଜିତ କରିଥିଲେ। ପରେ ପରେ ଶିବିରର ଦୈନିକ କାର୍ଯ୍ୟସୂଚୀ ପରେ ସେମାନେ ଦଳଗତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଦଳରେ ବିଭକ୍ତ ହୋଇ ରୋଭରିଂ ଓ ରେଂଜରିର ବିକାଶ, ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ିମାନଙ୍କର ପ୍ରତିଭା ବିକାଶ, ସାମାଜିକ ସମସ୍ୟା ତଥା କୁସଂସ୍କାର ବିଷୟରେ ରୋଭର ଓ ରେଂଜରମାନଙ୍କ ଦାୟିତ୍ୱ ବିଷୟରେ ଆଲୋଚନା କରି ବ୍ୟକ୍ତିଗତ ମତ ଉପସ୍ଥାପନା କଲେ। ତା ପରେ ଯୁବମଞ୍ଚ ମାଧ୍ୟମରେ ପ୍ରତ୍ୟେକ କାର୍ଯ୍ୟଗୁଡ଼ିକ କିପରି ରୋଭର ଓ ରେଂଜରମାନଙ୍କର ତ୍ୱରାନ୍ୱିତ ସେ ବିଷୟରେ ମଧ୍ୟ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରିବା ପାଇଁ ସେମାନଙ୍କୁ ଅବଗତ କରାଯାଇଥିଲା। ମଧ୍ୟାହ୍ନ ଭୋଜନ ପରେ ପୁନଃଶ୍ଚ Sustainable Development Goal ବିଷୟରେ ରୋଭର ଓ ରେଂଜରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଧାରଣା ପ୍ରଦାନ କରାଯାଇଥିଲା। ରାଜ୍ୟ ସଭାପତି ଶ୍ରୀ ବିଷ୍ଣୁଚରଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଉତ୍ସବରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ର, ଜାତୀୟ ପରିଷଦର ନିର୍ଦ୍ଦେଶକ ଶ୍ରୀ ରାଜକୁମାର କୌଶିକ, ଅନ୍ତର୍ଜାତୀୟ କମିଶନର ଶ୍ରୀମତୀ ଆମେଲା ସ୍ୱେର୍ ଉପସ୍ଥିତ ଥିଲେ। ରାଜ୍ୟ ମୁଖ୍ୟ କମିଶନର ଶ୍ରୀ ମିଶ୍ର ଅତିଥି ମାନଙ୍କୁ ସ୍ୱାଗତ କରିବାକୁ ଯାଇ ବର୍ଷବ୍ୟାପୀ ସଂଗଠନର ଭିନ୍ନ ଭିନ୍ନ ବିକାଶମୂଳକ ସାମାଜିକ ସମସ୍ୟା ସମ୍ବନ୍ଧିତ ସଚେତନତା ଏବଂ ସେବାମୂଳକ କାର୍ଯ୍ୟ ସହିତ ମହାତ୍ମାଗାନ୍ଧିଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଜାତୀୟ ପରିଷଦ ନିର୍ଦ୍ଦେଶକ ରାଜକୁମାର କୌଶିକ ରେଞ୍ଜର ବିଭାଗର ୧୦୦ ବର୍ଷ ପୂରଣ ଅବସରରେ ରୋଭର ରେଞ୍ଜରମାନଙ୍କୁ ନୂତନ ଦିଗଦର୍ଶନ ଦେବାର ପ୍ରୟାସ ପାଇଁ ରାଜ୍ୟ ସଂଗଠନର ଏହି ମିନି ଜାମ୍ବୋରୀ ଆୟୋଜନରେ ନିଜର ସନ୍ତୋଷ ବ୍ୟକ୍ତ କରିବା ସହିତ ଏହାର ସଫଳତା କାମନା କରିଥିଲେ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଓଡିଶା ସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରି ଅନ୍ତର୍ଜାତୀୟ ସ୍ତରରେ ନିଜର ସମ୍ମାନ ବଜାୟ ରଖିଥିବାରୁ ସେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଜାତୀୟ ଉପନିର୍ଦ୍ଦେଶିକା ଶ୍ରୀମତୀ ସୁରେଖା ଶ୍ରୀବାସ୍ତବ ଶିବିରର ବିବରଣୀ ପାଠ କରିଥିବା ବେଳେ ଉପନିର୍ଦ୍ଦେଶକ ଅମର ବି ଛେତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟ ସଂଗଠନର କର୍ମକର୍ତ୍ତାଙ୍କ ସହାୟତାରେ ରାଜ୍ୟ ଗାଇଡ୍ ସଂଗଠନ କମିଶନର ଶ୍ରୀମତୀ ଅନାମିକା ଦାସ ଉକ୍ତ ଉତ୍ସବକୁ ପରିଚାଳନା କରିଥିଲେ। ଜାମ୍ବୋରୀରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ରାଜ୍ୟ ତଥା ରୋଭର ରେଞ୍ଜରମାନଙ୍କୁ ପୁରସ୍କୃତ କରାଯିବା ପରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଦେଶର ପ୍ରଥମ ଶହୀଦ୍ ଜୟୀ ରାଜଗୁରୁଙ୍କ ୨୧୩ତମ ବଳିଦାନ ଦିବସ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଏଜି ଛକସ୍ଥିତ ଭାରତ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ୍ ମହାନ ବିପ୍ଳବୀ ଜୟୀରାଜଗୁରୁଙ୍କ ୨୧୩ତମ ବଳିଦାନ ଦିବସ ସ୍ଥାନୀୟ ତାଙ୍କ ପ୍ରତିମୂର୍ତିଠାରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ତାଙ୍କର ଅମର ବୀରତ୍ୱ ଗାଥା ସମ୍ବନ୍ଧରେ ଅଭିଯାନର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଓ ସୀତାବଲ୍ଲଭ ମହାପାତ୍ର, ଶ୍ରେୟାସ୍ମିତା ପଣ୍ଡା ମତବ୍ୟକ୍ତ କରି କହିଲେ ଯେ, ବ୍ରିଟିଶରାଜ ବିରୋଧରେ ଜୟୀରାଜଗୁରୁଙ୍କ ସଂଗ୍ରାମ ଅଦ୍ୱିତୀୟ ଥିଲା। ସେ ଏକାଧାରରେ ଜଣେ ସଂଗ୍ରାମୀ, ସଂଗଠକ, ମେଧାବୀ, ଶାସ୍ତ୍ର ବିଶାରଦ ପ୍ରମୁଖ ବ୍ୟକ୍ତିତ୍ୱର ପ୍ରତୀକ ଥିଲେ। ତାଙ୍କ ପ୍ରତିମୂର୍ତିରେ ଆବିର୍ଭାବ ଓ ତିରୋଧାନ ତଥା ତାଙ୍କ କୀର୍ତି ଓ କୃତି ସମ୍ବନ୍ଧରେ ଉଲ୍ଲେଖ ନଥିବା କଥା ଦର୍ଶାଇଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଏଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି ଅଭିଯାନ ପକ୍ଷରୁ ମତବ୍ୟକ୍ତ କରାଯିବା ସହିତ କ୍ଷୋଭ ପ୍ରକାଶ ମଧ୍ୟ କରାଯାଇଥିଲା। ରାଜଗୁରୁ ପାଇକମାନଙ୍କୁ ଏକତ୍ର କରି ଓଡ଼ିଶାର ସ୍ୱାଧୀନତା ପାଇଁ ଲଢ଼ି ପ୍ରାଣବଳୀ ଦେଇଥିଲେ। ଓଡ଼ିଶାରେ ପାଇକ ବିଦ୍ରୋହର ମହାନାୟକମାନଙ୍କୁ ଏକତ୍ରିତ କରି ଇଂରେଜ ଶାସନ ବିରୋଧରେ ସ୍ୱର ଉତୋଳନ କରିଥିଲେ। ସେ ଆଜିର ଯୁବପୀଢ଼ି ଓ ସମଗ୍ର ଦେଶବାସୀଙ୍କ ପାଇଁ ଆଦର୍ଶର ପ୍ରତୀକ ବୋଲି ବକ୍ତାମାନେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନାରାୟଣ ଚନ୍ଦ୍ର ଓଝା, ଗୀତାରାଣୀ ବେହେରା, ସୀତାଂଶୁ ଶେଖର ମହାରଣା, ମନଜିତ୍ କୌର, ରିତୁରାଣୀ ସାସ୍ମଲ, ବାପି ରାଉତ, ସଂଧ୍ୟାରାଣୀ ବିଷୋୟୀ, ବ୍ରଜବନ୍ଧୁ ପରିଡ଼ା, ସମିତା ମହାରଣା, ବି. ମୂରଲୀଧର, ନିରଂଜନ ସାହୁ, ତନ୍ମୟ ସାମନ୍ତରାୟ, ଲକ୍ଷ୍ମଣ ଦାସ, ଶିବ ଶଙ୍କର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

ରିଲାଏନ୍ସ ଜିଓ ପକ୍ଷରୁ ଜିଓ-ଫୋନ୍ ଗ୍ରାହକଙ୍କ ପାଇଁ "ଅଲ୍-ଇନ୍-ଓ୍ୱାନ" ପ୍ଲାନ ଘୋଷଣା

ନୂଆଦିଲ୍ଲୀ : ରିଲାଏନ୍ସ ଜିଓ ଏହାର ଜିଓ ଫୋନ୍ ଗ୍ରାହକମାନଙ୍କ ପାଇଁ ଆଜି "ଅଲ୍-ଇନ୍-ଓ୍ୱାନ" ପ୍ଲାନ ଘୋଷଣା କରିଛି। ପୂବରୁ ଜିଓ ପକ୍ଷରୁ ଏହାର ସ୍ମାର୍ଟଫୋନ୍ ଉପଭୋକ୍ତାଙ୍କ ପାଇଁ କିଛିଦିନ ତଳେ ଏହି "ଅଲ୍-ଇନ୍-ଓ୍ୱାନ" ପ୍ଲାନ ଘୋଷଣା କରାଯାଇଥିଲା। ଏହି "ଅଲ୍-ଇନ୍-ଓ୍ୱାନ" ପ୍ଲାନରେ ରିଲାଏନ୍ସ ଜିଓ ଡାଟା ସହିତ ଜିଓ ଟୁ ଜିଓ ଏବଂ ଅନ୍ୟ ନେଟଓ୍ୱର୍କକୁ କଲିଂ ବ୍ୟବସ୍ଥା ମଧ୍ୟ ସାମିଲ କରିଛି।

ଜିଓ ଫୋନ୍‌ର ଏହି ନୂତନ ପ୍ଲାନ ଉପଭୋକ୍ତାମାନଙ୍କ ପାଇଁ ସରଳ ହେବା ସହିତ ଏହାକୁ ବୁଝିବା ପାଇଁ ମଧ୍ୟ ସହଜ ହେବ। ଜିଓ ନେଟଓ୍ୱର୍କରେ ଅସୀମିତ ଭଏସ କଲିଂ ଏବଂ ଡାଟା ବ୍ୟବହାର ପାଇଁ ରିଲାଏନ୍ସ ଜିଓ ପକ୍ଷରୁ ଏକ ୭୫ଟଙ୍କାର ପ୍ଲାନ ଜାରି କରାଯାଇଛି , ଯାହା ଏ କ୍ଷେତ୍ରରେ ଏହା ଦେଶର ସବୁଠାରୁ ଲାଭପ୍ରଦ ଯୋଜନା ବୋଲି ଦାବି କରାଯାଇଛି। ମାସିକ ୭୫ଟଙ୍କାର ଏହି ପ୍ଲାନରେ ୫୦୦ମିନିଟ୍‌ର ଅନ୍ୟ ନେଟଓ୍ୱର୍କ କଲିଂ ସହିତ ୩ଜିବି ଡାଟା ଉପଲବ୍ଧ ହେବ ଏବଂ ପୂର୍ବଭଳି ଜିଓରୁ ଜିଓକୁ ମାଗଣା ଅସୀମିତ କଲ୍ ବ୍ୟବସ୍ଥା ରହିବ।

ଏହା ବ୍ୟତୀତ ଜିଓ ଫୋନ୍ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଆଉ ତିନୋଟି "ଅଲ୍-ଇନ୍-ଓ୍ୱାନ" ପ୍ଲାନ ଘୋଷଣା କରାଯାଇଛି , ଯାହାର ମୂଲ୍ୟ ୧୨୫ଟଙ୍କା, ୧୫୫ଟଙ୍କା ଏବଂ ୧୮୫ଟଙ୍କା ରହିଛି। ସମସ୍ତ ପ୍ଲାନରେ ଜିଓରୁ ଜିଓ ଅସୀମିତ ମାଗଣା କଲିଂ ସୁବିଧା ରହିବା ସହ ୫୦୦ ମିନିଟ୍‌ର ଅନ୍ୟ ନେଟଓ୍ୱର୍କକୁ କଲିଂ ସୁବିଧା ରହିଛି। ଏହି ସମସ୍ତ ପ୍ଲାନର ଅବଧି ଏକମାସ (୨୮ଦିନ) ରହିଛି। ଏହି ପ୍ଲାନଗୁଡ଼ିକର ଆଉ ଏକ ବଡ଼ ଦିଗ ହେଲା, ମାତ୍ର ୩୦ଟଙ୍କା ଅତିରିକ୍ତ ଦେୟ ଭରଣା କରି ଗ୍ରାହକମାନେ ସେମାନଙ୍କ ଡାଟାକୁ ଦୁଇଗୁଣିତ କରିପାରିବେ। ୧୨୫ଟଙ୍କା ପ୍ଲାନରେ ୧୪ଜିବି ଡାଟା ମିଳୁଥିବା ବେଳେ ୧୫୫ ଟଙ୍କା ପ୍ଲାନ୍‌ରେ ୨୮ ଜିବି ଡାଟା, ୧୮୫ ଟଙ୍କାରେ ୫୬ ଜିବି ଡାଟା ଉପଲବ୍ଧ ହେଉଛି। କିନ୍ତୁ ଯଦି ଜଣେ ଗ୍ରାହକ ଏହି ପ୍ଲାନ ସହ ଆଉ ୩୦ଟଙ୍କା ପୈଠ କରି ୧୫୫ଟଙ୍କାର ପ୍ଲାନ କ୍ରୟ କରନ୍ତି, ତାଙ୍କର ଡାଟା ୨୮ଜିବି ହୋଇଯିବ। ସେହିପରି ୧୫୫ଟଙ୍କାର ପ୍ଲାନରେ ଅତିରିକ୍ତ ୩୦ଟଙ୍କା ଯୋଡ଼ିଲେ ୧୮୫ଟଙ୍କା ପ୍ଲାନ ଉପଲବ୍ଧ ହେବା ସହ ଗ୍ରାହକଙ୍କ ଡାଟା ସୀମା ଦୁଇଗୁଣିତ ହୋଇ ୫୬ଜିବି ହେବ।

ରିଲାଏନ୍ସ ଜିଓକୁ ବାଦ୍ ଦେଇ ଅନ୍ୟ କମ୍ପାନୀମାନେ ନିଜ ନେଟଓ୍ୱର୍କ ମଧ୍ୟରେ କଲ୍ ପାଇଁ ସେମାନଙ୍କ ଟୁ-ଜି ଗ୍ରାହକମାନଙ୍କଠାରୁ ଦେୟ ନେଉଛନ୍ତି। ସେହିପରି ଅନ୍ୟ କମ୍ପାନୀ ନେଟଓ୍ୱର୍କରେ କଲ ପାଇଁ ମଧ୍ୟ ଗ୍ରାହକଙ୍କୁ ଦେୟ ଭରଣା କରିବାକୁ ପଡୁଛି। କିନ୍ତୁ ଜିଓରୁ ଜିଓକୁ କଲ୍ ପାଇଁ ରିଲାଏନ୍ସ ଜିଓ ସମ୍ପୂର୍ଣ୍ଣ ଦେୟମୁକ୍ତ ରଖିଛି। ଏଥିପାଇଁ ଗ୍ରାହକଙ୍କୁ କୌଣସି ଦେୟ ଦେବାକୁ ପଡୁନାହିଁ। ଜିଓ ଫୋନ୍ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏହି ସମସ୍ତ "ଅଲ୍-ଇନ୍-ଓ୍ୱାନ" ପ୍ଲାନରେ ପ୍ରତିଦ୍ୱନ୍ଦୀ କମ୍ପାନୀମାନଙ୍କ ତୁଳନାରେ ୨୫ଗୁଣ ଅଧିକ ଡାଟା ଉପଲବ୍ଧ କରାଯାଉଛି ବୋଲି ଜିଓ ପକ୍ଷରୁ କୁହାଯାଇଛି। ଜିଓ ଫୋନ୍ ପାଇଁ ପୂର୍ବରୁ ରହିଥିବା ସମସ୍ତ ପ୍ଲାନ୍ ଯଥାବତ୍ ଜାରି ରହିବ କମ୍ପାନୀ ପକ୍ଷରୁ କୁହାଯାଇଛି।

ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ଚଣ୍ଡିଖୋଲର ତ୍ରୟୋଦଶୋତମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ

ଚଣ୍ଡିଖୋଲ, ୦୮/୧୨ (ପିଏନ)- ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଅପାର କରୁଣାରୁ ଆଜିଚଣ୍ଡିଖୋଲ ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀର ତ୍ରୟୋଦଶ ତମ ବାର୍ଷିକ ଉତ୍ସବ ନିଶିମଳା ସ୍ଥିତ ସାଇ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଇତ୍ୟବସରରେ ବାବାଙ୍କ ଫଟୋଚିତ୍ରକୁ ସୁଶୋଭିତ ରଥରେ ରଖି ଚଣ୍ଡିଖୋଲ ନଗର ପରିକ୍ରମା କରାଯାଇଥିଲା। ସାଇମନ୍ଦିର ଠାରେ ଭଜନ, ଦେଶାତ୍ମକ ବୋଧ ସଙ୍ଗିତ ଓ ଗୀତା ପଠନ, ଆଧ୍ୟାତ୍ମିକ ସଭା ସହିତ ଦରିଦ୍ର ନାରାୟଣ ସେବା ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ରାଜ୍ୟ ସତ୍ୟ ସାଇ ସେବା ସଙ୍ଗଠନର ସଭାପତି ନାରାୟଣ ପ୍ରସାଦ ସର, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଉପଦେଷ୍ଟା ଜନ୍ମେଜୟ ଲେଙ୍କା, ରାଜ୍ୟ ଆଧ୍ୟାତ୍ମିକ ସଂଯୋଜକ ରମାବଲ୍ଲଭ ମହାପାତ୍ର, ରାଜ୍ୟ ଟ୍ରଷ୍ଟି ସଭ୍ୟ ରଶ୍ମିରଂଜନ ରାୟ, ଯାଜପୁର ଜିଲା ସତ୍ୟ ସାଇ ସେବା ସଂଗଠନର ପ୍ରାକ୍ତନ ସଭାପତି ଧିରେନ୍ଦ୍ର କୁମାର ସାହୁ, ବିଜେପି ନେତ୍ରୀ ସୀମନ୍ତିନୀ ଜେନା, ନାରୀ ନେତ୍ରୀ ମନୋରମା ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ସତ୍ୟସାଇ ସେବା ସମିତି ଜାରକା, ନୀଳକଣ୍ଠପୁର, କୁଆଖିଆ, ବରଜୁପୁର, ଦର୍ପଣ, ସାଥୁଆପାଟଣା ସତ୍ୟସାଇ ଭଜନ ମଣ୍ଡଳୀର କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ। ଶ୍ରୀ ସତ୍ୟ ସାଇଙ୍କ ସେବା ଓ ଭଲପାଇବା ଗୁଣ ସତ୍ୟସାଇଙ୍କୁ ମହାମନିଷୀ କରିଛି। କାମ, କ୍ରୋଧ, ମୋହ ଓ ହିଂସା କୁ ତ୍ୟାଗ କରି ସତ୍ୟଧର୍ମ, ଦୟା, କ୍ଷମା ପ୍ରେମ କୁ ଗ୍ରହଣ କରିପାରିଲେ ସମସ୍ତେ ଜଣେ ଭଲ ମଣିଷ ହୋଇ ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିପାରିବେ। ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ମାଙ୍କ କଥା ରଖି କୁଟପତିରେ ଶିକ୍ଷା ଓ ସ୍ୱାସ୍ଥ୍ୟ ହସ୍ପିଟାଲ, ବାଙ୍ଗାଲୋର ଠାରେ ସୁପର ହସ୍ପିଟାଲ, ରାଜକୋଟ ଠାରେ ହୃଦରୋଗ ବିଭାଗର ହସ୍ପିଟାଲ ସହିତ ଛତିଶଗଡ଼ର ରାୟପୁର ଠାରେ ଏକ ପେଡିଆଟ୍ରିକ ହସ୍ପିଟାଲ ଖୋଲି ସାଧାରଣ ରୋଗୀଙ୍କ ସେବାରେ ଲଗାଇଛନ୍ତି। ପୂର୍ଣ୍ଣ ବିଶ୍ୱାସରେ ଭଗବତ ପ୍ରାପ୍ତି ହୁଏ। ମନୁଷ୍ୟର ଦେହ, ଇନ୍ଦ୍ରୀୟ, ମନ, ବୁଦ୍ଧି ହେଉଛି ଭଗବାନଙ୍କର ଉପହାର। ଭଗବାନଙ୍କୁ ସର୍ବସ୍ୱ ସମର୍ପଣ କରାଯିବା ବେଳେ ତୁମପାଖରେ କିଛି ଖରାପ ପ୍ରବୃତ୍ତି ରହିବ ନାହିଁ। ସବୁ ସମୟରେ ଭଗବାନ ଶ୍ରୀ ସତ୍ୟ ସାଇଙ୍କ ନାମକୁ ଉଚ୍ଚାରଣ କରିପାରିଲେ ତୁମେ ତାଙ୍କୁ ମନ ମଧ୍ୟରେ ପାଇପାରିବ ବୋଲି ମୁଖ୍ୟ ଅତିଥି ଶ୍ରୀ ସର ତାଙ୍କ ବକ୍ତବ୍ୟରେ ଶ୍ରୋତା ମାନଙ୍କୁ ଶୁଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଜନ ମଣ୍ଡଳୀର ଆବାହକ ଦୁଷ୍ମନ୍ତ ଖିଲାର, ସାଈ ଆଶ୍ରିତା ପ୍ରମୋଦିନୀ ସାମଲ, ଉଦୟନାଥ ସାହୁ, ବନମାଳି ସେନାପତି, ଶିବରାମ ସାହୁ, ପ୍ରଦୀପ୍ତ କୁମାର ଜେନା, ଆକାଶ କୁମାର ସାହୁ, ବିରକିଶୋର ଖଣ୍ଡାଇ, ପ୍ରଦୀପ୍ତ କୁମାର ଜେନା, ସଂଜୟ କୁମାର ସାହୁ, ପରିକ୍ଷୀତ ଜେନା, ପୁରସ୍ତମ ବଳ, ପ୍ରଶାନ୍ତ ମଲିକ ସମେତ ବହୁ ସଂଖ୍ୟାରେ ସାଇ ଆଶ୍ରୀତ ମାନେ ଯୋଗ ଦେଇଉତ୍ସବକୁ ମୁଖରିତ କରିଥିଲେ।

ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ ପାଇଁ ଟାଟା ଷ୍ଟିଲ୍ "ଜାତୀୟ ସିଏସ୍ଆର୍ ପୁରସ୍କାର'ରେ ସମ୍ମାନିତ

ଭୁବନେଶ୍ୱର,(ପିଏନ): ନୂଆଦିଲ୍ଲୀ ଠାରେ ଆୟୋଜିତ ଜାତୀୟ ସିଏସ୍ଆର୍ ପୁରସ୍କାର ବିତରଣ ସମାରୋହ (ନ୍ୟାସନାଲ୍ ସିଏସ୍ଆରଆଓ୍ୱାର୍ଡସ୍)ରେ ଟାଟା ଷ୍ଟିଲ୍‌ର ପ୍ରମୁଖ ସ୍ୱାସ୍ଥ୍ୟ ଅଭିଯାନ "ମାଟରନାଲ୍ ଆଣ୍ଡ୍ ନିଉବର୍ଣ୍ଣ ସର୍ଭାଇଭାଲ୍ ଇନିସିଏଟିଭ୍' (ମାନ୍‌ସି)କୁ ସ୍ୱତନ୍ତ୍ର ସମ୍ମାନ "ଅନରେବଲ୍ ମେନ୍‌ସନ୍'ରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀଯୁକ୍ତ ରାମନାଥ କୋବିନ୍ଦ ଓ ଅର୍ଥ ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଉପସ୍ଥିତ ଥିଲେ। ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ଅନୁରାଗ ସିଂହ ଠାକୁରଙ୍କ ଠାରୁ ଏହି ପୁରସ୍କାରକୁ ଟାଟା ଷ୍ଟିଲ୍‌ର ସିଇଓ ଓ ଏମ୍‌ଡି ଶ୍ରୀଯୁକ୍ତ ଟି ଭି ନରେନ୍ଦ୍ରନ ଗ୍ରହଣ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ୍‌ର କର୍ପୋରେଟ୍ ସେବା ବିଭାଗର ଉପସଭାପତି ଶ୍ରଯୁକ୍ତ ଚାଣକ୍ୟ ଚୌଧୁରୀ ଏବଂ ଶ୍ରୀଯୁକ୍ତ ସୌରଭ ରଏ, ମୁଖ୍ୟ, ସିଏସ୍ଆର୍, ଟାଟା ଷ୍ଟିଲ୍ ଉପସ୍ଥିତ ଥିଲେ। ଜାତୀୟ ସିଏସ୍ଆର୍ ପୁରସ୍କାର ୨୦୧୮ରେ ଟାଟା ଷ୍ଟିଲ୍‌କୁ ସିଏସ୍ଆର୍ କ୍ଷେତ୍ରରେ ଉତ୍କର୍ଷ ପାଇଁ କର୍ପୋରେଟ୍ ପୁରସ୍କାର ବର୍ଗରେ "ଅନରେବଲ ମେନସନ୍' ପୁରସ୍କାର ପାଇଁ ଚୟନ କରାଯାଇଥିଲା। ଉପ-ବର୍ଗ ହେଉଛି ସିଏସ୍ଆର୍ କ୍ଷେତ୍ରରେ ୧୦୦ କୋଟି ଟଙ୍କା ସହ ସମାନ କିମ୍ବା ତା'ଠାରୁ ଅଧିକ ବ୍ୟୟ ବର୍ଗରେ ଏହି ପୁରସ୍କାର ଦିଆଯାଇଛି। "ସମାଜର କଲ୍ୟାଣ ପାଇଁ ଟାଟା ଷ୍ଟିଲ୍‌ର ଉଦ୍ୟମକୁ ମାନସି ପ୍ରତିଫଳିତ କରୁଛି। ଏହି କାର୍ଯ୍ୟକ୍ରମ ଦୀର୍ଘ ଦଶନ୍ଧୀ ଧରି କାର୍ଯ୍ୟକାରୀ ହେବା ପରଠାରୁ ଏହା ସହଯୋଗିତା, କ୍ରସ-ଟିମ୍ ଲର୍ଣ୍ଣିଂ, ସମାଜର ମହିଳାଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଉଦାହରଣ ଭାବେ ଉଭା ହେବା ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଆମ ଉପରେ ସମାଜ ପ୍ରଦର୍ଶନ କରିଥିବା ଭରସା ବୋଲି ଶ୍ରୀଯୁକ୍ତ ଟି ଭି ନରେନ୍ଦ୍ରନ, ଏମ୍‌ଡି ଓ ସିଇଓ, ଟାଟା ଷ୍ଟିଲ୍ କହିଛନ୍ତି।'' "ଆମର ମାନସି ଅଭିଯାନ ପାଇଁ ଭାରତ ସରକାରଙ୍କ ତରଫରୁ ସ୍ୱୀକୃତି ମିଳିଥିବାରୁ ଆମେ କୃତଜ୍ଞ। ଏହା ଆମକୁ ଅନୁପ୍ରାଣିତ କରୁଛିଏବଂ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଲାଗି ସମାଜ ସହ ମିଶି କାମ କରିବା ଆମର ଅଭିଳାଷକୁ ଇନ୍ଧନ ଯୋଗାଉଛି।'' ବୋଲି ସେ କହିଛନ୍ତି। ସାମଗ୍ରିକ ଅଭିବୃଦ୍ଧି ଓ ନିରନ୍ତର ବିକାଶ ହାସଲ କରିବା ଲାଗି କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କ୍ଷେତ୍ରରେ କର୍ପୋରେଟ୍ କାର୍ଯ୍ୟକ୍ରମଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବା ଲାଗି କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ଜାତୀୟ ସିଏସ୍ଆରପୁରସ୍କାରର ସ୍ଥାପନ କରାଯାଇଛି। ଚଳିତ ବର୍ଷ ଏହି ପୁରସ୍କାର ଲାଗି ୫୨୮ ଆବେଦନ ଆସିଥିଲା। ସେମାନଙ୍କ ମଧ୍ୟରୁ ୧୩୧ଟି କଂପାନିକୁ ଆବେଦନ କରିବାକୁ ଆମନ୍ତ୍ରିତ କରାଯାଇଥିଲା। ବିଚାରକ ମଣ୍ଡଳୀ ତରଫରୁ ସମସ୍ତ ଆବେଦନକୁ ଅନୁଧ୍ୟାନ କରାଯିବା ପରେ ୧୯ ବିଜେତା ଏବଂ ୧୯ ଅନରେବଲ୍ ମେନ୍‌ସନ୍ ଚୟନ କରାଯାଇଥିଲା।

ପୂର୍ବ ଶତ୍ରୁତାରୁ ଠିକାଦାରଙ୍କୁ ଆକ୍ରମଣ

ବାଲେଶ୍ୱର,(ପିଏନ): ଦୁର୍ବୃତ୍ତ ଙ୍କ ମରଣାନ୍ତକ ଆକ୍ରମଣରେ ଜଣେ ଠିକାଦାର ଗୁରୁତର ଆହତ ହୋଇଛନ୍ତି । ଚାନ୍ଦିପୁର ଥାନା ଅଞ୍ଚଳର ଅବଦୁଲ୍ ଅଜିତ୍ ଚୌହାନ୍ (୫୨)ଙ୍କୁ ଦୁର୍ବୃତ୍ତ ମାନେ ଆକ୍ରମଣ କରିବା ପରେ ଠିକାଦାରଙ୍କ ଦୁଇ ହାତରେ ଶକ୍ତ ଆଘାତ ଲାଗିଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ବାଲେଶ୍ୱରରେ ଘର ଭଡା ନେଇ ରହୁଥିବା ଅବଦୁଲ୍ ପ୍ରତିରକ୍ଷା ବିଭାଗରେ ଠିକାଦାରୀ କାମ କରନ୍ତି । ତାଙ୍କ ନିଜ ଘର ଚାନ୍ଦିପୁରକୁ ସେ ଫେରୁଥିଲା ବେଳେ ସନ୍ଧ୍ୟାରେ ଗଛମାଳିଆଠାରେ ୪ ଜଣ ଦୁର୍ବୃତ୍ତ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଅବଦୁଲ୍ ଚାନ୍ଦିପୁର ଥାନାରେ ଅଭିଯୋଗ କରିବା ପରେ ଥାନା କେସ୍ ନମ୍ବର ୫/୧୯ରେ ଏକ ମାମଲା ରୁଜୁ ହୋଇଛି ।

ରେମୁଣା ଥାନା ଅଧିକାରୀଙ୍କ ବଦଳି ପ୍ରତିବାଦରେ ଆନ୍ଦୋଳନ

ବାଲେଶ୍ୱର,(ପିଏନ): ରେମୁଣା ଥାନା ଅଧିକାରୀ ସୁଭ୍ରାଂଶୁ ଶେଖର ନାୟକଙ୍କ ବଦଳି ପ୍ରତିବାଦରେ ରେମୁଣା ବ୍ୟବସାୟ ସଂଘ, ମହୋତ୍ସବ କମିଟି, ଆଞ୍ଚଳିକ ଉନ୍ନୟନ ପରିଷଦ ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନପ୍ରତିନିଧିମାନେ ରେମୁଣା ମନ୍ଦିର ଛକଠାରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିକ୍ଷୋଭକାରୀମାନେ ସ୍ଲୋଗାନ୍ ମାଧ୍ୟମରେ କହିଥିଲେ ଯେ ସାହା ସ୍ୱାର୍ଥରେ ବାଧା ହେବାରୁ ଆଇଆଇସି ଶ୍ରୀ ନାୟକଙ୍କୁ ଅନ୍ୟତ୍ର ବଦଳି କରାଗଲା । ଶ୍ରୀ ନାୟକଙ୍କ ବଦଳିକୁ ଯଦି ବାତିଲ୍ କରାନଯାଏ ତେବେ ଆଗାମୀ ଦିନରେ ସଂଘବଦ୍ଧ ଭାବେ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ। ବିକ୍ଷୋଭ ବେଳେ ରେମୁଣା ବ୍ୟବସାୟ ସଂଘର ଉପସଭାପତି ଗୌରାଙ୍ଗ ଚନ୍ଦ୍ର ଦାସ, ରେମୁଣା ମହୋତ୍ସବ କମିଟିର ସଭାପତି ବିଶ୍ୱମ୍ବର ପଟ୍ଟନାୟକ, ରେମୁଣା ଆଞ୍ଚଳିକ ଉନ୍ନୟନ ପରିଷଦର ଆୟୁଷ୍ମାନ୍ ଖାଁ, ରେମୁଣା ବରିଷ୍ଠ ନାଗରିକ ମଞ୍ଚ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ରେମୁଣା ସାଂସ୍କୃତିକ ପରିଷଦ, ଦିଲ୍ଲୀପ ବେହେରା ଓ ବିଭିନ୍ନ ପଞ୍ଚାୟତରୁ ନିର୍ବଚିତ୍ ପ୍ରତିନିଧି, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଏଥିରେ ସାମିଲ ହୋଇଥିଲେ ।

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ

୬୦ତମ ପ୍ରତିଷ୍ଠା ଦିବସ

ବାଙ୍କୀ, (ପିଏନ)-ପ୍ରତ୍ୟେକ ବର୍ଷଭଳି ଚଳିତ ବର୍ଷ ଡିସେମ୍ବର ୮ତାରଖରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ହେଇ ଆସୁଥିବା ବେଳେ ଆଜି ଏକ ବର୍ଣ୍ଣାଢ୍ୟ ପରିବେଶରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୃଶ୍ୟଶ୍ରାବ ସଭା ଗୃହରେ ୬୦ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବାଙ୍କୀ କଲେଜର ଅଧକ୍ଷ ସଦାନନ୍ଦ ବାରିକ କଲେଜର ପ୍ରାଣ ପ୍ରତିଷ୍ଠାତା ଡ.ହରେକୃଷ୍ଣ ମହତାବ , ପୂର୍ବତନ ମନ୍ତ୍ରୀ ତଥା ଡାକ୍ତର ଯୋଗେଶ ଚନ୍ଦ୍ର ରାଉତ ଓ ବୀରାରାଣୀ ଶୁକଦେଈଙ୍କ କଲେଜ ପରିସରରେ ସ୍ଥାପିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟା ଅର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ପରେ ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନ.ସି.ସିର ବାଳକ ଏବଂ ବାଳକା ବିଭାଗର କ୍ୟାଡେଟ୍ ତଥା ଏନ୍.ସେସ୍‌ର ଛାତ୍ରଛାତ୍ରୀମାନେ ଅତିଥିମାନଙ୍କୁ ମଞ୍ଚଉପରକୁ ପାଛୋଟି ଆଣିଥିଲେ। ବାଙ୍କୀ କଲେଜର ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଙ୍କୀ କଲେଜର ଉପାଧ୍ୟକ୍ଷ ଡ.ଅରୁଣ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସ୍ୱାମୀ ଅସୀମା ନନ୍ଦ ସରସ୍ୱତୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିଜର ଭବିଷ୍ୟତ ଜୀବନରେ ଶୃଙ୍ଖଳିତ ହେବା ସହ ଛାତ୍ରଛାତୀମାନେ ନିଜର ପାଠ ପଢ଼ା ସମୟରେ ନିଜର ଗୁରୁ ପିତାମାତାଙ୍କୁ ସମ୍ମାନ କରିବା ସହ ନିଜର ଉଚ୍ଚ ଶିକ୍ଷାବଳରେ ଦେଶରେ ତଥା ଆନ୍ତର୍ଜାତିକ ସ୍ତରରେ ନିଜର ନାମକୁ ପ୍ରତିପାଦିତ କରିବା ପାଇଁ ପରାମର୍ଶ ଦେଇଥିଲେ ତତ୍ ସହିତତ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ସମୟରେ ଧାର୍ମୀକ ଚେତନା , ଇଶ୍ୱରଙ୍କ ସରଣ ନେବାପାଇଁ ବୁଝାଇଥିଲେ। ସମ୍ମାନୀତ ଅତିଥିଭାବେ ବାଙ୍କୀର ଯୁବ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ଆଜିର ଏହି ୬୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବାଙ୍କୀ କଲେଜରୁ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରେ ବହୁ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହେବା ସହ ତଥା ବାଙ୍କୀ ମାଟିର ଏହି କଲେଜରୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ବାଙ୍କୀ କଲେଜର ନାମକୁ ବଜାଇ ରଖିଛନ୍ତି। ସେ ଏଭଳି କାର୍ଯ୍ୟକ୍ରମକୁ ବାଙ୍କୀ କଲେଜର ସମସ୍ତ ଛାତ୍ରଛାତ୍ରୀ , ଅଧାପକ , ଅଧାପିକାମାନଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅନ୍ୟତମ ସମ୍ମାନୀତ ଅତିଥି ରୂପେ ବାଙ୍କୀର ମହିୟଷୀ ମହିଳା କୋକିଳ କଣ୍ଠି ଶ୍ୟାମାମଣୀ ଦେବୀଙ୍କୁ ମୁଖ୍ୟ ଅତିଥି , ସ୍ୱାମୀ ଅସୀମାନନ୍ଦ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପରିଚାଳନା କମିଟିର ସଭାପତି ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ବାଙ୍କୀ କଲେଜ ଏକ ସର୍ବପୁରାତନ କଲେଜ ଏହି କଲେଜରେ ଅଧୟନ ରତ ଛାତ୍ର

ଛାତ୍ରୀମାନେ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଓ ପାରିଦର୍ଶିତ ଲଭା କରିଛନ୍ତି। ଛାତ୍ରଛାତ୍ରୀମାନେ ଆଜିର ଦିନରେ ଭବିଷ୍ୟତରେ ଏକ ଉତ୍ତମ ନାଗରିକ ଭାବେ ପ୍ରତିଷ୍ଠିତ ହେବା ସହ ନିଜ ଅଂଚଳର ତଥା ନିଜ କଲେଜର ନାମକୁ ସଦସର୍ବଦା ଉଚ୍ଚ ସ୍ଥାନରେ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ କଲେଜର ପ୍ରଶାସନିକ ଅଧିକାରୀ ସମୀର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ସମ୍ବଲପୁରୀ ନୃତ୍ୟ ଓ ଓଡିଶୀ ନୃତ୍ୟ ପରିବେଶଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଙ୍କୀ କଲେଜର ପରିଚାଳନା କମିଟିର ସଦସ୍ୟ ସମରେନ୍ଦ୍ର ମହାପାତ୍ର, ସୌମେନ୍ଦ୍ର ମିଶ୍ର, ସନାତନ ବେହେରା, ସନ୍ତୋଷ ରଣା, ସୁବାସ ପାଢୀ, ବାଙ୍କୀ ରାଣୀ ଶୁକଦେଈ ମହାବିଦ୍ୟାଳୟର ଅଧକ୍ଷ ଶ୍ୟାମ ସୁନ୍ଦର ରାଉତ, ବ୍ରଜ କିଶୋର ମହାପାତ୍ର, ପ୍ରସନ୍ନ ମହାପାତ୍ର, ବିରଞ୍ଚି ଦାଶଙ୍କ ସମେତ କଲେଜର ସମସ୍ତ ଅଧାପକ, ଅଧାପିକା , ସମସ୍ତ କର୍ମଚାରୀ ତଥା ଛାତ୍ରଛାତ୍ରୀମାନେ ଏଥିରେ ଯୋଗଦେଇଥିଲେ।

ପହରିଆଙ୍କୁ ଆଦିବାସୀ ମାନ୍ୟତା ଦାବି

ନୂଆପଡ଼ା,(ପିଏନ)- ପହରିଆ ବା କମାର୍ ଏକ ଜନଜାତି । ଛତିଶଗଡ଼ ତଥା ମଧ୍ୟ ପ୍ରଦେଶରେ କମାର ମାନଙ୍କୁ ଆଦିମ ଜନଜାତି ମର୍ଯ୍ୟାଦା ମିଳିଥିବା ସ୍ଥଳେ, ଓଡ଼ିଶାରେ ସେମାନଙ୍କୁ ଆଦିବାସୀ ମାନ୍ୟତା ମିଳି ପାରି ନାହିଁ। ଏଥିଲାଗି ଓଡ଼ିଶାର କମାର ମାନେ ଗତ ୨ ଦଶନ୍ଧି ଧରି ସଂଗ୍ରାମ ଜାରି ରଖିଛନ୍ତି । କେତେ ବେଳେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ତ ହୋଇଛନ୍ତି ତ ଆଉ କେତେ ବେଳେ ରାଜ୍ୟ ସରକାର ସହ କେନ୍ଦ୍ରକୁ ବିଭିନ୍ନ ସମୟରେ ପତ୍ର ଲେଖି ଦାବୀ କରିଛନ୍ତି, ହେଲେ ଆଦିବାସୀ ମାନ୍ୟତା ମିଳିବା ସେମାନଙ୍କ ପାଇଁ ସତେ ଯେମିତି ସ୍ୱପ୍ନ ହୋଇଯାଇଛି। ପହରିଆ ଜନଜାତି ଆମ ରାଜ୍ୟର ନୂଆପଡ଼ା, ବଲାଙ୍ଗିର, ବରଗଡ, କଳାହାଣ୍ଡି ଓ ନବରଙ୍ଗପୁର ପ୍ରଭୃତି ଜିଲ୍ଲାରେ ବସବାସ କରୁଥିବା ବେଳେ ଏମାନଙ୍କ ଜନସଂଖ୍ୟା ୭ ହଜାର ଭିତରେ ରହିଛି । ଏମାନଙ୍କ ସର୍ବାଧିକ ୬୦ ପ୍ରତିଶତ ନୂଆପଡ଼ା ଜିଲ୍ଲାରେ ବାସ କରନ୍ତି । ନୂଆପଡ଼ା ଜିଲ୍ଲାର ଛତିଶଗଡ଼ ସୀମାକୁ ଲାଗି ରହିଥିବା ସିନାପାଲି ଓ କୋମନା ବ୍ଲକ୍‌ର ପାର୍ବତ୍ୟ ମାଳଭୂମି ଅଂଚଳରେ ଅଧିକାଂଶ କମାର ଜନଜାତିଙ୍କ ବସତି ଦେଖିବାକୁ ମିଳେ। ଏମାନଙ୍କ ଚଳଣୀ ଓ ଘରକରଣା ବାଉଁଶକୁ ନେଇ କେନ୍ଦ୍ରିତ । ବାଉଁଶରେ ଘରକରଣା ଏବଂ କୃଷି ଉପଯୋଗୀ ଯାବତୀୟ ସାମଗ୍ରୀ ପ୍ରସ୍ତୁତି କାର୍ଯ୍ୟକୁ କୌଳିକ ତଥା ମୁଖ୍ୟ ଜିବୀକା ଭାବେ ଆଦରି ଥିବା ଅଧିକାଂଶ ପହରିଆ-କମାର ଦାରୀଦ୍ର୍ୟର ସୀମାରେଖା ତଳେ ବାସବାସ କରୁଛନ୍ତି । ବାଉଁଶ କାମରୁ ସପ୍ତାହକୁ ମିଳୁଥିବା କେବଳ ୨୦୦/ ୩୦୦ ଟଙ୍କା ହିଁ ଅଧିକାଂଶ ପହରିଆ ପରିବାରଙ୍କର ସର୍ବସ୍ୱ ଆୟ । ଏପରିସ୍ଥଳେ, ଆଦୀବାସୀ ମାନ୍ୟତାରୁ ବଂଚିତ ହେବା, ସରକାରଙ୍କର ବିଭିନ୍ନ ସୁବିଧା ସୁଯୋଗ ନ ପାଇବା ଦ୍ୱାରା ଏମାନଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତି ଦିନକୁ ଦିନ ଅତ୍ୟନ୍ତ ଖରାପ ହେବାରେ ଲାଗିଛି । ଇଂରେଜ ଶାସନ କାଳର ପ୍ରଶାସନିକ ବିବରଣୀରୁ କମାର ମାନଙ୍କ ବିଷୟରେ ଜାଣିବାକୁ ମିଳେ । ସେତେବେଳର ବ୍ରିଟିଶ ପ୍ରଶାସକ ତାଙ୍କର ବିବରଣୀରେ କମାର ସଂପ୍ରଦାୟର ଲୋକେ ଏକାନ୍ତରେ ରହିବା, ଜଙ୍ଗଲରେ ବସବାସ କରିବା ସହ ଜଙ୍ଗଲ ଜାତ ସାମଗ୍ରୀ ସଂଗ୍ରହ କରି ଜିବିକା ନିର୍ବାହ କରୁଥିବା ନେଇ ଉଲ୍ଲେଖି କରିଛନ୍ତି । ୧୯୦୧, ୧୯୧୧ ଓ ୧୯୧୬ ଜନଗଣନାରେ ପହରିଆ ମାନଙ୍କୁ ଆଦିବାସୀ ରୂପେ ଗଣନା କରାଯାଇଛି । ଫଳରେ ବ୍ରିଟିସ୍ ଶାସନ କାଳରେ ଏମାନଙ୍କୁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା । ଏହି ବ୍ୟବସ୍ଥା ମାଧ୍ୟମରେ ପହରିଆ ଗଉଁନ୍ତିଆ ମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମିଳିଥିବା ବିଭିନ୍ନ ନଥିପତ୍ରରୁ ଜଣାଯାଏ । ଖଡ଼ିଆଳ ବ୍ଲକ୍‌ର କେନ୍ଦୁପାଟି ଗ୍ରାମ, ବୋଡ଼େନ ବ୍ଲକ୍‌ର କାଠ୍‌ଫାର ଏବଂ କୋମନା ବ୍ଲକ୍‌ର ଅଡ଼ାର ଗ୍ରାମର ଗଉଁନ୍ତିଆମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମିଳିଥିଲା । ଫଳରେ ବିଭିନ୍ନ ଗ୍ରାମରେ ପହଁରିଆ ମାନେ ଗଉଁନ୍ତିଆ ଥିବା ପ୍ରମାଣ ମିଳେ । ତେବେ, ୧୯୩୬ ମସିହାରେ ଖଡ଼ିଆଳ ଜମିଦାରୀ ଓଡ଼ିଶାରେ ମିଶ୍ରଣ ହେଲା ଏବଂ ଏହି ଅଂଚଳରେ ବାସ କରୁଥିବା ପହରିଆ-କମାର ମାନେ ଓଡ଼ିଶାର ଅଧିବାସୀ ହୋଇ ନିଜର ଆଦିବାସୀ/ ଜନଜାତି ମାନ୍ୟତା ହରାଇଥିଲେ । ଏହା ସହ ପହରିଆ ଗଉଁନ୍ତିଆ ମାନେ ବ୍ରିଟିସଙ୍କ ଠାରୁ ମିଳିଥିବା ତାଙ୍କର ପଦବୀ ସୁରକ୍ଷା ବ୍ୟବସ୍ଥା ହରାଇଥିଲେ ଏବଂ ଧିରେ ଧିରେ ତାଙ୍କର ଜମି ଅଣ ଆଦିବାସୀ ମାନଙ୍କୁ ହସ୍ତାନ୍ତର ହୋଇଯାଇଥିଲା । ବର୍ତ୍ତମାନ ଓଡ଼ିଶାର ପହରିଆ ମାନଙ୍କ ମଧ୍ୟରେ ୯୦ ରୁ ଉର୍ଦ୍ଧ୍ୱ ଭାଗ ପରିବାର ଜମିହୀନ ଅଟନ୍ତି । ଓଡ଼ିଶାର ପହରିଆ ମାନଙ୍କୁ ସ୍ୱାଧିନ ଭାରତର ସମ୍ବିଧାନରେ ଜନଜାତି ତାଲିକାରେ ସ୍ଥାନ ଦିଆନଯିବା ପଛରେ କୌଣସି ଅଭିଶନ୍ଧି ଥାଇପାରେ। ତେବେ, ସେତେବେଳେ ଜନଗଣନା ଦାୟିତ୍ୱରେ ଥିବା କର୍ମଚାରୀ ମାନେ କମାର ବା ପହରିଆ ମାନଙ୍କ ବିଷୟରେ ଜାଣି ନଥିବାରୁ, କମାର ମାନଙ୍କୁ ଲୁହା କାମ କରୁଥିବା ଜାତି ଭାବେ ଅଭିହିତ କରି ଜନଜାତି ତାଲିକାରୁ ବାଦ୍ ଦେଇଥିବା ଅନୁମାନ କରାଯାଏ । ୧୯୮୩ ମସିହାରେ ଅଧ୍ୟାପକ ଡ.ଫଣିନ୍ଦମ ଦେଓ ତାଙ୍କର ଗବେଷଣା ମାଧ୍ୟମରେ ପହରିଆଙ୍କୁ ଆଦିବାସି ମାନ୍ୟତା ନେଇ କଥା ଉଠାଇଥିଲେ । ଅଶି ଦଶକରେ ବିଧାନସଭାରେ ମଧ୍ୟ ପହରିଆଙ୍କ ସମସ୍ୟାକୁ ନେଇ ପ୍ରଶ୍ନ ଉଠିଥିଲା । ତେବେ ସମସ୍ୟାର ସମାଧାନ ଲାଗି କୌଣସି ପଦକ୍ଷେପ ନିଆଯାଇନଥିଲା । ଗତ ୨୦୦୦ ମସିହା ବେଳକୁ ଘନଶ୍ୟାମ ପହରିଆ, ଲଛମନ ପହରିଆ, ଇନ୍ଦ୍ର ପହରିଆ ଏବଂ ସୁକଲ ସାଏ ପହରିଆ ପ୍ରମୁଖଙ୍କ ନେତୃତ୍ୱରେ ପହରିଆ-କମାର ବିକାଶ ମଂଚ ଗଠନ ହୋଇଥିଲା ଏବଂ ଆଦିବସୀ ମାନ୍ୟତା ଦାବି ଜୋର ଧରିଥିଲା । ଅର୍ନ୍ତଜାତୀୟ ସଂଗଠନ ୟୁ.ଏନ୍.ଡି.ପି. ତରଫରୁ ମଧ୍ୟ ଏହି ବିଷୟକୁ ନେଇ ଏକ ବିବରଣୀ ପ୍ରକାଶ ପାଇଥିଲା । ଡ.ଫଣିନ୍ଦମ ଦେଓ ୨୦୦୫ ମସିହାରେ ପହରିଆ ମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଏକ ସର୍ଭେ କରିଥିଲୋ। ଏହି ସବୁ ଗବେଷଣା, ସଂଦର୍ଭ ଓ ବିବରଣୀକୁ ନେଇ ପହରିଆ ମାନେ ଜନଜାତିର ମାନ୍ୟତା ଲାଗି ଓଡ଼ିଶା ତଥା ଭାରତ ସରକାରଙ୍କ ଦୃଷ୍ଟି ଅକର୍ଷଣ କରିଥିଲେ । ଓଡ଼ିଶା ସରକାରଙ୍କ ଅନୁସୂଚୀତ ଜାତି, ଜନକାତି ଗବେଷଣା ଏବଂ ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ପହରିଆଙ୍କ ଜାତିଗତ ସ୍ଥିତି ସମ୍ପନ୍ଧରେ ଅନୁଧ୍ୟାନ କରାଯିବା ପରେ ଗତ ୨୦୦୫ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଟି.ଏ.ସି. ବୈଠକରେ ପହରିଆ ମାନଙ୍କୁ ସମ୍ବିଧାନରେ ଜନଜାତି ଭାବେ ସ୍ଥାନ ଦେବାଲାଗି କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିଲା । ଏହାପରେ କ୍ରମାଗତ ଭାବେ ୨୦୦୬ ଏବଂ ୨୦୦୭ ମସିହାରେ ଟି.ଏ.ସି. ବୈଠକରେ ମଧ୍ୟ ଓଡ଼ିଶା ସରକାରଙ୍କ ତରଫରୁ କେନ୍ଦ୍ର ସରକାରଙ୍କୁ ଜନଜାତି ତାଲିକାରେ ସ୍ଥାନ ଦେବାଲାଗି ଅନୁରୋଧ କରାଯାଇଛି ।

ବାଙ୍କୀ ବିଜେଡିରେ ମିଶିଲେ ଶତାଧିକ କଂଗ୍ରେସ କର୍ମୀ

ବାଙ୍କୀ, (ପିଏନ)-ଆଜି ବାଙ୍କୀ ଏନ୍.ଏ.ସି ଅନ୍ତର୍ଗତ ଚକାପଦା ଗ୍ରାମର ୧ନମ୍ବର ଏବଂ ୨ନମ୍ବର ଓ୍ୱାର୍ଡର ପ୍ରାୟ ୮୦ଜଣରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀଙ୍କ ବିଜେଡିରେ ଯୋଗଦାନ । ଏହି ଉପଲକ୍ଷେ ଆୟୋଜିତ ଏକ ମିଶ୍ରଣ ପର୍ବରେ ବାଙ୍କୀ ଏନ୍.ଏ.ସିର ବିଜେଡି ନଗର ସଭାପତି ହରକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ବାଙ୍କୀର ଯୁବ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ଉପସ୍ଥିତିରେ ଚକାପଦା ଗ୍ରାମର ଅମୀୟ ବେହେରା, ଅଚ୍ୟୁତାନନ୍ଦ ସାହୁ, ଲକ୍ଷ୍ମୀଧର ପରିଡା, ମାୟାଧର ସାମଲ, ଚିତ୍ତରଞ୍ଜନ ସାହୁଙ୍କ ସମେତ ବହୁ କଂଗ୍ରେସ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ଦୃଢ଼ ନେତୃତ୍ୱ ଏବଂ ଯୁବ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ କାର୍ଯ୍ୟ ଶୈଳୀ ଓ ବିକାଶ ଧାରାକୁ ପାଥେୟ କରି ଏହି କଂଗେସ କର୍ମୀମାନେ ବିଜେଡିରେ ଯୋଗଦେଇଥିବା କହିଥିଲା। ଏହି କାର୍ଯ୍ୟକ୍ରମରେ ବାଙ୍କୀ ଯୁବ ବିଜେଡି ସଭାପତି ସନ୍ତୋଷ ରଣା, କଟକ ଜିଲ୍ଲା ସାଧାରଣ ସଂପାଦକ ସନାତନ ବେହେରା, କେନ୍ଦ୍ର ସମବାୟ ସଭାପତି ସୁବାସ ଚନ୍ଦ୍ର ପାଢୀ, ପୂର୍ବତନ କାଉନସିଲର ସୌମେନ୍ଦ୍ର ମିଶ୍ର, ଏନ୍.ଏ.ସି ଯୁବ ସଭାପତି ପଠାଣୀ ବେହେରା, ପୂର୍ବତନ ଉପାଧକ୍ଷ ଭାଗୀରଥି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ।

ଚଣ୍ଡିଖୋଲ ଛକ ଠାରୁ ହାଇଲେଭଲ କେନାଲକୁ ସଂଯୋଗ କରୁଥିବା ରାସ୍ତା ମରଣ ଯନ୍ତା ପାଲଟିଛି

ଚଣ୍ଡିଖୋଲ, ୨୯/୧୦((ପିଏନ)-ଚଣ୍ଡିଖୋଲ ଛକ ୧୬ ନଂ ଜାତୀୟ ରାଜପଥ ଠାରୁ ହାଇଲେଭଲ କେନାଲକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘ ଦିନ ଧରି ମରଣ ଯନ୍ତାରେ ପରିଣତ ହୋଇଛି। ଉକ୍ତ ରାସ୍ତା ଦେଇ ଦୈନିକ ବଡ଼ଚଣା ବ୍ଲକ, ଦର୍ପଣ ତହସିଲ, ବିବି କଲେଜ ଓ ଧାନ ମଣ୍ଡଳ ରେଲୱେ ଷ୍ଟେସନକୁ ଶତାଧିକ ଲୋକ ଯିବା ଆସିବା କରନ୍ତି ।ଦୈନିକ ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟି ବହୁ ଧନ ଜୀବନ କ୍ଷୟ କ୍ଷତି ହେଉଥିଲେ ମଧ୍ୟ ରାସ୍ତା ନିର୍ମାଣ ପ୍ରତି କାହାରି ନଜର ନାହିଁ। ଏଥି ପ୍ରତି ବାରମ୍ବାର ଉଚ୍ଚ କତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ଏଥି ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ଉକ୍ତ ରାସ୍ତାଟି ଦିନକୁ ଦିନ ଖାଲ ଖମାରେ ପରିଣତ ହେଉଛି। ନିମ୍ନମାନର କାର୍ଯ୍ୟ ଓ ରକ୍ଷଣା ବେକ୍ଷଣ ଅଭାବ ଯୋଗୁ ଉକ୍ତ ରାସ୍ତାଟି ନଷ୍ଟ ହେବାରେ ଲାଗିଛି ବୋଲି ପୂର୍ବତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି। ତରୁନ୍ତ ଏଥି ପ୍ରତି ଦୃଷ୍ୟି ଦେବାକୁ ବିଭାଗୀୟ ଉଚ୍ଚ କତ୍ତୃପକ୍ଷ ଙ୍କୁ ଶ୍ରୀ ନାୟକ ଅନୁରୋଦ କରିଛନ୍ତି।

ଖେଳ
ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Monday December 09 ଭୁବନେଶ୍ୱର ସୋମବାର, ଡିସେମ୍ବର ୦୯ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

ଅଗ୍ରଗାମୀ ତରଫରୁ କୃଷି, ଜଳବାୟୁ ପରିବର୍ତ୍ତନ, ପାରମ୍ପରିକ ଚାଷ ବନାମ ଆଧୁନିକ ଚାଷକୁ ନେଇ ଆଲୋଚନା ଚକ୍ର

Participatory Study of Farm Ecosystems
Dissemination Workshop
Venue :
Date

ଭୁବନେଶ୍ୱର, (ପିଏନ):କୃଷିକୁ ଯୁବ ସମାଜ ଆପଣାଉନାହାନ୍ତି । କୃଷିରେ ଆଧୁନିକ ଯନ୍ତ୍ରପାତିର ବହୁଳ ଭାବରେ ବ୍ୟବହାର ହେଉଛି। ବ୍ୟବସାୟିକ କୃଷି ହେଉ ଆଧୁନିକ ଯାନ୍ତ୍ରପାତିର ବ୍ୟବହାର ହେଉ, କିମ୍ବା ରାସାୟନିକ ସାରର ବହୁଳ ବ୍ୟବହାର ହେଉ, ଏହାଦ୍ୱାରା ମାଟି, ମନୁଷ୍ୟର ଶରୀର ଉପରେ ଅନେକ କୁପ୍ରଭାବ ପଡୁଛି। କୃଷକ ବ୍ୟବସାୟିକ ଚାଷକୁ ଆପଣାଉଛି ଏବଂ ବ୍ୟବସାୟିକ କୃଷିକୁ ନେଇ ରାସାୟନିକ ସାର, ହାଇବ୍ରିଡ଼ ବିହନ, ପୋକରୋଗର ରକ୍ଷା କରିବା ପାଇଁ ବିଭିନ୍ନ ରାସାୟନିକ ଔଷଧ ବ୍ୟବହାର, ନିଜର ଉତ୍ପାଦିତ ଫସଲର ବିକ୍ରିସମସ୍ୟା ଆଦି ଦ୍ୱାରା ଖର୍ଚ୍ଚବହୁଳ ହେବା ସହିତ ଅନେକ ସମସ୍ୟାର ସମ୍ମୁଖୀନ ହେଉଛି। ଭାରତର ଚାଷୀ, ଯିଏ କି ଦିନେ ବିହନ ସଂରକ୍ଷଣ ବର୍ଷ ବର୍ଷ ଧରି ରଖୁଥିଲା, ବର୍ତମାନ ବୀହନ ଉପରେ ତାହାର ଅଧିକାର ହରାଇଛି । ଏହିଭଳି ପରିପ୍ରେକ୍ଷୀରେ ଅଗ୍ରଗାମୀ ଆନୁକୂଲ୍ୟରେ କୃଷି ପରିବେଶକୁ ନେଇ ହୋଇଥିବା ଅଧ୍ୟୟନ ଓ ଏହାର ନିଷ୍କସର ଉପସ୍ଥାପନାକୁ ନେଇ ଏକ ଦୁଇଦିନିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଗ୍ରଗାମୀର ନିର୍ଦ୍ଦେଶକ ଶ୍ରୀ ଅଚ୍ୟୁତ ଦାସଙ୍କ ସଂଯୋଜନାରେ ଆୟୋଜିତ ଡିସେମ୍ବର ୬ ଓ ୭ ଦୁଇ ଦିନିଆ ଅଧିବେଶନର ବିଭିନ୍ନ ଅଧିବେଶନରେ ପାରମ୍ପରିକ କୃଷି ବନାମ ଆଧୁନିକ କୃଷି, କୃଷିରେ ରୋଗପୋକ ଏବଂ ଅନ୍ୟାନ୍ୟ ସମସ୍ୟା, ସରକାରୀ ଯୋଜନା ଏବଂ ଚାଷୀମାନଙ୍କ ପାଇଁ ବିବିଧ ସରକାରୀ ସହାୟତା, କୃଷି ଏବଂ ଜଳବାୟୁ ପରିବର୍ତ୍ତନ, ବିକଳ୍ପ ଫସଲ ଚାଷ ଏବଂ ଚାଷଜମି ସଦୁପଯୋଗ ଆଦି ଆଲୋଚିତ ହୋଇଯାଇଛି। ବିଭିନ୍ନ ଅଧିବେଶନରେ ଡ.ଅରବିନ୍ଦ ବେହେରା, ପୂର୍ବତନ ସଦସ୍ୟା, ବୋର୍ଡ଼ ଅଫ୍ ରେଭିନ୍ୟୁ, ବିଶିଷ୍ଟ ପରିବେଶବିତ୍ ପ୍ରଫେସର ରାଧାମୋହନ, ଡ. ସୌରଭ ଗର୍ଗ, ପୂର୍ବତନ ଓଡ଼ିଶା ଖାଦ୍ୟ କମିଶନର ଶ୍ରୀ ରଙ୍ଗଲାଲ ଜାମୁଡ଼ା, ବିହନ ବିଷାରଦ ଶ୍ରୀ ଏକାଦଶୀ ନନ୍ଦୀ, ସୋଆ ବିଶ୍ୱବିଦ୍ୟାଳୟର ଡ. ଶିଶୀରକାନ୍ତ ବେହେରା, କୃଷି ବିଜ୍ଞାନୀ ବିଦ୍ୟାଧର ମହାରାଣା, କୃଷି ବୈଜ୍ଞାନିକ ଡ. ନାରାୟଣ ସାହୁ, ବିଶିଷ୍ଟ ଜୈବିକ ଚାଷୀ ଶ୍ରୀ ନେତ୍ରାନନ୍ଦ ଲେଙ୍କା ପ୍ରମୁଖ ଯୋଗ ଦେଇ ବିଭିନ୍ନ ଅଧିବେଶନରେ ଭିନ୍ନ ଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଉକ୍ତ କର୍ମଶାଳାରେ ୯ଟି ଶିକ୍ଷା ଜିଲ୍ଲାର ଏବଂ କଟକ ଜିଲ୍ଲାର କୃଷକ, ମହିଳା କୃଷକ, ସାମାଜିକ କର୍ମୀ ୭୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଦ୍‌ଘାଟନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କୃଷିବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୌରଭ ଗର୍ଗ ସରକାରଙ୍କ ବିଭିନ୍ନ କୃଷି ସମ୍ବନ୍ଧୀୟ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହିତ ଏହି କର୍ମଶାଳାରେ ଯାହା ନିଷ୍କସ ଆସିବ, ତାହାକୁ ସରକାରଙ୍କ ନିକଟରେ ଉପସ୍ଥାପନା କଲେ ଏହାକୁ ସରକାର ବିଚାର କରିବେ ବୋଲି ମତ ଦେଇଥିଲେ । ଉଦ୍‌ଘାଟନ ଅଧିବେଶନରେ ପ୍ରଫେସର ରାଧାମୋହନ ଜୈବିକ ଚାଷ ସମ୍ପର୍କରେ ନିଜର ମନ୍ତବ୍ୟ ରଖିଥିଲେ। ଉଦ୍‌ଘାଟନୀ ପରବର୍ତୀ ଅଧିବେଶନରେ ଅଗ୍ରଗାମୀ ତରଫରୁ ୧୦ଜିଲ୍ଲାରେ ହୋଇଥିବା ଅଧ୍ୟୟନର ନିଷ୍କର୍ଷକୁ ଅଗ୍ରଗାମୀର ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ବିଦ୍ୟାଦାସ ଉପସ୍ଥାପନା କରିଥିଲେ । ଆଲୋଚନା ପ୍ରସଙ୍ଗରେ କୃଷି ଏବଂ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଆଦିବାସୀ ଅଂଚଳରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା କୃଷି କିପରି ପ୍ରଭାବିତ ହେଉଛି ଏବଂ ପରିବର୍ତୀତ ପରିସ୍ଥିତିରେ କୃଷିରେ କ'ଣ କ'ଣ ପରିବର୍ତ୍ତନ ହୋଇଛି, ଗ୍ରାମାଂଚଳରେ କ'ଣ କ'ଣ ପ୍ରଭାବ ପଡ଼ିଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଶ୍ରୀ ରଙ୍ଗଲାଲ ଜାମୁଡ଼ା, ପୂର୍ବତନ ଅଧକ୍ଷ, ଓଡ଼ିଶା ଖାଦ୍ୟ କମିଶନର ଯୋଗ ଦେଇ ଚିନ୍ତା ପ୍ରକଟ କରି କହିଥିଲେ ଯେ, ଗ୍ରାମାଂଚଳରେ ଶିଶୁ ଏବଂ ମହିଳା ଅଧିକ ମାତ୍ରାରେ ପୁଷ୍ଟିହୀନତାର ଶିକାର ହେଉଛନ୍ତି । ଏହିଭଳି ପରିପ୍ରେକ୍ଷୀରେ ଯେଉଁ ଫସଲରେ ପୁଷ୍ଟିସାର ଓ ଆଇରନ୍ ଭରି ରହିଛି, ତାହାକୁ ଆପଣାଇବା ଏବଂ ଖାଦ୍ୟରେ ଅଧିକ ମାତ୍ରରେ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଡ. ବିଦ୍ୟାଧର ମହାରଣା ଯୋଗ ଦେଇ କହିଥିଲେ ଯେ, ଜଳବାୟୁକୁ ଚାହିଁ ଆମକୁ ଫସଲ କରିବାକୁ ପଡ଼ିବ , ଫଳରେ ଆମକୁ ଅସୁବିଧା ହେବ ନାହିଁ। ନିଜର ଅଭିଜ୍ଞତାକୁ ଚାଷରେ ଗୁରୁତ୍ୱ ଦେବାକୁ ମତ ଦେଇଥିଲେ । ଶ୍ରୀମତୀ ବିଦ୍ୟା ଦାସ ମତ ଦେଇଥିଲେ ଯେ, ମାଟି ଯଦି ଧ୍ୱଂସ ହୋଇଯିବ, ତେବେ ଆମେ ମଧ୍ୟ ଧ୍ୱଂସ ହୋଇଯିବା। ମାଟିକି ବିଶେଷ କ୍ଷତି ନପହଂଚାବା, ସେଥିପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ । ଶ୍ରୀମତୀ ଦାସ ଅଗ୍ରଗାମୀର ଉଦାହରଣ ଉପସ୍ଥାପନା କରିଥିଲେ।

ବିଭିନ୍ନ ଅଧିବେଶନରେ ଏଥିସହିତ ମାଟିର କ୍ଷତି ନପହଂହଚାଇବା, ଜୈବିକ ପଦ୍ଧତିରେ ଚାଷ ଆପଣାଇବା, ପରିବେଶକୁ ଅନୁକୂଳ ହେବା ଭଳି ଫସଲରେ ପରିବର୍ତ୍ତନ, ପଶୁ ସଂପଦକୁ ଗୁରୁତ୍ୱ ଦେବା, ଆମ ପରିବେଶରେ ଯାହା ଅନୁକୂଳ ହେଉଛି ସେହିଭଳି ବିହନ ଏବଂ ଫସଲ କରିବା ଆଦିକୁ ଗୁରୁତ୍ୱ ଦେଇଥିଲେ। ଏଥିସହିତ ଜଳସମସ୍ୟା ଉପରେ ଆଲୋଚନା ହୋଇଥିଲା।

ବିଶିଷ୍ଟ ଜୈବିକ ଚାଷୀ ଶ୍ରୀ ନେତ୍ରାନନ୍ଦ ଲେଙ୍କା ନିଜର ୯ ଏକର ଜମିରେ କିପରି ଜୈବିକ ପଦ୍ଧତିରେ ଚାଷ କରି, ପଶୁସଂପଦ ସହିତ ପ୍ରାକୃତିକ ଉପାୟରେ ଚାଷ କରିବା ଦ୍ୱାରା କିପରି ଲାଭାନିତ୍ୱ ହେଉଛନ୍ତି ସେ ସମ୍ପର୍କରେ ନିଜର ଅନୁଭୂତି ଉପସ୍ଥାପନା କରିଥିଲେ । ଶ୍ରୀ ଲେଙ୍କା କହିଥିଲେ ଯେ, ପ୍ରାକୃତିକ ଉପାୟରେ ଚାଷ କରି ସେ ଅନେକ ଲାଭ ହୁଏ, ଫସଲ ଅମଳ ଭଲ ହୁଏ, ତାହା କରି ସେ ଉଦାହରଣ ସୃଷ୍ଟି କରିଛନ୍ତି ଯାହାକି ବିଭିନ୍ନ ଜିଲ୍ଲାରୁ ଆସିଥିବା କୃଷକମାନଙ୍କ ନିମନ୍ତେ ବେଶ୍ ପ୍ରେରଣାଦାୟକ ଥିଲା । ଉଦ୍‌ଯାପନୀ ଅଧିବେଶନରେ ଡ. ଅରବିନ୍ଦ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

ଟୁଇଟରରେ ଅନୁଷ୍କା ଶର୍ମାଙ୍କ ଦ୍ୱାରା ହାପି ଟୁଇଟ୍ ଅଭିଯାନ

ଭୁବନେଶ୍ୱର-ଦେଶର ଜନସାଧାରଣଙ୍କ ମଧ୍ୟରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ପାଇଁ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ଦ୍ୱାରା ହାପି ଟୁଇଟ୍ ଅଭିଯାନ ଆରମ୍ଭ ହୋଇଛି। ଏହା ଲୋକଙ୍କ ମଧ୍ୟରେ ଦୟା ଭାବନା ଉତ୍ପନ୍ନ କରିବାକୁ ସକ୍ଷମ ହେବ। ଲୋକମାନଙ୍କୁ ଏହି ଅଭିଯାନ ଅନ୍ତର୍ଗତ ସକାରାତ୍ମକ ଚିନ୍ତା, ମୁହୂର୍ତ୍ତ ତଥା ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିବାକୁ କୁହାଯାଉଛି।

ଏହି ଡିଜିଟାଲ ଅଭିଯାନ ଦ୍ୱାରା ଲୋକଙ୍କ ମୁହଁରେ ହସ ଫୁଟାଇବାର ପ୍ରୟାସ କରାଯାଉଛି। ତାଙ୍କର ଭିଡ଼ିଓ ମଧ ଏହି ଅଭିଯାନରେ ଶେୟାର କରାଯାଉଛି।

ଏହା ପୂର୍ବରୁ ଅନୁଷ୍କା ଚଳିତ ବର୍ଷ ଅଗଷ୍ଟ ମାସରେ ପ୍ରଥମ ହାପି ଟୁଇଟ୍ ଭିଡ଼ିଓ ଶେୟାର କରିଥିଲେ।

ଏହି ଅବସରରେ ଅନୁଷ୍କା ଶର୍ମା କହିଲେ, ଲଭ୍ ଆଣ୍ଡ ଲାଇଟ୍ ପ୍ରୋଜେକ୍ଟ ଲୋକଙ୍କ ମଧ୍ୟରେ ଆନନ୍ଦ ଓ ଖୁସି ବଢ଼ାଇବାକୁ ଚାହୁଁଛି। ବହୁ ଦିନ ମୁଁ ଟୁଇଟ୍ ଜାରି ରଖିଛି। ଲୋକଙ୍କ ମଧ୍ୟରେ ସକାରାତ୍ମକ ଚିନ୍ତାଧାରା ବୃଦ୍ଧି କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଲୋକେ ସୋସିଆଲ୍ ମିଡ଼ିଆ ସହାୟତାରେ ନିଜର ଭଲ ଚିନ୍ତାଧାରା ଏବଂ ଇମୋଶନ୍‌କୁ ଶେୟାର କରୁଛନ୍ତି। ଏହା ଦ୍ୱାରା ସମଗ୍ର ସମାଜରେ ଏକ ନୂଆ ପ୍ରଭାବ ସୃଷ୍ଟି ହେବାର ଆଶା ଉଦ୍‌ଜୀବିତ ହୋଇପାରିବ।

ଏହି ଅବସରରେ ଟୁଇଟର ଇଣ୍ଡିଆ ଏମ୍‌ଡି ମନିଶ୍ ମାହେଶ୍ୱରୀ କହିଲେ, ହାପି ଟୁଇଟ୍ ଅଭିଯାନ ଟୁଇଟର ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆମେ ଲୋକଙ୍କ ମଧ୍ୟରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି କରିବାର ପ୍ରୟାସ କରୁଛୁ।

ନୂଆ ବିଙ୍ଗୋ ଷ୍ଟାର୍ଟର୍ସ ଡାଲିରେ ପ୍ରସ୍ତୁତ ଚିପ୍‌ସ

ପୁରୀ: ବିଙ୍ଗୋ ! ଆଇଟିସି ଲିମିଟେଡ଼ର ଲୋକପ୍ରିୟ ସ୍ନାକ୍ସ ବ୍ରାଣ୍ଡ ଆଣିଛି ଏକ ନୂଆ ସ୍ନାକିଂ ରେଞ୍ଜ 'ବିଙ୍ଗୋ ! ଷ୍ଟାର୍ଟର୍ସ' କୋଟି କୋଟି ଲୋକଙ୍କ ପାଇଁ ଏକ ସ୍ୱାଦିଷ୍ଟ ଓ ସୁଆଦିଆ ସ୍ନାକ୍ସ ଅନୁଭୂତି। ପଲସ୍ ଚିପ୍ସ, ବିଙ୍ଗୋ! ଷ୍ଟାର୍ଟର୍ସ ଅଧୀନରେ ପ୍ରଥମ ଧରଣର ଉତ୍ପାଦ ଯାହା ପ୍ରଦାନ କରୁଛି ମୁସୁମୁସିଆ ଏବଂ ଲୋଭନୀୟ ବେକଡ୍ ଚିପ୍ସ ଯାହାକି ପଲସେସ୍ (ଡାଲି)ରୁ ତିଆରି ହୋଇଛି। ଏହି ଲୋଭନୀୟ ସ୍ନାକ୍ସରେ ମସଲା ଓ ଡାଲିର ଚମତ୍କାର ମିଶ୍ରଣର ଅତି ସୁଆଦିଆ ପ୍ରସ୍ତୁତି ରହିଛି। ପଲସ୍ ଚିପ୍ସ ସ୍ୱାସ୍ଥ୍ୟ ପାଇଁ ମଧ ହିତକର କାରଣ ଏହା ବେକ କରାଯାଇଛି ଓ ଡାଲିରୁ ତିଆରି ଯାହାକି ପ୍ରୋଟିନ୍ ଓ ଖାଦ୍ୟତନ୍ତୁର ଉତମ ସମାହାର। ସ୍ୱାଦ ସହିତ ସ୍ୱାସ୍ଥ୍ୟର ମିଳନ, ବିଙ୍ଗୋ! ଷ୍ଟାର୍ଟର୍ସ ହେଉଛି ଆଜିର ପିଢ଼ି ପାଇଁ ଏକ ମନଲୋଭା ସ୍ନାକ୍ସ, ଉପଯୁକ୍ତ 'କଳି ଯୁଗର ସ୍ନାକ୍ସ'।

ବିଙ୍ଗୋ ! ଷ୍ଟାର୍ଟର୍ସ ପଲସ୍ ଚିପ୍ସ ଚାରୋଟି ସ୍ୱାଦରେ ଉପଲବ୍ଧ। ପ୍ରତିଟି ସ୍ୱାଦରେ ରହିଛି ଅଲଗା ପ୍ରକାର - ଡାଲି -ମସଲା (ବୁଟ ଡାଲି), ପିପେରି (ହରଡ ଡାଲି), ମିଂଟି (ମୁଗ ଡାଲି) ଏବଂ ଚଟପଟା (ମସୁର ଡାଲି)। ଏହି ସ୍ୱାସ୍ଥ୍ୟକର ସ୍ନାକ୍ସର ଆକର୍ଷଣକୁ ଦୃଷ୍ଟିରେ ରଖି ବ୍ରାଣ୍ଡ ତରଫରୁ ବିଙ୍ଗୋ! ଷ୍ଟାର୍ଟର୍ସର ପ୍ରଥମ ଅଫର ହେଉଛି ପଲସ୍ ୱେଭସ୍ ଯାହାକି ଜେନ୍ ଜେଡ୍ ବା ନୂତନ ଯୁବପିଢ଼ିର ଶୁଖିଲା ଜଳଖିଆର ଆବଶ୍ୟକତାକୁ ଆକର୍ଷିତ କରିବ। ଏକ ନୂତନ ଅଭିଯାନ ସହିତ ଏକ ମଜାଦାର ଅବତାରରେ ଯୁବ ପିଢ଼ିର ଦୀପ୍ତିମାନ ଆଦର୍ଶ ରଣବୀର ସିଂହ ଏହି ବ୍ରାଣ୍ଡର ବୈଶିଷ୍ଟ୍ୟ ବିଷୟରେ ସୂଚନା ଦେବେ। ଏହି ନୂଆ ଉନ୍ମୋଚନ ବିଷୟରେ ମନ୍ତବ୍ୟ ଦେଇ, ଶ୍ରୀ ହେମନ୍ତ ମଲିକ, ଡିଭିଜନାଲ୍ ଚିଫ୍ ଏକଜିକ୍ୟୁଟିଭ୍ -ଫୁଡସ୍, ଆଇଟିସି ଲିମିଟେଡ୍ କହିଛନ୍ତି, ''ବିଙ୍ଗୋ ! ଷ୍ଟାର୍ଟର୍ସ ହେଉଛି ଏକ ଅଭିନବତା ଯାହାକି ଏକ ସ୍ୱାସ୍ଥ୍ୟକର ସ୍ନାକ୍ସ ବର୍ଗରେ ପ୍ରଥମ ଥର ପାଇଁ ଏହି ବ୍ରାଣ୍ଡକୁ ପ୍ରବେଶ କରାଇଛି ଯାହା ବ୍ୟାପକ ଆଦୃତି ଲାଭ କରିବ। ଏହି ପଲସ୍ ଚିପ୍ସ ସମସ୍ତ ଆଧୁନିକ ଓ ସାଧାରଣ ଟ୍ରେଡ୍ ଆଉଟଲେଟରେ ଭାରତ ବ୍ୟାପୀ ୨୪ ଗ୍ରାମର ପ୍ୟାକ୍ ୧୦ ଟଙ୍କାରେ, ୪୮ ଗ୍ରାମ୍, ୨୦ ଟଙ୍କାରେ, ୧୧୦ ଗ୍ରାମ୍, ୫୦ ଟଙ୍କାରେ ଏବଂ ୧୨ ଗ୍ରାମ୍ ୫ ଟଙ୍କାରେ ଉପଲବ୍ଧ ହେବ।

ସଂକଳ୍ପ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ ଡିସେମ୍ବର ୧୦ରୁ ଆରମ୍ଭ ହେବ

ଭୁବନେଶ୍ୱର: ଭୁବନେଶ୍ୱରରେ ତିନି ଦିନିଆ ସଂକଳ୍ପ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନୀ ଆରମ୍ଭ ହେବ ଯେଉଁଥିରେ ବିଶ୍ୱ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଶୀ, କୁଚିପୁଡ଼ି ଓ କଥକ ନୃତ୍ୟ ଶିଳ୍ପୀଙ୍କ ନୃତ୍ୟ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିବ। ମେଗା ସଂକଳ୍ପ ଶାସ୍ତ୍ରୀୟ ନୃତ୍ୟ ଉତ୍ସବକୁ ଡିସେମ୍ବର ୧୦ରେ ଭୁବନେଶ୍ୱରର ଭଞ୍ଜ କଳା ମଣ୍ଡପରେ ଓଡ଼ିଶାର ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀଯୁକ୍ତ ରଘୁନନ୍ଦନ ଦାସ ଉଦଘାଟନ କରିବେ। ସମନ୍ୱିତ ଓ ଅଂଶୀଦାର ଭିତିକ ବିକାଶ କ୍ଷେତ୍ରର ଜାତୀୟ ସଂଗଠନ ସଂକଳ୍ପ ତରଫରୁ ଏହି ଉତ୍ସବକୁ ଆୟୋଜନ କରାଯାଉଛି ଯେଉଁଥିରେ ଖ୍ୟାତନାମା ଶାସ୍ତ୍ରୀୟ ନୃତ୍ୟ ଶିଳ୍ପୀ ଏବଂ ପ୍ରତିଭାବାନ ଉଦୀୟମାନ ନୃତ୍ୟ ଶିଳ୍ପୀଙ୍କୁ ନୃତ୍ୟ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିବ।ଏହି ମେଗା କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଉପାଧୀ ପ୍ରାପ୍ତ ଓ ଓଡ଼ିଶୀ ନୃତ୍ୟ ବିଶାରଦା ଶ୍ରୀମତୀ କୁମକୁମ୍ ମହାନ୍ତି, ପଦ୍ମଶ୍ରୀ ଉପାଧୀ ପ୍ରାପ୍ତ ଓ କୁଚିପୁଡ଼ି ନୃତ୍ୟ ବିଶାରଦା ଡକ୍ଟର ଶୋଭା ନାଇଡୁ, କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଓ ଓଡ଼ିଶୀ ବିଶାରଦା ଶ୍ରୀମତୀ ଆଲୋକା କାନୁନ୍‌ଗୋ ଓ ବିଶିଷ୍ଟ ମୋହିନୀୟାତମ୍ ବିଶାରଦା ଶ୍ରୀମତୀ ପଲ୍ଲବୀ କ୍ରିଷ୍ଣନ ଅଂଶଗ୍ରହଣ କରିବେ।

ରାଂଚିରେ ଏକ ୬୦୦ ସିଟ୍ ବିଶିଷ୍ଟ ବିପିଓ ସ୍ଥାପନ କରିବା ଲାଗି ବେସିକ୍‌ଫାଷ୍ଟ ଓ ଝାଡ଼ଖଣ୍ଡ ସରକାରଙ୍କ ମଧ୍ୟରେ ଏମ୍‌ଓୟୁ

JHARKH D BPO/BPM SU MIT
Re fining BPO, Re-shap Lives

ଭୁବନେଶ୍ୱର: ରାଂଚିରେ ଏକ ୬୦୦ ସିଟ୍ ବିଶିଷ୍ଟ ବିପିଓ ସ୍ଥାପନ କରିବା ଲାଗି ଦେଶର ଅଗ୍ରଣୀ ଇ-ଲର୍ଣ୍ଣିଂ ସଂସ୍ଥା ବେସିକ୍‌ଫାଷ୍ଟ ପକ୍ଷରୁ ଝାଡ଼ଖଣ୍ଡ ସରକାରଙ୍କ ସୂଚନା ପ୍ରଯୁକ୍ତି ବିଭାଗ ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ସଫ୍‌ଟୱାର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ସହଯୋଗରେ ଏହି ବିପିଓ ସ୍ଥାପନ କରାଯିବ। ଏହା କାର୍ଯ୍ୟକ୍ଷମ ହେବା ପରେ ୧୪୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବେସିକ୍‌ଫାଷ୍ଟର ପୂର୍ବରୁ ବେଙ୍ଗାଲୁରୁରେ ଏକ ବିପିଓ ରହିଛି। ରାଚିଂ ପ୍ରକଳ୍ପ ହେଉଛି କଂପାନି ଦ୍ୱିତୀୟ ବିପିଓ। ଏହା ଦେଶର ବେସିକ୍ ଫାଷ୍ଟ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଭିତିକ ଓ ବୈଷୟିକ ସହାୟତା ଯୋଗାଇ ଦେବ। ଝାଡଖଣ୍ଡର ରାଂଚି ସହରରେ ଅଗଷ୍ଟ ୨୨ରେ ଆୟୋଜନ କରାଯାଇଥିବା ବିପି ଓ / ବିପିଏମ୍ ସମ୍ମିଳନୀ ୨୦୧୯ରେ ଏହି ବୁଝାମଣା ସ୍ୱାକ୍ଷର କରାଯାଇଛି। ରାଂଚି ଠାରେ କଂପାନି ସ୍ଥାପନ କରୁଥିବା ବିପିଓ ଜରିଆରେ ଛାତ୍ରଛରତ୍ରୀମାନଙ୍କୁ ୨୪ ଘଂଟା ସହାୟତା ପ୍ରଦାନ କରିବ। ନୂଆ ଓ ପୁରୁଣା ଛାତ୍ରଛାତ୍ରୀଙ୍କୁ ନେଇ ସୃଷ୍ଟି ହେଉଥିବା ଚାହିଦା ସହ ଏହି ନୂଆ ବିପିଓ ଏହାର ବ୍ୟବହାରକାରୀଙ୍କ ଆଶା ଠାରୁ ଆଗକୁ ବଢ଼ିବାରେ ବେସିକ୍ ଫାଷ୍ଟ ପାଇଁ ସହାୟକ ହେବ। ଏହି ନୂତନ ବ୍ୟବସ୍ଥାରେ ଆଧୁନିକ ପ୍ରଯୁକ୍ତି ବ୍ୟବହାର କରାଯାଇଛି। ଏହା ଜରିଆରେ ବେସିକ୍ ଫାଷ୍ଟ ଛାତ୍ରଛାତ୍ରୀଙ୍କ ସମସ୍ତ ପ୍ରକାର ଦ୍ୱନ୍ଦ୍ୱ ଦୂର କରିବ। ବେସିକ୍ ଫାଷ୍ଟ ହେଉଛି ଦେଶର ଦ୍ରୁତ ଅଭିବୃଦ୍ଧିଶୀଳ ଶିକ୍ଷା-ପ୍ରଯୁକ୍ତି ପ୍ଲାଟଫର୍ମ ଯାହା ଭାରତର ୧୮ଟି ସ୍ଥାନରେ ଉପସ୍ଥିତ ଅଛି ଏବଂ ଏହାର ୭୦୦ ପାଖାପାଖି କର୍ମଚାରୀ ରହିଛନ୍ତି। ଏହାର କାର୍ଯ୍ୟାଳୟ ସିଙ୍ଗାପୁର ଓ ଦୁବାଇରେ ରହିଛି। ଏହି ଅବସରରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ କହିଛନ୍ତି ଯେ, "ଝାଡ଼ଖଣ୍ଡର ପାଣିପାଗ ବେଙ୍ଗାଲୁରୁ ଭଳି ଏବଂ ସରକାର ସୁବିଧା ଓ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନେକ ଲୋକ ଏବଂ କଂପାନି ବେଙ୍ଗାଲୁରୁ ଯାଉଛନ୍ତି। ସେହି କଂପାନିଗୁଡ଼ିକୁ ଝାଡ଼ଖଣ୍ଡ ଆସିବାକୁ ପଡ଼ିବ। ସେ ଏହା ମଧ୍ୟ କହିଛନ୍ତି ଯେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା କଂପାନିଗୁଡ଼ିକର ପ୍ରତିନିଧିଙ୍କ ସହ ସରକାର ନିୟମିତ ବୈଠକ କରିବେ ଏବଂ ସେମାନଙ୍କ ସମସ୍ୟାର ସମାଧାନ କରିବେ।''ସେହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁନିଲ ବର୍ଣ୍ଣୱାଲ କହିଛନ୍ତି ଯେ, "ରାଜ୍ୟରେ ପ୍ରତିଦିନ ସୁଯୋଗ ବୃଦ୍ଧି ପାଉଛି। ସମସ୍ୟାଗୁଡ଼ିକୁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ସମାଧାନ କରାଯାଉଛି। ବେସିକ୍ ଫାଷ୍ଟ ଭଳି କଂପାନି ଛାତ୍ରଛାତ୍ରୀଙ୍କ ସହିତ କାମ କରୁଛନ୍ତି। ଏହା ବହୁତ ଖୁସିର କଥା ଯେ ସେହି କଂପାନି ହେଉଛି ଝାଡ଼ଖଣ୍ଡର।''

ଏହି ଅବସରରେ ଶ୍ରୀଯୁକ୍ତ ରଣଧୀର କୁମାର, ପ୍ରତିଷ୍ଠାତା ଓ ସିଇଓ, ବେସିକ୍ ଫାଷ୍ଟ କହିଛନ୍ତି ଯେ, "ଆରମ୍ଭରୁ ଝାଡଖଣ୍ଡ ସରକାର ବେସିକ୍ ଫାଷ୍ଟକୁ ସହଯୋଗ କରୁଛନ୍ତି ଏବଂ ରାଜ୍ୟର ଅଭିବୃଦ୍ଧି ଓ ବିକାଶ ଲାଗି ମାନ୍ୟବର ମୁଖ୍ୟମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ମୁଁ ପ୍ରଶଂସା କରୁଛି। ତାଙ୍କ ସମର୍ଥନ ଏହି ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସୁଦୂର ପ୍ରସାରୀ ସାବ୍ୟସ୍ତ ହେବ। ବିଭିନ୍ନ ବିଷୟକୁ ବୁଝିବାରେ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କ ଦ୍ୱନ୍ଦ୍ୱ ଦୂର କରିବା ପ୍ରତି ସର୍ବଦା ମୋର ଆଗ୍ରହ ରହିଛି। ପ୍ରଯୁକ୍ତିର ଅଭ୍ୟୁଦୟ ସହିତ ଏବେ ଛାତ୍ରଛାତ୍ରୀମାନେ ଯାହା ସ୍କୁଲରେ କରିପାରିନଥିଲେ ତାହାକୁ ବିଶେଷଜ୍ଞଙ୍କ ସହାୟତାରେ ନିଜ ସୁବିଧାରେ ବାସ୍ତବ ସମୟରେ ସେମାନଙ୍କ ଦ୍ୱନ୍ଦ୍ୱର ସମାଧାନ କରିପାରୁଛନ୍ତି। ପ୍ରଶ୍ନକୁ ଅନୁଶୀଳନ କରିବା ଏବଂ ସେହି ଅନୁସାରେ ଉତର ଯୋଗାଡ଼ କରିବାରେ କୃତ୍ରିମ ବୁଦ୍ଧିମତା ଆମ ପାଇଁ ବେଶ ସହାୟକ ହୋଇଛି। ଆମେ ପ୍ରଯୁକ୍ତିକୁ ବ୍ୟବହାର କରି ଯୁବପିଢ଼ିଙ୍କୁ ନିଯୁକ୍ତିକ୍ଷମ କରିପାରୁଛୁ।''

ନିସାନ୍ ଇଣ୍ଡିଆ ପକ୍ଷରୁ ରେଡ଼ ଉୟିକେଣ୍ଡସ

ଭୁବନେଶ୍ୱର: ନିସାନ ଇଣ୍ଡିଆ ପକ୍ଷରୁ ଗ୍ରାହକ ପ୍ରୋତ୍ସାହନ ପଦକ୍ଷେପ, 'ରେଡ଼ ଉୟିକେଣ୍ଡସ'ର ଶୁଭାରମ୍ଭ କରାଯାଇଛି। ଉକ୍ତ ଅଭିଯାନ ଅନ୍ତର୍ଗତ ଗ୍ରାହକମାନେ ଚଳିତ ଡ଼ିସେମ୍ବରରେ ଯେକୌଣସି ନିସାନ୍ ଡ଼ିଲରସିପକୁଯାଇ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକଳାପରେ ଅଂଶଗ୍ରହଣକରି ବ୍ରାଣ୍ଡେଡ୍ ମର୍ଚ୍ଚେଣ୍ଡାଇଜ୍ ଜିତିପାରିବେ । ରେଡ଼ ଉୟିକେଣ୍ଡସରେ ଗ୍ରାହକମାନେ ନିସାନ୍ ଏବଂ ଡ଼ାଟସନ୍ ମଡ଼େଲ ଉପରେ ୧କୋଟି ଟଙ୍କାର ଇନଷ୍ଟାଣ୍ଟ ଭାଉଚର ମଧ ପାଇପାରିବେ ।ଏହି ପରିପ୍ରେକ୍ଷୀରେ ନିସାନ୍ ମୋଟର ଇଣ୍ଡିଆ ପ୍ରାଇଭେଟ୍ ଲିଃ. ପକ୍ଷରୁ ଏହାର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ, ରାକେଶ ଶ୍ରୀବାସ୍ତବ କହିଛନ୍ତିଯେ, 'ନିସାନ୍ ଏକ ଗ୍ରାହକ କୈନ୍ଦ୍ରିକ ବ୍ରାଣ୍ଡ ହିସାବରେ ରେଡ୍ ଉୟିକେଣ୍ଡସ୍ ମାଧ୍ୟମରେ ଗ୍ରାହକ ମାନଙ୍କୁ ସର୍ବୋତ୍କୃଷ୍ଟ ମୂଲ୍ୟ ପ୍ରଦାନ କରୁଛି। ଚଳିତ ନବ ବର୍ଷକୁ ଏକ ଅଭିନବ ଉପାୟରେ ପାଳନ କରିବା ପାଇଁ କମ୍ପାନୀ ପକ୍ଷରୁ ଗ୍ରାହକ ମାନଙ୍କୁ ପ୍ରଥମ ଥର ପାଇଁ ନିସାନ୍ ଏବଂ ଡ଼ାଟସନ୍‌ରେ ଉତ୍କୃଷ୍ଟ ଫାଇନାନ୍ସ ସୁବିଧା ଯେପରିକି ୩୬ ମାସ ପାଇଁ ୬.୯୯% ହାରରେ ପ୍ରଦାନ କରୁଛି ।'କମ୍ପାନୀ ପକ୍ଷରୁ ଗ୍ରାହକ ମାନଙ୍କୁ ସମ୍ପୂର୍ଣ୍ଣ ମାନସିକ ଶାନ୍ତି ପ୍ରଦାନ କରିବା ପାଇଁ ନିସାନ୍ ଇଣ୍ଡିଆ ପକ୍ଷରୁ ନିସାନ୍ କିକ୍ସ ଉପରେ ୨୦,୫୦୦ ଟଙ୍କା ମୂଲ୍ୟର ସମ୍ପ୍ରସାରିତ ୱାରେଣ୍ଟି ପ୍ରଦାନ କରୁଛି ।

ଗେନୱେଲ କମୋସେଲସ୍‌କୁ ଉନ୍ନତି ପାଇଁ ଏଲ୍‌ଇଇଡି ପ୍ଲାଟିନମ୍ ପୁରସ୍କାର

ଭୁବନେଶ୍ୱର: ଭାରତର ଉତ୍ତର ଓ ପୂର୍ବ, ନେପାଳ ଓ ଭୂଟାନ ପାଇଁ କ୍ୟାଟରପିଲାର ଇକ୍ୱିପ୍‌ମେଂଟ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ଗେନ୍‌ୱେଲ୍ କମୋସେଲ୍‌ସ୍ ପ୍ରାଇଭେଟ୍ ଲିମିଟେଡ୍ (ଗେନୱେଲ)କୁ ଗ୍ରେଟର ନୋଏଡାରେ ଥିବା ଉତ୍କୃଷ୍ଟ ମାନର କାରଖାନା ଉନ୍ନତି ପାଇଁ ୟୁଏସ ଗ୍ରିନ୍ ବିଲଡିଂ କାଉନ୍‌ସିଲ୍ ତରଫରୁ ଏଲ୍‌ଇଇଡି (କିମ୍ବା ଲିଡରସିପ୍ ଇନ୍ ଏନର୍ଜି ଆଣ୍ଡ୍ ଏନର୍ଭାରମେଂଟ୍ ଡିଜାଇ) ପ୍ଲାଟିନମ୍ ମାନ୍ୟତା ହାସଲ କରିଛି। ଏହି ସ୍ୱୀକୃତି ସହିତ ଭାରତର ପ୍ରଥମ ଏଲଇଇଡି ଭି୪ ବିଡି+ସି: ଏନସି ପ୍ଲାଟିନମ ପ୍ରକଳ୍ପ ଓ ଏସିଆର ଦ୍ୱିତୀୟ ଭାବେ ନିର'ରତା ପାଇଁ ଗେନୱେଲର ଉଦ୍ୟମ ପ୍ରତି ଉନ୍ନତି ମାନଦଣ୍ଡ ହାସଲ କରିଛି। ଏଲଇଇଡି ଭି୪ ବିଡି+ସି: ଏନ୍‌ସିରେ ବିଶ୍ୱ ସ୍ତରରେ ୮୯ ପଏଂଟ ସ୍କୋର ସହ ଉନ୍ନତି ସର୍ବାଧିକ ପଏଂଟ୍ ହାସଲ କରିଛି।୨୦୧୬ ଅଗଷ୍ଟରେ କ୍ୟାଟରପିଲାର ଆଇଏନ୍‌ସିର ବର୍ତ୍ତମାନର ଅଧ୍ୟକ୍ଷ ଶ୍ରୀଯୁକ୍ତ ଜେମସ୍ ଡି ଉପ୍ଲେବାଏ ଏହି ପରିସରର ଭିତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ୨୦୧୮ ଫେବ୍ରୁଆରିରେ ଏହି କମ୍ପ୍ଲେକ୍ସର ପ୍ରଥମ ପର୍ଯ୍ୟାୟକୁ ସେହି ସମୟରେ କ୍ୟାଟରପିଲାରର ଶକ୍ତି ଓ ପରିବହନ ବ୍ୟବସାୟର ଗ୍ରୁପ୍ ସଭାପତି ଶ୍ରୀଯୁକ୍ତ ଥୋମାସ୍ ଏ ପେଲେଟି ଉଦ୍‌ଘାଟନ କରିଥିଲେ। 'ଭିତିଭୂମି ସୃଷ୍ଟି କରିବା, ପରିବହନ ସମାଧାନ ପ୍ରଦାନ କରିବା ଏବଂ ଦେଶର ଲୋକମାନଙ୍କ ଶକ୍ତି ଆବଶ୍ୟକତା ପୂରଣ କରିବାରେ ୭୫ ବର୍ଷର ଗଭୀର ଅଭିଜ୍ଞତାକୁ ଆମେ ପାଳନ କରୁଥିବା ବେଳେ ଭବିଷ୍ୟତ ଏକ ନିର'ର ପୃଥିବୀ ନିମନ୍ତେ ଆମେ କରୁଥିବା ଉଦ୍ୟମକୁ ସ୍ୱୀକୃତି ମିଳିଥିବାରୁ ଆମେ ଗର୍ବିତ।,'' ବୋଲି ସୁନିଲ ଚର୍ତ୍ତୁବେଦୀ, ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, ଗେନ୍‌ୱେଲ କହିଛନ୍ତି। 'ନିର'ରତା ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ଠାରୁ ଏଲଇଇଡି ସାର୍ଟିଫିକେସନ ହାସଲ କରିବା ଆହୁରି ଅଧିକ ବଡ଼। ବିଶ୍ୱକୁ ଏକ ଉନ୍ନତ ସ୍ଥାନରେ ପରିଣତ କରିବା ଏବଂ ଅନ୍ୟମାନଙ୍କୁ ସେଭଳି କରିବା ପାଇଁ ପ୍ରଭାବିତ କରିବାର ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି।''ବୋଲି ଶ୍ରୀଯୁକ୍ତ ଗୋପାଳା କ୍ରିଷ୍ଣନ ପି, ଆଂଚଳିକ ନିର୍ଦ୍ଦେଶକ, ଏସିଆ ପାସିଫିକ୍ ଆଣ୍ଡ୍ ମିଡିଲ ଇଷ୍ଟ ରିଜିଅନ୍, ଜିବିସିଆଇ ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ରହିଛି।' ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଶ୍ରୀମତୀ ମୀନା ଚର୍ତ୍ତୁବେଦୀ, ଯୁଗ୍ମ ପରିଚାଳନା ନିର୍ଦ୍ଦେଶିକା, ଗେନୱେଲ, ଶ୍ରୀଯୁକ୍ତ ଗୌରବ ମୁଖିଜା, ଆଂଚଳିକ ପ୍ରବନ୍ଧକ, ଜିବିସିଆଇ ସହିତ ଶ୍ରୀଯୁକ୍ତ ଅଶୋକ ବି ଲାଲ, ବିଲଡିଂ ଆର୍କିଟେକ୍ ଆଣ୍ଡ୍ ଡିଜାଇନର୍, ଶ୍ରୀଯୁକ୍ତ ଅକ୍ଷୟ ସେଠି, ନିର୍ଦ୍ଦେଶକ, କ୍ଷେଲାର ଗ୍ରୁପ୍ ଅଫ୍ କଂପାନିଜ୍ ଏବଂ ଗେନ୍‌ୱେଲ ଓ କ୍ୟାଟରପିଲାର୍‌ର ଅନ୍ୟ ସମସ୍ୟମାନେ ଉପସ୍ଥିତ ଥିଲେ।

ଗୋଦରେଜ୍ ଲକ୍‌ସର ସୁରକ୍ଷା ଚର୍ଚ୍ଚା

ଭୁବନେଶ୍ୱର,: ଏହି ବିଶ୍ୱ ବରିଷ୍ଠ ନାଗରିକ ଦିବସରେ ଗୋଦରେଜ୍ ଲକ୍ସ ପକ୍ଷରୁ ସର୍ବଭାରତୀୟ ସ୍ତରରେ ବରିଷ୍ଠ ନାଗରିକଙ୍କୁ ଘରର ସୁରକ୍ଷା ବିଷୟରେ ସଚେତନ କରିବା ଲାଗି ସୁରକ୍ଷା ଚର୍ଚ୍ଚା ଆରମ୍ଭ କରାଯାଇଛି। କଂପାନିର ହର ଘର ସୁରକ୍ଷିତ ଅଭିଯାନର ଏହା ଏକ ଅଂଶ। ଏହି ସଚେତନତା ଅଭିଯାନରେ ବରିଷ୍ଠ ନାଗରିକଙ୍କୁ ଘରର ସୁରକ୍ଷା ବିଷୟରେ ସଚେତନ କରିବା ଲାଗି କଂପାନି ପକ୍ଷରୁ ଭାବ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଦିଲ୍ଲୀ, ମୁମ୍ବାଇ, ପୁନେ, ଚେନ୍ନାଇ, ହାଇଦ୍ରାବାଦ, ଚଣ୍ଡିଗଡ଼, କୋଲକାତା ଓ ବେଙ୍ଗାଲୁରୁରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହା ଜରିଆରେ କଂପାନି ୧୦୦୦ରୁ ଅଧିକ ବରିଷ୍ଠ ନାଗରିକଙ୍କ ପାଖରେ ପହଂଚିବାକୁ ଲକ୍ଷ୍ୟ ରଖିଛି। କଂପାନିର ହର ଘର ସୁରକ୍ଷିତ ରିପୋର୍ଟରୁ ଜଣାପଡ଼ିଛି ଯେ ୬୪% ଭାରତୀୟ ଘରର ସୁରକ୍ଷାକୁ ନେଇ ସଚେତନ ନୁହନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ରିପୋର୍ଟ ଅନୁଯାୟୀ, ୨୦୧୬ରେ ୨୧,୪୧୦ ବରିଷ୍ଠ ନାଗରିକ ଅପରାଧର ଶିକାର ହୋଇଥିଲେ। ୨୦୧୮ରେ କଂପାନି ପକ୍ଷରୁ ନଭେମ୍ବର ୧୫କୁ ଗୃହ ସୁରକ୍ଷା ଦିବସ ଭାବେ ପାଳନ କରାଯାଇଥିଲା। ଭାରତରେ ଥିବା ବିଭିନ୍ନ ବରିଷ୍ଠ ନାଗରିକ ସଂଘ ସହ ମିଶି ସୁରକ୍ଷା ଚର୍ଚ୍ଚା ଆୟୋଜନ କରିବାକୁ କଂପାନି ନିଷ୍ପତି ନେଇଛି। ଏହି ଅଭିଯାନ ସମ୍ପର୍କରେ ଶ୍ୟାମ ମୋତୱାନି, ଏକ୍‌ଜିକ୍ୟୁଟିଭ୍ ଭାଇସ୍ ପ୍ରେସିଡେଂଟ୍ ଆଣ୍ଡ ବିଜନେସ୍ ହେଡ୍, ଗୋଦରେଜ୍ ଲକ୍ସ କହିଛନ୍ତି ଯେ, "ବିଶ୍ୱର ଓ ସୁରକ୍ଷା ସହ ସମ୍ପର୍କ ରଖୁଥିବା ଏକ ବ୍ରାଣ୍ଡ୍ ଭାବେ ଆମେ ବୟସ୍କର ସାମଗ୍ରିକ ନିରାପତା ଆବଶ୍ୟକତା ବିଷୟରେ ଜାଣିଛୁ। ସୁରକ୍ଷା ଚର୍ଚ୍ଚା କାର୍ଯ୍ୟକ୍ରମ ଜରିଆରେ ଆମେ ସେମାନଙ୍କୁ ଘର ଭିତରେ ଓ ବାହାରେ ନିଜେ କିଭଳି ସୁରକ୍ଷିତ ରହିହେବ ତାହା ଜଣାଇବୁ। ଏହା ସହିତ, ଘରକୁ ବରିଷ୍ଠ ନାଗରିକ ଅନୁକୂଳ କରିବା ଲାଗି ଆମେ ପରିବାରଗୁଡ଼ିକୁ ଅନୁପ୍ରାଣିତ କରିବୁ। ଆମର ବିଶ୍ୱାସ ରହିଛି ଯେ ଏହି କାର୍ଯ୍ୟକ୍ରମ ଜରିଆରେ ଆମେ ୧୦୦୦ରୁ ଅଧିକ ବରିଷ୍ଠ ନାଗରିକଙ୍କୁ ନିଜ ଓ ଘରର ସୁରକ୍ଷା ଲାଗି ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ଉତମ ଭାବେ ପ୍ରସ୍ତୁତ ରହିବା ଲାଗି ସଶକ୍ତ କରାଇବୁ।''

ଏହି ଅଭିଯାନର ପ୍ରାରମ୍ଭିକ କାର୍ଯ୍ୟକ୍ରମକୁ ସମନ୍ୱୟ ବରିଷ୍ଠ ନାଗରିକ ସଂଘ ସହଯୋଗରେ ମୁମ୍ବାଇରେ ଆୟୋଜନ କରାଯାଇଥିଲା ଯେଉଁଥିରେ ୭୦ରୁ ଅଧିକ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ଏହି ଅଭିଯାନ ସମ୍ପର୍କରେ ପ୍ରକାଶ ବୋରଗାଓଁକର, ନିର୍ଦ୍ଦେଶକ, ହେଲ୍‌ପଏଜ୍ ଇଣ୍ଡିଆ କହିଛନ୍ତି ଯେ, ଭାରତ ଏକ ଦୃଢ଼ ବିକାଶଶୀଳ ଦେଶରେ ପରିଣତ ହେଉଥିବା ବେଳେ ଯୁବକମାନେ ଅଧିକ ବେତନ ଓ ଚାହିଦାରେ ଥିବା ନିଯୁକ୍ତି ପ୍ରତି ଆକର୍ଷିତ ହେଉଥିବାରୁ ପରିବାରଗୁଡ଼ିକ ଅଧିକ ଅଣୁ ଆକାର ହୋଇଯାଉଛି ଯେଉଁଠାରେ ବରିଷ୍ଠ ନାଗରିକମାନେ ନିଜ କଥା ନିଜେ ସମ୍ଭାଳୁଛନ୍ତି। ଏଥିପାଇଁ ସେମାନେ ଅପରାଧର ଶିକାର ହେଉଛନ୍ତି। ସେଥିପାଇଁ ସେମାନଙ୍କୁ ଅପରାଧ ବିଷୟରେ ସଚେତନ କରିବାର ଆବଶ୍ୟକତା ରହିଛି। ଗୋଦରେଜ୍ ଲକ୍ସର ଏହି ଅଭିଯାନକୁ ମୁଁ ବହୁତ ପ୍ରଶଂସା କରୁଛି।''

ମହିଳାମାନଙ୍କର ମୂତ୍ରାଶୟ ଜନିତ ରୋଗ ସମ୍ପର୍କରେ ସଚେତନତା

କଟକ: କେବେ କେବେ ସକ୍ରିୟ ମୂତ୍ରାଶୟ (ଓଏବି)ରୁ ଅଧିକ ବୟସ୍କ ଲୋକମାନଙ୍କର ଚିକିତ୍ସା ସ୍ଥିତି ଉପରେ ବିଚାର କରାଯାଉଥିଲା, ଯେବେକି ଏହା ବର୍ତ୍ତମାନ ଉଭୟ ଯୁବ ପୁରୁଷ ଏବଂ ମହିଳା ମାନଙ୍କ କ୍ଷେତ୍ରରେ ଦେଖାଯାଉଛି । ଏହି ପରିବର୍ତ୍ତନୀୟ ପରିସ୍ଥିତି ସହିତ ଏକ ସାମାନ୍ୟ ସ୍ଥିତି ଅଟେ, ଯେଉଁଥିରେ ବୟସ୍କ ମାନଙ୍କ କ୍ଷେତ୍ରରେ ଆନୁମାନିକ ୬ ଜଣ ଏଥିରେ ଆକ୍ରାନ୍ତ ହୋଇଥିବାବେଳେ ଏହା ବୟସ ଅନୁସାରେ ବୃଦ୍ଧି ପାଇଥାଏ । ସହର ଭିତ୍ତିକ ୟୁରୋଲୋଜିଷ୍ଟମାନେ କୁହନ୍ତି ଯେ, ମହିଳା ରୋଗୀମାନେ ପାଖାପାଖି ୪୦ ବର୍ଷ ବୟସରେ ଉକ୍ତ ରୋଗରେ ଆକ୍ରା' ହେଉଥିବାର ଦେଖାଯାଇଥାଏ । ଉକ୍ତ ରୋଗରେ ଆକ୍ରାନ୍ତ ରୋଗୀମାନେ ଅଧିକାଂଶ ସମୟ ଅଭିଯୋଗ କରିଥାନ୍ତିକି, ସେମାନେ ହସିବା ସମୟରେ, ଛିଙ୍କିବା ସମୟରେ ଏବଂ ଅନ୍ୟ କାମ କରିବା ସମୟରେ ମୂତ୍ରାଶୟରେ ଚାପ ପଡ଼ିବା ସହିତ ପରିସ୍ରା ମଧ ବାହାରି ଆସିଥାଏ। ୟୁରୋଲୋଜିଷ୍ଟ (ପ୍ରଫେସର) ଡ଼ା. ଏଲ କେ ସାହୂ, ଅବସରପ୍ରାପ୍ତ ଏଚଓଡ଼ି, ୟୁରୋଲୋଜି, ଏସସିବି ମେଡ଼ିକାଲ କଲେଜ, କଟକ କହିଛ଼ନ୍ତିଯେ, 'ପୁରୁଷ ମାନଙ୍କ ତୁଳନାରେ ମହିଳାମାନଙ୍କ କ୍ଷେତ୍ରରେ ଏହି ସ୍ଥିତି ହେଉଛି ଏକ ସାଧାରଣ ଘଟଣା, ଯେବେକି ମୂତ୍ରାଶୟ ମସଲ ଗୁଡ଼ିକ ଗର୍ଭାବସ୍ଥା ସମୟରେ ପ୍ରଭାବିତ ହେବା ସହିତ ମହିଳା ମାନଙ୍କ ବ୍ୟତୀତ ଶିଶୁ ଜନ୍ମ ସମୟରେ ଏକ ଛୋଟ ମୂତ୍ର ମାର୍ଗ ରହିଥାଏ।' ବିଶ୍ୱସ୍ତରରେ ଏଥି ସମ୍ପର୍କରେ ଜାଗରଣ ସୃଷ୍ଟି କରିବା ନିମନ୍ତେ ପ୍ରତ୍ୟେକ ବର୍ଷ ୱାଲ୍ଡ କଣ୍ଟିନେନ୍ସ ସପ୍ତାହ ପାଳନ କରାଯାଇଥାଏ। ଚଳିତ ବର୍ଷ ଉକ୍ତ ସପ୍ତାହ ଜୁନ୍ ୧୭ ରୁ ଜୁନ୍ ୨୩ ମଧ୍ୟରେ ପାଳନ କରାଯିବାର ବ୍ୟବସ୍ଥା ରହିଛି । 'ଆପଣମାନେ ପ୍ରତ୍ୟେକ ଦିନ କେତେ ଥର ଏବଂ କେତେ ପରିମାଣର ପରିସ୍ରା ତ୍ୟାଗ କରୁଛ଼ନ୍ତି ଏବଂ ପ୍ରତ୍ୟେକ ଥର ପରିସ୍ରା ତ୍ୟାଗ କରିବା ସମୟରେ କ୍ଲା' ଅନୁଭବ କରୁଛ଼ନ୍ତି ତାକୁ ଧ୍ୟାନ ଦେବା ଆବଶ୍ୟକ । ଯଦି ବାରମ୍ବାରତା ଏବଂ ଶିଘ୍ରତା ବୃଦ୍ଧି ପାଏ, ତେବେ ବିଶେଷଜ୍ଞଙ୍କ ଅନୁଯାୟି ଯଥାଶିଘ୍ର ଡ଼ାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ । ଡ଼ଃ. ଏଲ କେ ସାହୂ କହିଛ଼ନ୍ତିଯେ, 'କେତେକ କ୍ଷେତ୍ରରେ ଏହା ମଧ ଦେଖାଯାଏକି, ମୂତ୍ରାଶୟ ରୋଗ ବେଳେବେଳେ ଏତେ ସାଂଘାତିକ ହୋଇଯାଏଯେ, ରୋଗୀଟି ଶୌଚାଳୟ ପହଞ୍ଚିବା ପୂର୍ବରୁ ହିଁ ତାର ପରିସ୍ରା ଲିକ୍ ହୋଇଯାଇଥାଏ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray